cmyk cmyk cmyk

79th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୯ବର୍ଷ ❑ ସଂଖ୍ୟା-୨୫୯ ● କଟକ ● ଶନିବାର ● ୨୫ ଏପ୍ରିଲ୍-୨୦୨୬ ● ମେଷ-୨୫ ● ସାଲ୍-୧୪୩୧
CUTTACK ● SATURDAY ● 25 APRIL-2026 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

# 'ଆପ୍'ରେ ମହା ବିସ୍ଫୋରଣ

## ବିଜେପିରେ ମିଶିଲେ ରାଘବ ଚଢ୍ଢାଙ୍କ ସହ ୩ ସାଂସଦ



**ନୂଆଦିଲ୍ଲୀ,(ଏଜେନ୍ସି):** ଯାହା ଆଶା କରାଯାଉଥିଲା ସେଇଆ ହୋଇଛି। ଶେଷରେ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ଆପ୍‌କୁ ବାଏବାଏ କହିଛନ୍ତି ପଞ୍ଜାବରୁ ରାଜ୍ୟସଭାକୁ ଯାଇଥିବା ରାଘବ ଚଢ୍ଢା। ତାଙ୍କ ସହ ଆପ୍‌ରୁ ଇସ୍ତଫା ଦେଇଛନ୍ତି ଦଳର ଆଉ ୭ସାଂସଦ। ପଞ୍ଜାବରୁ ରାଜ୍ୟସଭାକୁ ଯାଇଥିବା ସନ୍ଦୀପ ପାଠକ ଓ ଅଶୋକ ମିତ୍ତଲ ମଧ୍ୟ ଆପ୍ ଛାଡ଼ି ଦେଇଛନ୍ତି। ଏହାବାଦ୍ ହରଭଜନ ସିଂହ, ସ୍ୱାତୀ ମାଲିଓ୍ୱାଲ, ରାଜିନ୍ଦର ଗୁପ୍ତା, ବିକ୍ରମଜିତ ସିଂହ ସାହାଣୀ ଆପ୍ ଛାଡ଼ି ଦେଇଥିବା ଜଣାପଡ଼ିଛି। ରାଘବ, ଅଶୋକ, ସନ୍ଦୀପ, ହରଭଜନ, ରାଜିନ୍ଦର ଓ ବିକ୍ରମଜିତ ପଞ୍ଜାବରୁ ରାଜ୍ୟସଭାକୁ ଯାଇଛନ୍ତି। ସେହିପରି ସ୍ୱାତୀ ମାଲିଓ୍ୱାଲ ଦିଲ୍ଲୀରୁ ରାଜ୍ୟସଭାକୁ ଯାଇଥିଲେ। ରାଜ୍ୟସଭାରେ ଆପ୍‌ର ମୋଟ୍ ୧୦ଜଣ ସାଂସଦ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଏବେ ୭ଜଣ ଦଳ ଛାଡ଼ି ଦେଇଛି। ରାଜ୍ୟସଭାରେ ଦଳପକ୍ଷରୁ ଏବେ ସଞ୍ଜୟ ସିଂହ, ଏନ୍‌ଡି ଗୁପ୍ତା ଓ ବଲବୀର ସିଂହ ସିଚ୍ଚେଓ୍ୱାଲ ରହିଛନ୍ତି। ଆପ୍ ଛାଡ଼ିବାର କିଛି ଘଣ୍ଟା ପରେ ବିଜେପିରେ ମିଶିଛନ୍ତି ରାଘବ। ତାଙ୍କ ସହ ସନ୍ଦୀପ ପାଠକ ଓ ଅଶୋକ ମିତ୍ତଲ ମଧ୍ୟ ବିଧିବଦ୍ଧ ଭାବେ ପଦ୍ମ ଧରିଛନ୍ତି। ଆପ୍‌ର ୧୦ଜଣ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ୭ଜଣ ଦଳ ଛାଡ଼ିଥିବା ରାଘବ ପ୍ରଥମେ ସାମ୍ବାଦିକ ସମ୍ମିଳନୀ କରି କହିଥିଲେ। ଏହାପରେ କିନ୍ତୁ ୩ଜଣ ବିଜେପି ମୁଖ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସେମାନଙ୍କୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନ ନିଜ ହାତରେ ମିଠା ଖୁଆଇଛନ୍ତି। ସେମାନଙ୍କୁ ଫୁଲ ତୋଡ଼ା ଦେଇ ସ୍ୱାଗତ କରିଛନ୍ତି। ଏଥିସହ ଏକାଠି ଆପ୍ ପରିତ୍ୟାଗ କରିଥିବା ୩ ସାଂସଦଙ୍କ ସହ ଫଟୋ ମଧ୍ୟ ଉଠାଇଛନ୍ତି। ରାଘବ ଚଢ୍ଢା ମଧ୍ୟ ବିଜେପିରେ ମିଶିବା ପରେ ଖୁସିରେ ଗଦଗଦ ହୋଇ ଯାଇଛନ୍ତି। ଆଗକୁ ଆଉ ୪ଜଣ ପଦ୍ମଧରିବେ ବୋଲି ଜଣାପଡ଼ିଛି। ରାଘବ ନିଜର ଇସ୍ତଫା ସମ୍ପର୍କରେ ଘୋଷଣା କରିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ମୋଦୀଙ୍କ ଭଳି ଜଣେ ବ୍ୟକ୍ତି ଦେଶର ପ୍ରଧାନମନ୍ତ୍ରୀ ହେବା ଗର୍ବର ବିଷୟ ବୋଲି ସେ କହିଛନ୍ତି। ତାଙ୍କ କହିବା କଥା ହେଉଛି, ଆପ୍‌ର ଦୁଇ ତୃତୀୟାଂଶ ସାଂସଦ ଶାସକଦଳ ବା ବିଜେପିରେ ମିଶିବେ। ରାଘବ କହିଛନ୍ତି, "ଆମେ ନିଷ୍ପତ୍ତି ନେଇଛୁ ଯେ ରାଜ୍ୟସଭାରେ ଥିବା ଆପ୍‌ର ୨/୩ ସଦସ୍ୟ ଭାରତୀୟ ସମ୍ବିଧାନରେ ଥିବା ବ୍ୟବସ୍ଥାକୁ ବ୍ୟବହାର କରିବୁ। ଏହାପରେ ନିଜ ଆଡୁ ବିଜେପି ସହ ମିଶିଯିବୁ। ମୋ ଜୀବନର ୧୫ବର୍ଷ ମୁଁ ଆପ୍‌କୁ ଦେଇଛି। ଏବେ ଦଳ ସ୍ୱଚ୍ଛ ରାଜନୀତିରୁ ଓହରିଯାଇଛି। ମୁଁ ଜଣେ ଠିକ ଲୋକ ଯିଏ ଭୁଲ ପାର୍ଟିରେ ରହିଛି। ମୁଁ ଏବେ ଦଳଠାରୁ ଓହରି ଯାଇଛି।" ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ନିକଟରେ ରାଘବଙ୍କୁ ଆପ୍ ରାଜ୍ୟସଭାର ଉପ ନେତା ପଦରୁ ହଟାଇ ଦେଇଥିଲା। ଏଥିସହ ଗୃହରେ ଆପ୍ ପକ୍ଷରୁ ତାଙ୍କୁ କହିବା ପାଇଁ ମିଳୁ ଥିବା ସମୟକୁ ମଧ୍ୟ ହ୍ରାସ କରିବାକୁ ଦଳ କହିଥିଲା। ଏଥିରୁ ଆପ୍ ଓ ରାଘବଙ୍କ ମଧ୍ୟରେ ସବୁ କିଛି ଠିକ୍ ନଥିବା ସ୍ପଷ୍ଟ ହୋଇଥିଲା। ଏପ୍ରିଲ୍ ୨ରେ ପଞ୍ଜାବର ରାଜ୍ୟସଭା ସାଂସଦ ଅଶୋକ କୁମାର ମିତ୍ତଲଙ୍କୁ ଚଢ୍ଢାଙ୍କ ସ୍ଥାନରେ ଉପ ନେତା କରାଯାଇଥିଲା। ହେଲେ ସେହି ଅଶୋକ ମିତ୍ତଲ ମଧ୍ୟ ରାଘବଙ୍କ ସହ ମିଶି ଆପ୍ ଛାଡ଼ିଛନ୍ତି। ତେଣେ ଏପରି ପଳାୟନ ବିଜେପିର ଅପରେସନ ପଦ୍ମର ଅଂଶବିଶେଷ ବୋଲି ଆପ୍‌ର ସାଂସଦ ସଞ୍ଜୟ ସିଂହ ଅଭିଯୋଗ କରିଛନ୍ତି। ବିଜେପି ସିବିଆଇ ଓ ଇଡିର ଭୟ ଦେଖାଇ ୭ସାଂସଦଙ୍କୁ କିଣି ନେଇଥିବା ସେ କହିଛନ୍ତି। ସଞ୍ଜୟ କହିଛନ୍ତି, ଏହି ସାଂସଦମାନେ ପଞ୍ଜାବ ସହ ଧୋକା କରିଛନ୍ତି।

**ଦଳ ଛାଡ଼ିଲେ ୭ସାଂସଦ**

# ଏଥର ଆଗୁଆ ମୌସୁମୀ

## ମେ ୧୮ରୁ ୨୫ ମଧ୍ୟରେ ଆଣ୍ଡାମାନ-ନିକୋବର ଛୁଇଁବ



**ନୂଆଦିଲ୍ଲୀ,(ପିପିଏସ୍):** ଏପ୍ରିଲ୍ ଶେଷ ହେବାକୁ ଯାଉଥିବା ବେଳେ ଭାରତର ଅଧିକାଂଶ ଅଂଶ ପ୍ରବଳ ଗରମରେ ତହଲବିକଳ ହେଉଛି। ଉତ୍ତର, କେନ୍ଦ୍ରୀୟ ଓ ପୂର୍ବ ଭାରତର କିଛି ଅଂଶରେ ତାପମାତ୍ରା ୪୩-୪୪ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆଗାମୀ ଦିନରେ ଅଧିକ ଉତ୍ତାପ ବଢ଼ିବାର ଚେତାବନୀ ଦେଇଛି। କିନ୍ତୁ ତା' ଭିତରେ ଆଶାବାଦୀ ଖବର ମଧ୍ୟ ଆସିଛି। ୟୁରୋପୀୟ ସେଣ୍ଟର ଫର୍ ମିଡିୟମ୍ ରେଞ୍ଜ୍ ୱେଦର ଫୋର୍‌କାଷ୍ଟ (ଇସିଏମ୍‌ଡବ୍ଲ୍ୟୁଏଫ୍)ର ନୂତନ ପୂର୍ବାନୁମାନ ଅନୁଯାୟୀ, ଦକ୍ଷିଣ-ପଶ୍ଚିମ ମୌସୁମୀ ଶୀଘ୍ର ଆରମ୍ଭ ହୋଇପାରେ, ଯାହା ମେ ଶେଷ ସୁଦ୍ଧା ଦକ୍ଷିଣ ଭାରତରେ ବର୍ଷା ଆଣିପାରେ। ୨୦୨୫ରେ କେରଳରେ ବର୍ଷା ଶୀଘ୍ର ଆରମ୍ଭ ହେବ ବୋଲି ପୂର୍ବାନୁମାନ କରାଯାଇଥିଲା, ମେ ୨୭ରୁ ୨୯ ମଧ୍ୟରେ ଏହାର ଆଗମନ ହେବାର ଆକଳନ କରାଯାଇଥିଲା। ତଥାପି, ମୌସୁମୀ ଆଶା କରାଯାଉଥିବା ଠାରୁ ଆହୁରି ଶୀଘ୍ର ଆଗକୁ ବଢ଼ିଛି ବୋଲି ମୌସୁମୀ ଟ୍ରାକ୍‌ର ପ୍ରତିଷ୍ଠାତା ଉଲ୍ଲେଖ କରିଛନ୍ତି। ମୌସୁମୀର ଅଗ୍ରଗତିକୁ ଏକାଧିକ କାରଣ ପ୍ରଭାବିତ କରୁଥିବାବେଳେ, ସାମ୍ପ୍ରତିକ ସୂଚକାଙ୍କଗୁଡ଼ିକ ପୁଣିଥରେ ଶୀଘ୍ର ପହଞ୍ଚିବାର ପ୍ରବଳ ସମ୍ଭାବନାକୁ ସୂଚୀତକରେ। ଏହି ସପ୍ତାହରେ ପ୍ରକାଶିତ ବିସ୍ତୃତ ଉପ-ଋତୁକାଳୀନ ଚାର୍ଟ ଅନୁଯାୟୀ, ମୌସୁମୀ ମେ ୧୮ରୁ ୨୫ମଧ୍ୟରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ପହଞ୍ଚିବାର ସମ୍ଭାବନା ରହିଛି। ବର୍ତ୍ତମାନ ପାଣିପାଗ ମଡେଲଗୁଡ଼ିକ ଦକ୍ଷିଣ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗର ଉପରେ ଦକ୍ଷିଣ-ପଶ୍ଚିମ ଦିଗରୁ ପ୍ରବଳ ପବନ ପ୍ରବାହିତ ହେଉଥିବା ଦର୍ଶାଉଛି। ଏହି ପବନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହୁଛି।

# ୨୭ରୁ ଖରାଛୁଟି

**ଭୁବନେଶ୍ୱର,(ପିପିଏସ୍):** ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଶୁକ୍ରବାର ଆଗୁଆ ଖରାଛୁଟି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏପ୍ରିଲ ୨୭ରୁ ଜୁନ୍ ୧୭ତାରିଖ ଯାଏଁ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ ବନ୍ଦରହିବ। ତେବେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା କାର୍ଯ୍ୟ ଓ ଅନ୍ୟାନ୍ୟ ଅଫିସ୍ କାମ ପୂର୍ବପରି ଜାରିରହିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ପିଲାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଭୀଷଣ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଗତ ସପ୍ତାହରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳମାନେ ଅଙ୍ଗନବାଡ଼ି କେନ୍ଦ୍ର ସହିତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକୁ ସାମୟିକ ଭାବେ ଛୁଟିଘୋଷଣା କରିଥିଲେ। ଚଳିତ ସପ୍ତାହ ପ୍ରାରମ୍ଭ ବେଳକୁ ରାଜ୍ୟରେ ୧୮ରୁ ଅଧିକ ଜିଲ୍ଲାରେ ସାମୟିକ ଛୁଟି ଘୋଷଣା କରାଯାଇଥିଲା। କିଛି ଜିଲ୍ଲାରେ କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ଛୁଟି ଘୋଷଣା କରାଯାଇଥିଲା। ବଲାଙ୍ଗିର ଭଳି ଆଉ କିଛି ଜିଲ୍ଲା ଏହି ସାମୟିକ ଛୁଟି ଅବଧି ବୃଦ୍ଧି ମଧ୍ୟ କରିଥିଲେ। କିଛି ଜିଲ୍ଲାରେ ସ୍କୁଲଗୁଡ଼ିକୁ ଛୁଟିକରିବା ବଦଳରେ ସକାଳ ସାଢ଼େ ୬ଟାରୁ ୯ଟା ବା ସାଢ଼େ ୯ଟା ପର୍ଯ୍ୟନ୍ତ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗତକାଲି ରାଜ୍ୟରେ ୨୪ଟି ସହରର ସର୍ବୋଚ୍ଚ ତାପମାତ୍ରା ୪୦ଡିଗ୍ରୀ ବା ତା' ଉପରେ ରହିଥିଲା। ଝାରସୁଗୁଡ଼ା ଓ ତାଳଚେରରେ ସର୍ବାଧିକ ୪୪ଡିଗ୍ରୀ ସେଲସିୟସ ରହିଥିଲା। ସେହିପରି ଟିଟିଲାଗଡ଼ରେ ୪୩.୮ ଡିଗ୍ରୀ ସେଲସିୟସ ରହିଥିବା ବେଳେ ଅନୁଗୋଳରେ ୪୩.୫, ଢେଙ୍କାନାଳରେ ୪୩.୫, ହୀରାକୁଦରେ ୪୩.୪, ସମ୍ବଲପୁରରେ ୪୩, ସୁନ୍ଦରଗଡ଼ରେ ୪୨.୫, ବଲାଙ୍ଗିର ଓ ସୋନପୁରରେ ୪୨.୩ ଡିଗ୍ରୀ ରହିଥିଲା। ସେହିପରି ରାଜଧାନୀ ଭୁବନେଶ୍ୱରରେ ଗୁରୁବାର ଦିନର ସର୍ବୋଚ୍ଚ ତାପମାତ୍ରା ୪୨.୧ଡିଗ୍ରୀ ସେଲସିୟସ ରହିଥିବା ବେଳେ କଟକରେ ୪୧.୮ ଡିଗ୍ରୀ ରେକର୍ଡ କରାଯାଇଥିଲା। ଆଦ୍ରତା କମ୍‌ଥିବାରୁ ଶରୀରରୁ ପ୍ରଚୁର ଝାଳ ବୋହିବା ସହ ଅଂଶୁଘାତର ଭୟ ମଧ୍ୟ ବଢ଼ିଯାଇଛି।

**ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

# ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କର ଲାଇସେନ୍ସ ରଦ୍ଦ

**ମୁମ୍ବାଇ,(ଏଜେନ୍ସି):** ପେଟିଏମ୍ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିଛି ରିଜର୍ଭ ବ୍ୟାଙ୍କ୍। ଆର୍‌ବିଆଇ ପେଟିଏମ୍‌ର ପେମେଣ୍ଟ୍ସ ବ୍ୟାଙ୍କର ଲାଇସେନ୍ସ ରଦ୍ଦ କରିଦେଇଛି। ଏକ ପ୍ରେସ୍ ବିଜ୍ଞପ୍ତିରେ ଆର୍‌ବିଆଇ କହିଛି ଯେ ପେଟିଏମ୍ ପେମେଣ୍ଟ ଓ ବ୍ୟାଙ୍କ ଏବେ ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ ଆଧାରରେ ବ୍ୟାଙ୍କିଙ୍ଗ କାମ କରିପାରିବ ନାହିଁ। ଆର୍‌ବିଆଇ କହିଛି ଯେ ବ୍ୟାଙ୍କର କାମ ଏବଂ ପରିଚାଳନା ସାଧାରଣ ଲୋକଙ୍କ ହିତରେ ନ ଥିଲା। ବ୍ୟାଙ୍କ ନିଜର ପେମେଣ୍ଟ ବ୍ୟାଙ୍କ ଲାଇସେନ୍ସର ସର୍ତ୍ତ ପାଳନ କରିବାରେ ବିଫଳ ରହିଛି। ଆର୍‌ବିଆଇ ଏହା ମଧ୍ୟ କହିଛି ଯେ ଏହି ବ୍ୟାଙ୍କ୍‌କୁ ବନ୍ଦ କରିବା ପାଇଁ ହାଇକୋର୍ଟରେ ଆବେଦନ କରାଯିବ। ପେଟିଏମ୍ ବ୍ୟାଙ୍କ ଲିମିଟେଡ ପାଖରେ ବ୍ୟାଙ୍କ ବନ୍ଦ ହେଲେ ବି ନିଜର ସେୟାର ହୋଲ୍‌ଡରଙ୍କୁ ସମ୍ପୂର୍ଣ୍ଣ ଅର୍ଥ ଫେରାଇବା ପାଇଁ ପର୍ଯ୍ୟାପ୍ତ ନଗଦ ଉପଲବ୍ଧ ରହିଥିବା ଆର୍‌ବିଆଇ କହିଛି।

# ୩୦ରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ

## ବିରୋଧୀଙ୍କ ବିରୁଦ୍ଧରେ ଆସିପାରେ ନିନ୍ଦା ପ୍ରସ୍ତାବ

**ଭୁବନେଶ୍ୱର,(ପିପିଏସ୍):** ଆସନ୍ତା ୩୦ତାରିଖରେ ଓଡ଼ିଶା ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ରାଜ୍ୟ ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ ସମନ ଜାରିହୋଇଛି। ବିଧାନସଭାର ଏହି ଦିନିକିଆ ସ୍ୱତନ୍ତ୍ର ଅଧିବେଶନରେ 'ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ' ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ ବୋଲି ରାଜ୍ୟ ବିଧାନସଭା ସଚିବ ସତ୍ୟବ୍ରତ ରାଉତଙ୍କ ଦ୍ୱାରା ଜାରି ସମନରେ କୁହାଯାଇଛି। ତେବେ ସଂସଦରେ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ କାଟ୍ ଖାଇଯିବା ପରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ଏବେ ବିରୋଧୀ ଦଳଗୁଡ଼ିକୁ ଘେରିବା ପାଇଁ ବଡ଼ ରଣନୀତି ପ୍ରସ୍ତୁତ କରିଛି। ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ସହ ବିଜେପି ଶାସିତ ରାଜ୍ୟଗୁଡ଼ିକର ବିଧାନସଭାରେ ଏନେଇ ଆଲୋଚନା ଓ ନିନ୍ଦାପ୍ରସ୍ତାବ ଆଗତ ନିମନ୍ତେ ଯୋଜନା କରିଥିବା ଜଣାପଡ଼ିଛି। ବିଧାନସଭା ସଚିବାଳୟର ସମନ୍ ଅନୁସାରେ, ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୭୪ର ଖଣ୍ଡ (୧)ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ରାଜ୍ୟପାଳ ଏହି ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ଆସନ୍ତା ଏପ୍ରିଲ ୩୦ତାରିଖ(ଗୁରୁବାର) ପୂର୍ବାହ୍ନ ୧୧ଟା ସମୟରେ ବିଧାନସଭା ଭବନରେ ଏହି ବୈଠକ ଅନୁଷ୍ଠିତ ହେବ। ଅଧିବେଶନରେ 'ଭାରତୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ' ସମ୍ପର୍କରେ ଏକ ବିସ୍ତୃତ ଆଲୋଚନା କରାଯିବ ବୋଲି ସମନରେ ଉଲ୍ଲେଖ କରାଯିବା ସହ ସମସ୍ତ ବିଧାୟକ ଓ ବିଧାୟିକାଙ୍କୁ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି।

**ସପ୍ତାହାନ୍ତ ବିଚାର**

## ରାଜନୀତିର ଦ୍ୱନ୍ଦ୍ୱରେ ଫସିଛି ମହିଳା ସଂରକ୍ଷଣ

**ବାଟେଘାଟେ**



ମହିଳା ଭୋଟ କାଟ ଖାଇଗଲା
ତାତିଲେ ଏଠାରେ ମହିଳା
ରାଜଧାନୀ ପୀଠ ସମାବେଶ ଦେଖି
ବିରୋଧୀ ହୁଅନ୍ତି କାଉଳା
ଘରେ ସ୍ତ୍ରୀ ଝିଅ ପଚାରିବେ ଯେବେ
ଆଗକୁ ହୋଇବେ ବାଉଳା
ଶଙ୍ଖ ଦଳ ଏବେ ମଉଳା
ଭୋଟ ବେଳରେ କଳା ଆଉ ଚୂନ
ମୁହଁରେ ହୋଇବ ଧଉଳା
ଆଉ ଚଳିବନି ସାଉଁଳା
ଶଙ୍ଖ ସଙ୍ଗେ ହାତ ହାତ ମିଳାଇବ
ସତେ କି ଏ ଦୁହେଁ ଜାଆଁଳା

-ରାହୀ

ପ୍ରଜାତନ୍ତ୍ର ପ୍ରଚାର ସମିତି
ଆନୁକୂଲ୍ୟରେ
**ପ୍ରଜାତନ୍ତ୍ର ପାଠଚକ୍ର**
ସମୟ : ୨୫।୦୪।୨୦୨୬ ଶନିବାର ସନ୍ଧ୍ୟା ୬ଘଟିକା
ସ୍ଥାନ : ପ୍ରଜାତନ୍ତ୍ର ସମ୍ମିଳନୀ କକ୍ଷ, ବିହାରୀବାଗ, କଟକ-୨
ବିଷୟ : ମହିଳା ପ୍ରତିନିଧିତ୍ୱ
ସଭାପତି : ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ କର, ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ସମ୍ମାନିତ ବକ୍ତା : ଶ୍ରୀଯୁକ୍ତ ସୁଦର୍ଶନ ଦାସ, ବରିଷ୍ଠ କଂଗ୍ରେସ ନେତା, ଆବାହକ ମହାନଦୀ ବଞ୍ଚାଅ ଆନ୍ଦୋଳନ କମିଟି
: ଶ୍ରୀଯୁକ୍ତ ଗଣେଶ୍ୱର ବେହେରା, ବିଧାୟକ, କେନ୍ଦ୍ରାପଡ଼ା
: ଶ୍ରୀଯୁକ୍ତ ଅନିଲ ବିଶ୍ୱାଳ, ବିଜେପି ରାଜ୍ୟ ମୁଖପାତ୍ର
*ଆଗ୍ରହୀ ଶ୍ରୋତାଗଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ।*
// ନିବେଦକ //
ଡଃ. ଭର୍ତ୍ତୃହରି ମହତାବ
ଅଧ୍ୟକ୍ଷ
ଆବାହକ :
ଡାକ୍ତର ରବିରଞ୍ଜନ ସାହୁ
ମୋ:୯୪୩୭୩-୧୦୧୭୧
ଶ୍ରୀ ସନ୍ତୋଷ କୁମାର ପତି

ଗୃହ ମଂତ୍ରାଲୟ
भारत सरकार
**ଆମର ଜନଗଣନା ଆମର ବିକାଶ**
୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ
ଗୃହ ସୂଚୀକରଣ ଏବଂ ଗୃହ ଗଣନା
ଜନଗଣନା: ଗୋପନୀୟତାର ଗ୍ୟାରେଣ୍ଟି
ଆପଣଙ୍କ ସୂଚନା ସମ୍ପୂର୍ଣ୍ଣ ସୁରକ୍ଷିତ
- ଜନଗଣନା ଆଇନ, ୧୯୪୮ ଅନୁଯାୟୀ ସମ୍ପୂର୍ଣ୍ଣ ଗୋପନୀୟତା
- ସୁରକ୍ଷିତ ସର୍ଭରରେ ସଂଗୁପ୍ତ ତଥ୍ୟ
- ରିପୋର୍ଟରେ କେବଳ ସାମଗ୍ରିକ ସଂଖ୍ୟା ପ୍ରକାଶିତ ହୋଇଥାଏ
- ନାମ ଏବଂ ଠିକଣା କାହାକୁ ଦିଆଯାଏ ନାହିଁ
- କର, ପୁଲିସ କିମ୍ବା ତଦନ୍ତରେ ଉପଯୋଗ ନୁହେଁ
ଜନଗଣନା ୨୦୨୭
ବିଶ୍ୱାସ ବି, ଭାଗୀଦାରି ବି
❑ ସଠିକ୍ ସୂଚନା ଦିଅନ୍ତୁ
❑ ସାହସର ସହିତ ଦିଅନ୍ତୁ
❑ ଦେଶ ବିକାଶରେ ସାଥ୍ ଦିଅନ୍ତୁ
ନିଶ୍ଚିତ ରୁହନ୍ତୁ
ଆପଣଙ୍କର ସୂଚନା
❑ ସୁରକ୍ଷିତ ରହିବ
❑ ଗୋପନୀୟ ରହିବ
❑ କେବଳ ରାଷ୍ଟ୍ର-ନିର୍ମାଣ କାମରେ
ଆସନ୍ତୁ ଆମର ଦାୟିତ୍ୱ ନିର୍ବାହ କରିବା ଏବଂ ଜନଗଣନାରେ ଅଂଶଗ୍ରହଣ କରିବା
ଟୋଲ୍ ଫ୍ରି-୧୮୫୫
CensusIndia2027
CBC 19108/13/0056/2627



cmyk cmyk cmyk




# ଆଜିର ରାଶିଫଳ

**ମେଷ** ଆପଣଙ୍କୁ ବଢ଼ିଆ ସୁଯୋଗ ମିଳିବ। ଆପଣଙ୍କ ବୁଦ୍ଧି ବିବେକ ବଳରେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବେ। କେ ?ଣସି ନୂଆ ଲୋକଙ୍କ ସହିତ ପରିଚୟ ହେବ।

**ବୃଷ** ଅଫିସରେ ଆପଣଙ୍କ କାମର ପ୍ରଶଂସା ହେବ। କଳାତ୍ମକ କାର୍ଯ୍ୟରେ ଆପଣଙ୍କର ରୁଚି ବଢ଼ିବ। ବ୍ୟବସାୟରେ ଉନ୍ନତି ହେବ। କେ ?ଣସି ଲୋକ ଆର୍ଥିକ ସହାୟତା ପ୍ରଦାନ କରିବେ।

**ମିଥୁନ** ଆପଣଙ୍କ ମନରେ ନୂଆ ନୂଆ ବିଚାର ଆସିବ। କାହାରି ସହିତ ତର୍କବିତର୍କ କରନ୍ତୁ ନାହିଁ। ଆୟ ବୃଦ୍ଧିର ସମ୍ଭାବନା ଅଛି। ପାରିବାରିକ ସମ୍ବନ୍ଧରେ ମଧୁରତା ବଢ଼ିବ। ଖର୍ଚ୍ଚ ବଢ଼ିପାରେ।

**କର୍କଟ** ମନ୍ଦିରକୁ ଠାକୁର ଦର୍ଶନ ପାଇଁ ଯିବେ। ନୂଆ ଲୋକଙ୍କ ଠାରୁ ଶୁଭ କାମରେ ସାହାଯ୍ୟ ପାଇପାରନ୍ତି। ଅଫିସରେ ବରିଷ୍ଠ ଅଧିକାରୀଙ୍କର ସହଯୋଗ ପାଇବେ।

**ସିଂହ** କ୍ୟାରିଅର ଲାଗି ଦିନଟି ବହୁତ ଭଲ ରହିବ। ପରିଶ୍ରମର ସନ୍ତୋଷଜନକ ଫଳ ପାଇବେ। ସାଙ୍ଗ ସହିତ ଆପଣଙ୍କ ସମ୍ବନ୍ଧ ମଜଭୁତ ହେବ। ବ୍ୟବସାୟୀଙ୍କୁ ଧନଲାଭ ହେବ।

**କନ୍ୟା** ସବୁ କାମରେ ଆପଣ ସଫଳ ରହିବେ। ଆର୍ଥିକ ପକ୍ଷ ପୂର୍ବ ଅପେକ୍ଷା ଅଧିକ ସୁଦୃଢ଼ ହେବ। ପାରିବାରିକ ଜୀବନ ଶାନ୍ତିମୟ ହେବ। ଛାତ୍ରଛାତ୍ରୀଙ୍କୁ ସକାରାତ୍ମକ ପରିଣାମ ମିଳିବ।

**ତୁଳା** ଆପଣଙ୍କର ସବୁ କାମ ସଫଳ ହେବ। ପତିପତ୍ନୀଙ୍କ ମଧ୍ୟରେ ସମ୍ବନ୍ଧ ମଧୁର ରହିବ। ବ୍ୟବସାୟରେ ବିଶେଷ ସଫଳତା ହାସଲ ହେବ। ଅଫିସରେ କାମର ବୋଝ ବଢ଼ିପାରେ।

**ବିଛା** ଆପଣଙ୍କ ମନ ସାମାଜିକ କାର୍ଯ୍ୟ ଆଡ଼କୁ ଢଳି ରହିବ। ଆର୍ଥିକ ଲାଭ ପାଇଁ ଅଧିକ ପରିଶ୍ରମ କରନ୍ତୁ। ଯାତାୟାତ ସମୟରେ ସାବଧାନତା ଅବଲମ୍ବନ କରନ୍ତୁ।

**ଧନୁ** କୌଣସି ଜରୁରୀ କାମରେ ବନ୍ଧୁଙ୍କ ସାହାଯ୍ୟ ପାଇବେ। ଆର୍ଥିକ ସ୍ଥିତିରେ ସ୍ଥିରତା ବଜାୟ ରହିବ। ବ୍ୟବସାୟରେ ଉନ୍ନତି ହେବ। ଛାତ୍ରଛାତ୍ରୀଙ୍କ ଲାଗି ଦିନଟି ଭଲ ପରିଣାମ ନେଇ ଆସିବ।

**ମକର** ଭାବିଥିବା କାମ ଗତିଶୀଳ ହେବ। ଆଖପାଖର ଲୋକ ଆପଣଙ୍କ ବ୍ୟକ୍ତିତ୍ୱ ନେଇ ଖୁସି ହେବେ। ସମ୍ବନ୍ଧରେ ମଧୁରତା ବଢ଼ିବ। ଅଫିସରେ ଆପଣଙ୍କର ପ୍ରଶଂସା ହେବ।

**କୁମ୍ଭ** ବ୍ୟବସାୟରେ ଆପଣଙ୍କୁ ଲାଭ ମିଳିପାରେ। କାହାରି ସହିତ ଯୁକ୍ତିତର୍କ କରନ୍ତୁ ନାହିଁ। ସନ୍ଧ୍ୟାରେ ପରିବାରର କାହାରି ସହିତ ମହତ୍ତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିବେ।

**ମୀନ** ଘରୋଇ କାମ ସଂପୂର୍ଣ୍ଣ କରିବା ଲାଗି ପରିବାରର ସବୁ ସଦସ୍ୟଙ୍କ ସହଯୋଗ ପାଇବେ। ସ୍କୁଲ୍ ସମୟର ସହପାଠୀ ଆପଣଙ୍କ ଠାରୁ ସାହାଯ୍ୟ ଆଶା କରିବେ। ପ୍ରେମିକ ପ୍ରେମିକଙ୍କ ଲାଗି ଦିନଟି ଭଲ ରହିବ।

# ରାଜସ୍ଥାନୀ 'ଦହି ପିଆଜ'



ଆବଶ୍ୟକ ସାମଗ୍ରୀ: ଦହି, ପିଆଜ, ହେଙ୍ଗୁ, ଜିରା, ସୋରିଷ, ଭୃସଙ୍ଗ ପତ୍ର, କଞ୍ଚାଲଙ୍କା,ପିଆଜ, ଲଙ୍କା ଗୁଣ୍ଡ, ଲୁଣ, ହଳଦି, ଧନିଆ ପାଉଡର, ଜିରା ପାଉଡର, ଲୁଣ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ତେଲରେ ହେଙ୍ଗୁ ପକାନ୍ତୁ । ଏହାପରେ ସେଥିରେ ଜିରା, ସୋରିଷ, ଭୃସଙ୍ଗ ପତ୍ର, କଞ୍ଚାଲଙ୍କା ପକାନ୍ତୁ। ତାହା ଫୁଟିଗଲା ପରେ ସେଥିରେ ପତଳା କଟା ହୋଇଥିବା ପିଆଜ, ଲଙ୍କା ଗୁଣ୍ଡ, ଲୁଣ, ହଳଦି, ଧନିଆ ପାଉଡର, ଜିରା ପାଉଡର, ଲୁଣ ପକାଇ ଭଲ ଭାବେ ଗୋଳାନ୍ତୁ। କିଛି ସମୟ ଘୋଡ଼ାଇ ଛାଡ଼ି ଦିଅନ୍ତୁ।

ଏହାପରେ ଢାଙ୍କୁଣି ଖୋଲି ଗ୍ୟାସ୍କୁ ବନ୍ଦ କରି ଦିଅନ୍ତୁ। ଏହା ସାମାନ୍ୟ ଥଣ୍ଡା ହୋଇଗଲେ ସେଥିରେ ଗାଢ଼ା ଦହି ପକାଇ ଭଲ ଭାବେ ଗୋଳାନ୍ତୁ। ଏହାପରେ ସେଥିରେ ଧନିଆ ପତ୍ର ପକାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଦହି ପିଆଜ' ।

ଗରମାଗରମ ରୁଟି କିମ୍ବା ନାନ୍ ସହ ଆପଣ ଏହି ସ୍ୱାଦିଷ୍ଟ ଆଇଟମ୍ର ମଜା ନେଇ ପାରିବେ।

# ବିଶ୍ୱ ମ୍ୟାଲେରିଆ ଦିବସ




ମ୍ୟାଲେରିଆକୁ ନିୟନ୍ତ୍ରଣ ଏବଂ ଦୂର କରିବା ଉଦ୍ଦେଶ୍ୟରେ ବିଶ୍ୱସ୍ତରୀୟ ଉଦ୍ୟମ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ୨୫ ଏପ୍ରିଲରେ 'ବିଶ୍ୱ ମ୍ୟାଲେରିଆ ଦିବସ' ପାଳନ କରାଯାଏ। ମ୍ୟାଲେରିଆ ପରଜୀବୀଙ୍କ ଦ୍ୱାରା ହେଉଥିବା ଏକ ମାରାତ୍ମକ ରୋଗ, ଯାହା ସଂକ୍ରମିତ ମହିଳା ଆନାଫିଲିଜ୍ ମଶା କାମୁଡ଼ିବା ଦ୍ୱାରା ମଣିଷକୁ ବ୍ୟାପିଥାଏ।ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ଅନୁଯାୟୀ ମ୍ୟାଲେରିଆ ଏକ ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟା। ବିଶେଷ କରି ଆଫ୍ରିକୀୟ ମହାଦ୍ୱୀପରେ ଏହା ଏକ ପ୍ରମୁଖ ସମସ୍ୟା। ୨୦୧୯ ମସିହାରେ ବିଶ୍ୱସ୍ତରରେ ପ୍ରାୟ ୨୨୯ ମିଲିୟନ ମ୍ୟାଲେରିଆ ମାମଲା ଆସିଥିଲା। ଏହି କାରଣ ହେତୁ ୪,୦୯,୦୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା। ଏହି ମୃତ୍ୟୁ ମଧ୍ୟରୁ ଅଧିକାଂଶ ଆଫ୍ରିକୀୟ ମହାଦେଶରେ ହୋଇଥିଲା, ଯେଉଁଥିରେ ୫ ବର୍ଷରୁ କମ୍ ବୟସର ଶିଶୁଙ୍କର ମୃତ୍ୟୁ ଅଧିକ ଥିଲା।ବିଶ୍ୱ ମ୍ୟାଲେରିଆ ଦିବସ ପାଳନ ହେବା ପୂର୍ବରୁ ଆଫ୍ରିକାରେ ମ୍ୟାଲେରିଆ ଦିବସ ପାଳନ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୦୭ ମସିହାରେ, ବିଶ୍ୱ ସ୍ୱାସ୍ଥ୍ୟ ସଭାର ୬୦ ତମ ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) ପ୍ରସ୍ତାବ ଦେଇଥିଲା ଯେ ଆଫ୍ରିକାରେ ପାଳନ କରାଯାଉଥିବା ମ୍ୟାଲେରିଆ ଦିବସକୁ ବିଶ୍ୱ ମ୍ୟାଲେରିଆ ଦିବସରେ ପରିବର୍ତ୍ତନ କରାଯିବା ଉଚିତ। ଏହା ପରେ, ୨୦୦୮ ମସିହା ଠାରୁ, ଏପ୍ରିଲ୍ ୨୫କୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବରେ ପାଳନ କରାଯାଉଛି।.ମ୍ୟାଲେରିଆକୁ ଏଡ଼ାଇବା ପାଇଁ ଏପରି ଏକ ସ୍ଥାନରେ ରହିବା ଉଚିତ୍ ଯେଉଁଠାରେ ମଶାମାନଙ୍କ ପ୍ରାଦୁର୍ଭାବ ନଥିବ। ଏହା ବ୍ୟତୀତ ଶୋଇବା ସମୟରେ ମଶାରି ବ୍ୟବହାର କରିବା ଉଚିତ। ଲମ୍ବା ହାତବାଲା ସାର୍ଟ ଏବଂ ପୂରା ପ୍ୟାଣ୍ଟ ପିନ୍ଧିବା ଉଚିତ। ଘର ଚାରିପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ପାଣି ଜମି ରହିଲେ ମହିଳା ଆନାଫିଲିସ୍ ମଶା ବଢିଥାନ୍ତି।

# ସକାଳୁ ସକାଳୁ ପିଲାମାନଙ୍କୁ ରେଡିକରି ସ୍କୁଲ ପଠାଇବାକୁ ଥକି ପଡୁଛନ୍ତି କି

ଖରାଦିନରେ ଆପଣଙ୍କ ସ୍କିନ୍ର ଦେଖାଶୁଣା ବହୁତ ଆବଶ୍ୟକ। ତା' ସହ ଏହିଦିନରେ ଆପଣ କେଉଁ ପ୍ରକାର କପଡ଼ା ପିନ୍ଧୁଛନ୍ତି ଏହାଦ୍ୱାରା ବି ଆପଣଙ୍କ ତ୍ୱଚା ଉପରେ ଏହାର ପ୍ରଭାବ ପଡ଼ିଥାଏ। ଫ୍ୟାଶନ କଥା ପଡ଼ିଲେ କେତେକ ମହିଳା ଡିସିସନ୍ ନେବାକୁ ସମସ୍ୟାରେ ପଡ଼ିଯାଇଥାନ୍ତି। ସେମାନେ କେଉଁ ଫ୍ୟାଶନ ଟିପ୍ସକୁ ଆପଣାଇବେ। ଏଥିପାଇଁ ଆପଣଙ୍କୁ ଆବଶ୍ୟକତା ପଡ଼ିପାରେ ବେସିକ୍ ଫ୍ୟାଶନ ଟିପ୍ସ।

**ଡ୍ରେସ୍:** ଖରାଦିନରେ କେଉଁ ପ୍ରକାର ଡ୍ରେସ୍ ପିନ୍ଧୁଛନ୍ତି ଏହା ନିର୍ଦ୍ଧାରଣ କରିବା ହୋଇଥାଏ ମୁସ୍କିଲ୍। ଏହି ଦିନରେ ଢିଲା ଡ୍ରେସ୍ ପିନ୍ଧିବା ଏକ ଭଲ ଅପ୍ସନ ହୋଇଥାଏ। ଏହା ସହ ଆପଣ ଯେଉଁ ଡ୍ରେସ୍ ପିନ୍ଧୁଛନ୍ତି ତାହା କେଉଁ ଫାବ୍ରିକ୍ର ଜାଣିବା ମଧ ଜରୁରୀ ହୋଇଥାଏ। ରେୟନ୍,ପଲିଷ୍ଟର,ନାଇଲନ୍ ଭଳି ଫାବ୍ରିକ୍ ଆଭୋଏଡ୍ କରିବା ଭଲ ଅପ୍ସନ। କେତେଜଣ ଫ୍ୟାଶନ ଏକ୍ସପର୍ଟଙ୍କ ମତରେ ଏହିଦିନରେ କଟନ୍ ଡ୍ରେସ୍ ପିନ୍ଧିବା ବେଷ୍ଟ ଅପ୍ସନ ହୋଇଥାଏ। ଏହା ସହ ଲାଇଟ୍ କଲର ପିନ୍ଧିବା ଏକ ଭଲ ବିକଳ୍ପ ହୋଇପାରିବ। ଧୂଆହୋଇଥିବା ସଫା କପଡ଼ା ପିନ୍ଧିବା ଆରାମଦାୟକ ହେବା ସହ ଏହା ଆପଣଙ୍କୁ କୁଲ୍ ରଖିଥାଏ।



**ଜୁଏଲେରି:** ଯେତେ ସମ୍ଭବ ହୁଏ ସେତେ କମ୍ ଜୁଏଲେରି ପିନ୍ଧିବା ଆବଶ୍ୟକ। ଫ୍ୟାଶନ ଏକ୍ସପର୍ଟଙ୍କ ମତରେ ଛୋଟ ଇୟର ରିଂ,ପେଣ୍ଡେଣ୍ଟ୍ସର ବ୍ୟବହାର କରନ୍ତୁ। ଏହି ପ୍ରଡକ୍ଟ ଆପଣଙ୍କ ତ୍ୱଚା ସଂସ୍ପର୍ଶରେ କମ୍ ଆସିଥାଏ। ଏହା ଆପଣଙ୍କ ତ୍ୱଚା ଲାଗି ସେଫ୍ ହୋଇଥାଏ। ବ୍ରେସ୍ଲେଟ୍ସ ଓ ରିଂ ଆଭଏଡ୍ କରିବା ଭଲ। ତା' ସହ ମେଟାଲିକ୍ ଜୁଏଲେରି ଆଭଏଡ୍ କରିବା ଭଲ ବିକଳ୍ପ।

ଫୁଲ୍ କଭର: ସ୍କିନ୍କୁ ଖରା ଦାଉରୁ ରକ୍ଷା କରିବାକୁ ହେଲେ ଫୁଲ୍ କଭର ଡ୍ରେସ୍ ପିନ୍ଧିବା ନିହାତି ଜରୁରୀ। ଯେତେ ଆପଣ ନିଜ ତ୍ୱଚାକୁ ଖରା ଦାଉରୁ ରକ୍ଷା କରିବେ ସେତେ ଭଲ। ଏହା ସହ କଟନ୍ ସ୍କାର୍ଫ ସାହାଯ୍ୟରେ ବେକ ଏବଂ ମୁହଁକୁ ଭଲକରି କଭର କରନ୍ତୁ। ଏହା ସହ କ୍ୟାପ୍ ,ହ୍ୟାଟ୍ ଏବଂ ଆଖି ପାଇଁ ସନ୍ଗ୍ଲାସ୍ ବି ସାଥିରେ ରଖନ୍ତୁ।

# ଭାରତରେ ପଙ୍ଖାରେ ୩ଟି କିନ୍ତୁ ଆମେରିକାରେ ୫ଟି ବ୍ଲେଡ କାହିଁକି ?



ଆମେ ସମସ୍ତେ ପ୍ରତିଦିନ ସିଲିଂ ଫ୍ୟାନ ବ୍ୟବହାର କରୁ। କିନ୍ତୁ ଆପଣ କେବେ ଲକ୍ଷ୍ୟ କରିଛନ୍ତି କି, ଭାରତରେ ମିଳୁଥିବା ଅଧିକାଂଶ ପଙ୍ଖାରେ ୩ଟି ବ୍ଲେଡ ଥାଏ, କିନ୍ତୁ ଆମେରିକା ବା କାନାଡା ଭଳି ଦେଶରେ ୪ କିମ୍ବା ୫ଟି ବ୍ଲେଡ ଥିବା ପଙ୍ଖା ଦେଖିବାକୁ ମିଳେ ? ଏହା କେବଳ କୌଣସି ଡିଜାଇନ୍ ନୁହେଁ, ବରଂ ଏହା ପଛରେ ରହିଛି ଏକ ବଡ଼ ବୈଜ୍ଞାନିକ କାରଣ।

୧. ପବନର ବେଗ ଏବଂ ଭାରତୀୟ ପାଣିପାଗ: ଭାରତ ଏକ ଗ୍ରୀଷ୍ମପ୍ରଧାନ ଦେଶ। ଏଠାରେ ବର୍ଷର ଅଧିକାଂଶ ସମୟ ପ୍ରବଳ ଗରମ ହୁଏ। ଆମକୁ ଏମିତି ପଙ୍ଖା ଦରକାର ଯାହା ଅଧିକ ବେଗରେ ବୁଲିବ ଏବଂ ସିଧାସଳଖ ଆମ ପାଖକୁ ପବନ ପହଞ୍ଚାଇବ। ୩ଟି ବ୍ଲେଡ୍ ଥିବା ପଙ୍ଖା ହାଲୁକା ହୋଇଥାଏ, ଯାହାଫଳରେ ଏହାର ମୋଟର ବହୁତ ଜୋରରେ ବୁଲିପାରେ ଏବଂ ଅଧିକ ପବନ ପ୍ରଦାନ କରିଥାଏ।

୨. ଆମେରିକାରେ ୫ଟି ବ୍ଲେଡ୍ କାହିଁକି ?

ଆମେରିକା ବା ଥଣ୍ଡା ଦେଶଗୁଡ଼ିକରେ ଗରମର ପ୍ରଭାବ ଭାରତ ଭଳି ନଥାଏ। ସେଠାରେ ପ୍ରାୟ ସବୁ ଘରେ ଏୟାର କଣ୍ଡିସନର ରହିଥାଏ। ସେଠାରେ ପଙ୍ଖାର କାମ ଶରୀରକୁ ପବନ ଦେବା ନୁହେଁ, ବରଂ ଇଉ ର ଥଣ୍ଡା ପବନକୁ ସାରା ରୁମ୍ରେ ସଞ୍ଚାଳନ କରିବା। ୫ଟି ବ୍ଲେଡ୍ ଥିବା ପଙ୍ଖା ଓଜନିଆ ହୋଇଥାଏ, ତେଣୁ ଏହା ଧୀରେ ବୁଲେ ଏବଂ ଧୀର ତଥା ଶାନ୍ତ ପବନ ପ୍ରଦାନ କରେ।

୩. ଶବ୍ଦ ଏବଂ ବାୟୁ ପ୍ରତିରୋଧ

ବିଜ୍ଞାନ ଅନୁଯାୟୀ, ପଙ୍ଖାରେ ଯେତେ କମ ବ୍ଲେଡ୍ ରହିବ, ବାୟୁ ପ୍ରତିରୋଧ ସେତେ କମ୍ ହେବ। ୩ଟି ବ୍ଲେଡ୍ ଥିବା ପଙ୍ଖା ମୋଟର ଉପରେ କମ ଚାପ ପକାଏ, ଯାହାଫଳରେ ଏହା ଦ୍ରୁତ ଗତିରେ ଘୂର୍ଣ୍ଣନ କରିପାରେ। ଅନ୍ୟପଟେ, ୪ ବା ୫ଟି ବ୍ଲେଡ ଥିବା ପଙ୍ଖା ବହୁତ କମ ଶବ୍ଦ କରେ, ଯାହା ଶୋଇବା ଘର ପାଇଁ ଅଧିକ ଆରାମଦାୟକ ହୋଇଥାଏ।

୪. ବିଦ୍ୟୁତ୍ ଖର୍ଚ୍ଚରେ ପାର୍ଥକ୍ୟ

ଭାରତୀୟ ୩-ବ୍ଲେଡ୍ ପଙ୍ଖାଗୁଡ଼ିକ କମ ବିଦ୍ୟୁତ୍ ଖର୍ଚ୍ଚ କରି ଅଧିକ ପବନ ଦେବା ପାଇଁ ପ୍ରସ୍ତୁତ କରାଯାଇଥାଏ। କିନ୍ତୁ ୫-ବ୍ଲେଡ୍ ପଙ୍ଖାଗୁଡ଼ିକ ଅଧିକ ଓଜନିଆ ହୋଇଥିବାରୁ ଏହାକୁ ବୁଲାଇବା ପାଇଁ ମୋଟରକୁ ଅଧିକ ଶକ୍ତିର ଆବଶ୍ୟକତା ପଡ଼ିଥାଏ।

କହିବାକୁ ଗଲେ, ଯଦି ଆପଣଙ୍କୁ ଅଧିକ ପବନ ଏବଂ ହାଇ-ସ୍ପିଡ୍ ଦରକାର, ତେବେ ୩ଟି ବ୍ଲେଡ୍ ଥିବା ପଙ୍ଖା ହିଁ ସବୁଠାରୁ ଭଲ। କିନ୍ତୁ ଯଦି ଆପଣ ଇଉ ରୁମ୍ ପାଇଁ ଏକ ଶାନ୍ତ ଏବଂ ସୁନ୍ଦର ପଙ୍ଖା ଚାହୁଁଛନ୍ତି, ତେବେ ୪ କିମ୍ବା ୫ ବ୍ଲେଡ୍ ବିଶିଷ୍ଟ ପଙ୍ଖା ଏକ ଭଲ ବିକଳ୍ପ ହୋଇପାରେ।

# ଇଭିଏମ୍ରେ ଦେଉଥିବା ଭୋଟ୍ କେତେଦିନ ପର୍ଯ୍ୟନ୍ତ ରହେ ସୁରକ୍ଷିତ

**ଆଜିକାଲି ସହଜ ଏବଂ ସୁବିଧା ପାଇଁ ନାଗରିକମାନେ ଇଭିଏମ୍ରେ ଭୋଟ୍ ଦେଉଛନ୍ତି। ତେବେ ଜାଣନ୍ତି କି ଏହି ଭୋଟ୍ କେତେଦିନ ପର୍ଯ୍ୟନ୍ତ ଇଭିଏମ୍ରେ ସୁରକ୍ଷିତ ରହିଥାଏ। ଯଦି ନା ତେବେ ଜାଣନ୍ତୁ ଏ ସମ୍ପର୍କରେ...**

ଏହି ଇଭିଏମ୍ରେ ଦୁଇଟି ୟୁନିଟ୍ ରହିଥାଏ। କଣ୍ଟ୍ରୋଲ ୟୁନିଟ୍ ଏବଂ ବାଲଟ୍ ୟୁନିଟ୍। କଣ୍ଟ୍ରୋଲ ୟୁନିଟ୍ ପୋଲିଂ ଅଫିସରଙ୍କ ନିକଟରେ ରହିଥାଏ। ବାଲଟ୍ ୟୁନିଟ୍ ଭୋଟରମାନେ ବଟନ୍ ଦବାଇ ଭୋଟ୍ ଦେଇଥାନ୍ତି। ନିର୍ବାଚନ ଆୟୋଗଙ୍କ ରିପୋର୍ଟ ଅନୁସାରେ, କଣ୍ଟ୍ରୋଲ ୟୁନିଟ୍ ମେମୋରି ୧୦ ବର୍ଷ କିମ୍ବା ଏହାଠାରୁ ଅଧିକ ରହିଥାଏ। ଇଭିଏମ୍ର ମେମୋରି ଯେତେଦିନ ପର୍ଯ୍ୟନ୍ତ ଡାଟା ହଟା ଯାଇ ନ ଥାଏ ସେତେଦିନ ପର୍ଯ୍ୟନ୍ତ ରହିଥାଏ। ନିର୍ବାଚନ ପରେ କୌଣସି ପ୍ରତିଦ୍ୱନ୍ଦ୍ୱୀ କୋର୍ଟରେ ପରିଣାମକୁ ନେଇ ମାମଲା ଦାୟର ନ କରନ୍ତି ତେବେ ଉକ୍ତ ସିଟ୍ର ଇଭିଏମ୍ ଆଗକୁ ବ୍ୟବହାର ପର୍ଯ୍ୟନ୍ତ ପଠାଯାଇଥାଏ। ଯଦି କୌଣସି ମାମଲା ଦାୟର ହୋଇଥାଏ, ତେବେ ଏହା ସମ୍ବନ୍ଧୀୟ ଇଭିଏମକୁ ପ୍ରୋଟକଲ୍ ଅନୁସାରେ ସୁରକ୍ଷିତ ରଖାଯାଇଥାଏ। ଏହାବ୍ୟତୀତ ମାମଲା ନ ସରିବା ପର୍ଯ୍ୟନ୍ତ ଏହା ସୁରକ୍ଷିତ ରଖାଯାଏ।



# ଚାଓମିନ୍ ଖାଇବାକୁ ପସନ୍ଦ କି ?

ଆଜିକାଲି ଯୁବପିଢି ଚାଇନିଜ୍ ଖାଦ୍ୟ ଖାଇବାକୁ ମନ ବଳାଉଛନ୍ତି। ଚାଇନିଜ୍ ଖାଦ୍ୟ ମଧ୍ୟରେ ଚାଓମିନ୍ ସର୍ବପ୍ରଥମେ ଆସେ। ଏହାକୁ ଖାଇବାକୁ ପିଲା ଠାରୁ ଯୁବ ପର୍ଯ୍ୟନ୍ତ ସମସ୍ତେ ଭଲ ପାଆନ୍ତି। ନିକଟରେ ଏକ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି। ଯାହାକୁ ଦେଖିଲା ପରେ ଆପଣ ଚାଓମିନ୍ ଖଶଇବା ପୂର୍ବରୁ ୧୦୦ଥର ଭାବିବେ। ଏହି ଭିଡିଓରେ ଏକ ଦୋକାନରେ ଚାଓମିନ୍ରେ ଧଳା କୀଟ ବୁଲୁଥିବା ଦେଖାଯାଉଛି। ଏହି ଭିଡିଓ ଅଧିକ ଭାଇରାଲ ହେବାରେ ଲାଗିଛ। ଯଦି ଆପଣ ଚାଓମିନ୍ ଖାଇବାକୁ ମଧ ଭଲ ପାଆନ୍ତି ତେବେ ଆପଣଙ୍କୁ ଏହି ଭିଡିଓ ଦେଖିବା ଜରୁରୀ। ପରବର୍ତ୍ତୀ ସମୟରେ ଚାଓମିନ୍ ଖାଇବା ପୂର୍ବରୁ ଆପଣ ନିଶ୍ଚିତ ଭାବରେ ଏହାକୁ ଯାଞ୍ଚ କରିବେ।



ଝବଭୟରରକ୍ତ୍ରପହବକ୍ଷଭୟକ୍ଷକ୍ସସଝବ ନାମକ ଜଣେ ୟୁଜର୍ସ ଇନଷ୍ଟାଗ୍ରାମରେ ଚାଓମିନ୍ର ଏହି ଭିଡିଓ ଶେୟାର କରିଛନ୍ତ। ମସଲା ଏବଂ ସସରେ ଭର୍ତି ହୋଇଥିବା ଏହି ଚାଓମିନ୍ ପ୍ରଥମ ଦେଖାରେ ସ୍ୱାଦିଷ୍ଟ ମନେହୁଏ, କିନ୍ତୁ ପରେ ପ୍ରକୃତ ଘଟଣା ପଦାକୁ ଆସେ।

# ଦ୍ୱିତୀୟ ବିବାହ କରିବେ ଜେନିଫର !



ଟେଲିଭିଜନର ଲୋକପ୍ରିୟ ଅଭିନେତ୍ରୀ ଜେନିଫର୍ ଓ୍ୱିଙ୍ଗେଟ୍ । ଟିଭି ପରଦାରେ କେତେବେଳେ ଜଣେ ପାଗଳ ପ୍ରେମିକା ତ କେତେବେଳେ ଜଣେ ଶାନ୍ତ ବୋହୂ। ନିଜର ଅଭିନୟରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରୁଥିବା ଜେନିଫର ଓ୍ୱିଙ୍ଗେଟ୍ ଏବେ ପୁଣିଥରେ ଚର୍ଚ୍ଚାର । ହେଲେ ଏଥର କୌଣସି ସିରିଏଲ୍ ପାଇଁ ନୁହେଁ, ପର୍ସନାଲ୍ ଲାଇଫ୍କୁ ନେଇ । ସୋସିଆଲ ମିଡିଆରେ ଏବେ ଗୋଟିଏ ପ୍ରଶ୍ନ ଘୁରି ବୁଲୁଛି- ଜେନିଫର କ'ଣ ପୁଣିଥରେ ବିବାହ କରିବାକୁ ଯାଉଛନ୍ତି କି ? କଣ ସତରେ ଛାଡପତ୍ରର ୧୪ ବର୍ଷ ପରେ ୪୦ ବର୍ଷ ବୟରେ ଦ୍ୱିତୀୟ ବିବାହ କରିବାକୁ ଯାଉଛନ୍ତି ଜେନିଫର ? ଜେନିଫର ନିକଟରେ ସୋସିଆଲ ମିଡିଆରେ କିଛି ଓ୍ୱେଡିଂ ପୋଷ୍ଟ ଲାଇକ୍ କରିଛନ୍ତି । କିଛି ଓ୍ୱେଡିଂ ଡ୍ୟାନ୍ସ ଭିଡିଓରେ କମେଣ୍ଟ ମଧ କରିଥିବା ଦେଖିବାକୁ ମିଳିଛି । ଏସବୁ ଦେଖି ପ୍ରଶଂସକମାନେ ଅନୁମାନ କରୁଛନ୍ତି ଯେ, ଜେନିଫରଙ୍କ ଜୀବନରେ ହୁଏତ କିଏ ମିଷ୍ଟ୍ରୀମ୍ୟାନଙ୍କ ଏଣ୍ଟ୍ରୀ ହୋଇ ସାରଛି । ପୂର୍ବରୁ ଟିଭି ଅଭିନେତା କରଣ ଓ୍ୱାହିଙ୍କ ସହ ତାଙ୍କ ନାଁ ଯୋଡା ଯାଉଥିଲା । କିନ୍ତୁ ଦାବି କରାଯାଉଛି ଯେ, ଜେନିଫର ଏବେ ସିଙ୍ଗାପୁରର ଉଇଲିୟମ୍ ଇସମାଇଲ୍ ନାମକ ଜଣଙ୍କୁ ଡେଟ୍ କରୁଛନ୍ତି । ଏ ପର୍ଯ୍ୟନ୍ତୁ ଜେନିଫର ବିବାହ ଗୁଜବ ଉପରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି । ନିଶ୍ଚିତ କରିନାହାନ୍ତି କି ଅସ୍ୱୀକାର ବି କରିନାହାନ୍ତି ।




ରାଜ୍ୟ ପ୍ରଜାତନ୍ତ୍ର

କଟକ

୨୫ - ୦୪ -୨୦୨୬




### ରାଜସ୍ୱ ପର୍ଷଦ ଅନ୍ତର୍ଗତ ସମସ୍ତ ରିଭିଜନାଲ କୋର୍ଟଗୁଡ଼ିକର କାର୍ଯ୍ୟର ସମୀକ୍ଷା

# ୭୬,୦୦୦ ବିଚାରାଧୀନ ମାମଲାର ତ୍ୱରିତ ଶୁଣାଣିକୁ ଗୁରୁତ୍ୱ

କଟକ/ ଭୁବନେଶ୍ୱର, (ପିପିଏସ୍): ରାଜସ୍ୱ ପର୍ଷଦର ସଦସ୍ୟ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ୪୧ ଗୋଟି ରିଭିଜନାଲ୍ କୋର୍ଟର କାର୍ଯ୍ୟ ସମ୍ପାଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଏକ ସମୀକ୍ଷା ବୈଠକ ସମସ୍ତ ପ୍ରିଜାଇଡିଂ ଅଫିସରମାନଙ୍କ ସହ ଅନୁଷ୍ଠିତ ହୋଇଛି। ଏହି ସମୀକ୍ଷା ବୈଠକରେ କଟକ ଓ ଭୁବନେଶ୍ୱରରେ ଥିବା କୋର୍ଟ ଗୁଡ଼ିକର ପ୍ରିଜାଇଡିଂ ଅଫିସରମାନେ ଯୋଗ ଦେଇଥିଲେ ଏବଂ ରାଜସ୍ୱ ବିଭାଗ ତରଫରୁ ଅତିରିକ୍ତ ସଚିବ, ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଲିଙ୍ଗରାଜ ମହାପ୍ରଭୁ ପ୍ରଶାସନର ରାଜସ୍ୱ ଅଧିକାରୀ, ରାଜସ୍ୱ ଆୟୁକ୍ତ, ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଅତିରିକ୍ତ କମିଶନରମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ସାଧାରଣ ଜନତାଙ୍କ ଜମିଜମା ସମ୍ବନ୍ଧୀୟ କେସ୍ ଗୁଡ଼ିକରେ ତ୍ୱରାନ୍ୱିତ ନ୍ୟାୟ ପ୍ରଦାନ ପାଇଁ ଶ୍ରୀ ସାହୁ ଗୁରୁତ୍ୱାରୋପ କରିବା ସହ କୋର୍ଟ ଗୁଡ଼ିକର ସୁପରିଚାଳନାର ସୁବିସ୍ତୃତ ସମୀକ୍ଷା କରିଛନ୍ତି। ଉପବିଭାଗ ତଥା ତହସିଲ, ବନ୍ଦୋବସ୍ତ ଇତ୍ୟାଦି କାର୍ଯ୍ୟାଳୟମାନଙ୍କରୁ ମଗାଯାଉଥିବା ପାରାୱାଇଜ୍ ରିପୋର୍ଟ/ନିମ୍ନ ଅଦାଲତ କାଗଜାତ୍ ଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଭାବେ ଯଥାଶୀଘ୍ର ରିଭିଜନ୍ କୋର୍ଟ ଗୁଡ଼ିକରେ ଉପସ୍ଥାପନା କରିବାପାଇଁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକନ୍ତୁ ସପ୍ତାହରେ ୩ ଦିନ ରିଭିଜନ୍ କୋର୍ଟ କରିବା ପାଇଁ ସମସ୍ତ ପ୍ରିଜାଇଡିଂ ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିଭିଜନ୍ କୋର୍ଟର ପ୍ରିଜାଇଡିଂ ଅଫିସରମାନଙ୍କୁ ତାଙ୍କ କୋର୍ଟରେ ପଡ଼ିରହିଥିବା କେସ୍ ଗୁଡ଼ିକୁ ନ୍ୟାୟିକ ଭିତ୍ତିରେ ଶୀଘ୍ର ଫଇସଲା କରିବାପାଇଁ ରାଜସ୍ୱ ପର୍ଷଦ ନିର୍ଦ୍ଦେଶ ଦେଇଛନ୍ତି। ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ବିଭିନ୍ନ ସମୟରେ ଆସୁଥିବା ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଏଥିସହିତ ଦୂରଦୂରାନ୍ତରୁ ଆସୁଥିବା ସାଧାରଣ ଜନତା କିପରି ଉପକୃତ ହୋଇପାରିବେ, ସେଥିପାଇଁ ରିଭିଜନ୍ କୋର୍ଟରେ ସଂସ୍ଥାପିତ ପ୍ରଯୁକ୍ତି ବିଦ୍ୟା ଯଥା ସିସିଏମ୍ଏସ୍ ୨.୦ର ସଦୁପଯୋଗ କରି ପ୍ରତ୍ୟହ କୋର୍ଟରେ ହେଉଥିବା କଜ୍ ଲିଷ୍ଟ, ମଧ୍ୟବର୍ତ୍ତୀକାଳୀନ ଅର୍ଡର, ଫାଇନାଲ୍ ଅର୍ଡର ଇତ୍ୟାଦିକୁ ଅପଲୋଡ୍ କରିବାପାଇଁ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଛନ୍ତି। କୌଣସି କେସ୍ ରେ ସର୍ବାଧିକ ୩ ଥରରୁ ଅଧିକା ଅଡ଼ିଦାତା ଅନୁପସ୍ଥିତ ରହିଲେ କେସ୍ଟି ଖାରଜ କରିବାକୁ ନିଷ୍ପତ୍ତି ନିଆଯାଇଛି। ନିକଟ ଅତୀତରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଓ ଏସ୍.ଓ.ପି ଅନୁଯାୟୀ ରିଭିଜନ୍ କୋର୍ଟମାନଙ୍କରେ ପଡ଼ିରହିଥିବା ପୁରାତନ କବଲା ସମ୍ବନ୍ଧୀୟ କେସ୍ଗୁଡ଼ିକୁ ତ୍ୱରିତ ଫଇସଲା ନିମନ୍ତେ ସମ୍ପୃକ୍ତ ତହସିଲ କାର୍ଯ୍ୟାଳୟକୁ ଶୀଘ୍ର ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଲିଜ୍ ଜମି, ଜଙ୍ଗଲ କିସମ ଜମି, ଶ୍ରୀ ଜଗନ୍ନାଥ ମହାପ୍ରଭୁ, ଲିଙ୍ଗରାଜ ମହାପ୍ରଭୁ, ଅନ୍ୟାନ୍ୟ ସର୍ବସାଧାରଣ ଦେବୋତ୍ତର ଜମି ଏବଂ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିଗୁଡ଼ିକୁ ସୁରକ୍ଷିତ ରଖିବାକୁ ସଦସ୍ୟ, ରାଜସ୍ୱ ପର୍ଷଦ ସମସ୍ତ କୋର୍ଟର ପ୍ରିଜାଇଡିଂ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାଧାରଣ ଜନତାଙ୍କୁ କିପରି ନ୍ୟାୟ ମିଳିବ, ଜମି ଦୁର୍ନୀତିକୁ କିପରି ରୋକାଯାଇପାରିବ ଏବଂ ସରକାରୀ ଜମିର ସୁରକ୍ଷା ନିମନ୍ତେ କଡ଼ାକଡ଼ି ଆଦେଶ ଦିଆଯାଇଛି।

### ଗଞ୍ଜାମ ଜିଲ୍ଲା ଗସ୍ତରେ ଉପମୁଖ୍ୟମନ୍ତ୍ରୀ

# ମହିଳା ଓ ଶିଶୁବିକାଶ, ମିଶନଶକ୍ତି ଓ ପର୍ଯ୍ୟଟନ ବିଭାଗର ସମୀକ୍ଷା

■ ସମ୍ପୂର୍ଣ୍ଣା ଶ୍ରୀ ମିଶନ ଓ ନିର୍ଭୟା କଢ଼ି ଭଳି ପଦକ୍ଷେପ ଗଞ୍ଜାମକୁ ଏକ ସ୍ୱତନ୍ତ୍ର ପରିଚୟ ଦେବ ■ ଚଳିତ ବର୍ଷ ଜୁଲାଇ ମାସ ଶେଷ ସୁଦ୍ଧା ଅଙ୍ଗନୱାଡି କେନ୍ଦ୍ରରେ ଖାଲିଥିବା ପଦବୀଗୁଡିକ ପୂରଣ କରିବାକୁ ପରାମର୍ଶ ■ ଗଞ୍ଜାମ ଜିଲ୍ଲାକୁ ସମ୍ପୂର୍ଣ୍ଣ କୁପୋଷଣ ମୁକ୍ତ କରିବା ପାଇଁ ସରକାର ସଂକଳ୍ପବଦ୍ଧ : ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା



ବ୍ରହ୍ମପୁର, (ପିପିଏସ୍): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ଗଞ୍ଜାମ ଜିଲ୍ଲାଗସ୍ତରେ ଆସି ସ୍ଥାନୀୟ ଋଷିକୁଲ୍ୟା ସମ୍ମିଳନୀ କକ୍ଷ ଠାରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ବିଭାଗ ଅନ୍ତର୍ଗତ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲବନ୍ତ ସିଂ, ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ଭାସନ ଭି, ସମସ୍ତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜନପ୍ରତିନିଧି, ଜିଲ୍ଲାସ୍ତରୀୟ ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମହିଳା ଓ କିଶୋରୀମାନଙ୍କ ସଶକ୍ତୀକରଣ ବିନା ସମାଜର ପ୍ରକୃତ ବିକାଶ ସମ୍ଭବ ନୁହେଁ। ସମ୍ପୂର୍ଣ୍ଣା ଶ୍ରୀ ମିଶନ ଓ ନିର୍ଭୟା କଢ଼ି ଭଳି ପଦକ୍ଷେପ ଗଞ୍ଜାମକୁ ଏକ ସ୍ୱତନ୍ତ୍ର ପରିଚୟ ଦେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଉଲ୍ଲେଖ କରିଛନ୍ତି।

ଚଳିତ ବର୍ଷ ଜୁଲାଇ ମାସ ଶେଷ ସୁଦ୍ଧା ଅଙ୍ଗନୱାଡି କେନ୍ଦ୍ରରେ ଖାଲିଥିବା ପଦବୀଗୁଡିକ ପୂରଣ କରିବାକୁ ପରାମର୍ଶ ଦେବା ସହ ଜିଲ୍ଲାର ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ, ବିଦ୍ୟୁତ ସଂଯୋଗ, ଶୌଚାଳୟ ନିର୍ମାଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଯେଉଁଠାରେ ଆଶା ଅନୁରୂପ ବିଦ୍ୟୁତ ସଂଯୋଗ ନାହିଁ ସେଠାରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ବିଦ୍ୟୁତ ସଂଯୋଗ କରିବାପାଇଁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଗଞ୍ଜାମ ଜିଲ୍ଲାକୁ ସମ୍ପୂର୍ଣ୍ଣ କୁପୋଷଣ ମୁକ୍ତ କରିବା ପାଇଁ ସରକାର ସଂକଳ୍ପବଦ୍ଧ ତା ସହ ଜଗନ୍ନାଥ ସର୍କିଟ, ବିଚ ସର୍କିଟ ଓ ଶକ୍ତି ସର୍କିଟର ବ୍ୟାପକ ଉନ୍ନତିକରଣ କରାଯିବ ବୋଲି ସେ କହିଛନ୍ତି।

ସୁଭଦ୍ରା ଯୋଜନା, ବେଟି ବଚାଓ ବେଟି ପଢ଼ାଓ, ପୋଷଣ କାର୍ଯ୍ୟକ୍ରମ, ନିର୍ଭୟା କଢି, ସ୍ୱୟଂ ସହାୟିକା ଗୋଷ୍ଠୀ ଉପରେ ମଧ୍ୟ ସେ ସମୀକ୍ଷା କରିଥିଲେ। ଆସ୍କା ସାଂସଦ ଅନିତା ଶୁଭଦର୍ଶିନୀ ଆସ୍କା ସଂସଦୀୟ କ୍ଷେତ୍ରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ଏବଂ ଗଞ୍ଜାମର ପଞ୍ଚଲିଙ୍ଗେଶ୍ୱର ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ତାମ୍ପରା ହ୍ରଦର ପୁନଃରୁଦ୍ଧାର କରିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବରିଷ୍ଠ ତୀର୍ଥ ଯାତ୍ରା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୭୭୫ ଜଣ ହିତାଧିକାରୀ ଅଯୋଧ୍ୟା, ବାରଣାସୀ ଏବଂ ଦ୍ୱିତୀୟ ପର୍ଯ୍ୟାୟ ରେ ୭୭୫ ଜଣ ହିତାଧିକାରୀ ଉଜ୍ଜୟିନୀ, ଓଁକାରେଶ୍ୱର ଭ୍ରମଣ କରିଥିଲେ ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ବୈଠକକୁ ଅବଗତ କରିଥିଲେ। ଏହି ଅବସରରେ ସେ ଜିଲ୍ଲାର ସୁଭଦ୍ରା ଶକ୍ତି ଓ ଲକ୍ଷପତି ଦିଦିଙ୍କ ସହ ଉପମୁଖ୍ୟମନ୍ତ୍ରୀ ସିଧାସଳଖ ଆଲୋଚନା କରି ସେମାନଙ୍କ ଅନୁଭୂତି ଓ ସଫଳତାର କାହାଣୀ ଶୁଣିବା ସହ ଅନ୍ୟମାନଙ୍କୁ ଅନୁପ୍ରେରିତ କରିଥିଲେ। ଏହା ସହ 'ସମ୍ପୂର୍ଣ୍ଣା ଶ୍ରୀ ମିଶନ'ର ଲୋଗୋ ଓ ଏସଓପିକୁ ଉପମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଗଞ୍ଜାମ ବ୍ଲକର କିଶୋରୀମାନଙ୍କ ଦ୍ୱାରା 'ନିର୍ଭୟା କଢ଼ି' ଅଭିଯାନ ଗୀତ ପରିବେଷଣ କରାଯାଇଥିଲା। ଏହି ଅଭିଯାନ ବାଲ୍ୟ ବିବାହ ରୋକିବା ଓ କିଶୋରୀ ସଶକ୍ତୀକରଣ ଦିଗରେ ଜିଲ୍ଲାର ଏକ ଅଭିନବ ପଦକ୍ଷେପ ଅଟେ। ଗଞ୍ଜାମ ସମର୍ପଣ, ବ୍ରହ୍ମପୁରୀ ପାଟ ଓ ପାଟ ଫ୍ରେମ୍ ଉପରେ ମଧ୍ୟ ବୈଠକରେ ଉପସ୍ଥାପନା କରାଯାଇଥିଲା।

# ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ପାଇଁ ଭାପୁର ବ୍ଲକ୍ ପୁରସ୍କୃତ

ଭାପୁର, (ପିପିଏସ୍): ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ପଠାଣି ସାମନ୍ତ ସଂସ୍କୃତି ଭବନ ନୟାଗଡ଼ ଠାରେ ଶୁକ୍ରବାର ଦିନ ଜିଲ୍ଲାସ୍ତରୀୟ ପଞ୍ଚାୟତରାଜ ସମାରୋହ ପାଳିତ ହୋଇଯାଇଛି। ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟରେ ନୟାଗଡ ଜିଲ୍ଲାରେ ଉଲ୍ଲେଖନୀୟ ସଫଳତା ପାଇଁ ଭାପୁର ପଞ୍ଚାୟତ ସମିତିକୁ ପ୍ରଶଂସା କରାଯିବା ସହ ଜିଲ୍ଲା ପରିଷଦ ନୟାଗଡ ତରଫରୁ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ଚଳିତ ବର୍ଷ ୨୦୨୫-୨୬ ଆର୍ଥିକ ବର୍ଷରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟରେ ସର୍ବାଧିକ ଅନୁଦାନ ଅର୍ଥ ବ୍ୟୟ କରିବାରେ ଭାପୁର ପଞ୍ଚାୟତ ସମିତି ପ୍ରଥମ ହୋଇ ଆଜି ସମ୍ମାନୀତ ହୋଇ ବିରୋଧୀମାନଙ୍କୁ ଏକ ପ୍ରକାର ଚୁପ କରିଦେଇଛି। ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡାଙ୍କ କାର୍ଯ୍ୟ ଗୁଡିକୁ ତଦାରଖ କରିବା ଓ ଯଥା ସମୟରେ ସମାପନ କରିବାକୁ ଗୁରୁତ୍ୱ ଦେଇ ଥିବାରୁ ଏହା ସମ୍ଭବ ହୋଇପାରିଛି ବୋଲି ବ୍ଲକ ପକ୍ଷରୁ ସୂଚନା ମିଳିଛି।



# ଜାତୀୟ ପଞ୍ଚାୟତିରାଜ ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିପିଏସ୍) ଜାତୀୟ ପଞ୍ଚାୟତିରାଜ ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଜାତୀୟ ପଞ୍ଚାୟତିରାଜ ଦିବସ' ଅବସରରେ ସମସ୍ତ ଜନସାଧାରଣ ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଜଣେ ସରପଞ୍ଚ ଭାବେ ମୋର ସାର୍ବଜନୀନ ଜୀବନ ଆରମ୍ଭ ହୋଇଥିବାରୁ ଗ୍ରାମୀଣ ବିକାଶ ଏବଂ ପଞ୍ଚାୟତର ଶକ୍ତିକୁ ମୁଁ ଅତି ନିକଟରୁ ଅନୁଭବ କରିଛି। ଗାଁର ବିକାଶରେ ହିଁ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ନିହିତ, ସେଥିପାଇଁ ଆମ ସରକାର ତୃଣମୂଳ ସ୍ତରର ବିକାଶକୁ ସର୍ବଦା ପ୍ରାଥମିକତା ଦେଉଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି କ୍ରମରେ ଆଜି ବଲାଙ୍ଗିରଠାରେ ଆୟୋଜିତ ହେଉଥିବା ରାଜ୍ୟସ୍ତରୀୟ ସମାରୋହରେ 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ଆହୁରି ୫୦,୦୦୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବା ସହ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଆମେ ଗ୍ରାମାଞ୍ଚଳର ପ୍ରଗତି ପାଇଁ ଆଉ ଏକ ପାଦ ଆଗକୁ ବଢ଼ିବୁ। ସାମଗ୍ରିକ ସହଭାଗିତାରେ ଆମେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରି ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ସଂକଳ୍ପବଦ୍ଧ।

### ସମ୍ବଲପୁରରେ ଜେଏସଡବ୍ଲୁ ଏବଂ ଜାପାନର ଜେଏଫଇ ଷ୍ଟିଲ୍ ମଧ୍ୟରେ ଯୌଥ ଉଦ୍ୟମର ଶୁଭାରମ୍ଭ

# ସମ୍ବଲପୁର ଓ ଝାରସୁଗୁଡ଼ା ସମେତ ଓଡ଼ିଶା ହେବ ଦେଶର ଅଗ୍ରଣୀ ମ୍ୟାନୁଫ୍ୟାକଚରିଂ ଏବଂ ଲଜିଷ୍ଟିକ୍ ହବ୍



ସମ୍ବଲପୁର/ଭୁବନେଶ୍ୱର, (ପିପିଏସ୍): ସମ୍ବଲପୁର ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଭାରତର ଅଗ୍ରଣୀ ଇସ୍ପାତ ନିର୍ମାତା ଜେଏସଡବ୍ଲୁ ଏବଂ ଜାପାନର ପ୍ରସିଦ୍ଧ ଜେଏଫଇ ଷ୍ଟିଲ୍ କର୍ପୋରେସନ ମଧ୍ୟରେ ଶୁକ୍ରବାର ଯୌଥ ଉଦ୍ୟମ (ଜଏଂଟ ଭେଂଚର) ସ୍ଥାପନର ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। 'ଜେଏସଡବ୍ଲୁ ଜେଏଫଇ ଷ୍ଟିଲ୍ ଲିମିଟେଡ'ର ଏହି ବିକାଶମୂଳକ ପ୍ରକଳ୍ପ ଦ୍ୱାରା ସମ୍ବଲପୁର ଓ ଝାରସୁଗୁଡ଼ା ସମେତ ଓଡ଼ିଶା ଦେଶର ଅଗ୍ରଣୀ ମ୍ୟାନୁଫ୍ୟାକଚରିଂ ଏବଂ ଲଜିଷ୍ଟିକ୍ ହବରେ ପରିଣତ ହେବ ବୋଲି ଶ୍ରୀ ପ୍ରଧାନ ଦୃଢୋକ୍ତି ପ୍ରକାଶ କରିଛନ୍ତି।

ଏହି ଐତିହାସିକ ସହଭାଗିତାକୁ ଶ୍ରୀ ପ୍ରଧାନ ସ୍ୱାଗତ କରିବା ସହ କହିଛନ୍ତି, ଏହି ବୃହତ ପ୍ରକଳ୍ପ ଅଧୀନରେ ଓଡ଼ିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ, ଯାହା ମୁଖ୍ୟତଃ ଉଚ୍ଚମାନର ଗୁଣାତ୍ମକ ଇସ୍ପାତ ଉତ୍ପାଦନ ଉପରେ କେନ୍ଦ୍ରିତ ହେବ । ୧୯୫୨ ମସିହାରୁ ଭାରତ ଏବଂ ଜାପାନ ମଧ୍ୟରେ ରହିଥିବା ଦୃଢ଼ କୂଟନୈତିକ ସମ୍ପର୍କ ଆଗାମୀ ୨୦୨୭ ମସିହାରେ ୭୫ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ଏହି ନିବେଶ ଉଭୟ ଦେଶର ସମ୍ପର୍କକୁ ଆହୁରି ମଜବୁତ କରିବ। ଓଡ଼ିଶା ଏବଂ ଜାପାନ ମଧ୍ୟରେ ଥିବା ଗଭୀର ଆଧ୍ୟାତ୍ମିକ ସମ୍ପର୍କ ଉପରେ ଆଲୋକପାତ କରି କହିଛନ୍ତି ଯେ, ଜେଏଫଇ କମ୍ପାନୀ ପ୍ରଥମ ଥର ପାଇଁ ଜାପାନ ବାହାରକୁ ଆସି ଭାରତର ଜେଏସଡବ୍ଲୁ ସହ ମିଶି ଓଡ଼ିଶାରେ କାର୍ଯ୍ୟ କରୁଛି, ଯେଉଁଠାରେ ଉଭୟ କମ୍ପାନୀ ମିଳିତ ଭାବେ ବାର୍ଷିକ ପ୍ରାୟ ୫୯ ମିଲିୟନ ମେଟ୍ରିକ ଟନରୁ ଅଧିକ ଇସ୍ପାତ ଉତ୍ପାଦନ କ୍ଷମତା ରଖୁଛନ୍ତି। ଜେଏସଡବ୍ଲୁ ଏବଂ ଜେଏଫଇର ମିଳନ କେବଳ ଏକ ବ୍ୟବସାୟିକ ଚୁକ୍ତି ନୁହେଁ, ବରଂ ଏହା ଜାପାନର ବୈଷୟିକ ଉତ୍କର୍ଷତା ଏବଂ ଭାରତର ଶିଳ୍ପ ଦକ୍ଷତା ସହିତ ଉତରଦାୟୀ ବିକାଶର ଏକ ସମନ୍ୱୟ । ଏହା ସହିତ ଏହି ପ୍ରକଳ୍ପ 'ଗ୍ରୀନ୍ ଷ୍ଟିଲ୍' ଉତ୍ପାଦନ ଉପରେ ଗୁରୁତ୍ୱ ଦେଇ ପରିବେଶ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଉଦାହରଣ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

ଜେଏସଡବ୍ଲୁ ଏବଂ ଜାପାନର ଜେଏଫଇ ଷ୍ଟିଲ୍ କର୍ପୋରେସନ ମଧ୍ୟରେ ୫୦:୫୦ ଭାଗିଦାରୀରେ ସମ୍ବଲପୁରରେ ଅବସ୍ଥିତ ଜେଏସଡବ୍ଲୁ ପ୍ଲାଂଟର ବାର୍ଷିକ ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନ୍ ରୁ ୧୦ ମିଲିୟନ ଟନକୁ ବୃଦ୍ଧି କରାଯିବାର ଯୋଜନା ରହିଛି। ଏହି ପୁଞ୍ଜିନିବେଶ ଦ୍ୱାରା ସମ୍ବଲପୁର, ଝାରସୁଗୁଡ଼ା ଏବଂ ସମଗ୍ର ପଶ୍ଚିମ ଓଡ଼ିଶା ଅଂଚଳ ଏକ ଅଗ୍ରଣୀ ମ୍ୟାନୁଫ୍ୟାକଚରିଂ ଏବଂ ଲଜିଷ୍ଟିକ୍ ହବ୍ ଭାବେ ଉଭା ହେବ। ଶିଳ୍ପ ପ୍ରତିଷ୍ଠା ସହିତ ସ୍ଥାନୀୟ ନିଯୁକ୍ତି, ଦକ୍ଷତା ବିକାଶ ଏବଂ ସାମାଜିକ ସହଭାଗିତାକୁ ପ୍ରାଧାନ୍ୟ ଦେବା ପାଇଁ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଏହା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ହଜାର ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଏହି ପ୍ରକଳ୍ପ ଓଡ଼ିଶାର ଅର୍ଥନୀତି ପାଇଁ ଏକ 'ଗେମ୍ ଚେଞ୍ଜର' ସାବ୍ୟସ୍ତ ହେବ । ଏହି ପ୍ରକଳ୍ପ ଜରିଆରେ ଓଡ଼ିଶା ବିଶ୍ୱର ଇସ୍ପାତ ମାନଚିତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭା ହେବ।

ଆଂଚଳିକ ବିକାଶ ଏବଂ ନିଯୁକ୍ତି ସୁଯୋଗ ସମ୍ପର୍କରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଗତ ୨୫ ବର୍ଷ ମଧ୍ୟରେ ସୁନ୍ଦରଗଡ଼ରୁ ବରଗଡ଼ ପର୍ଯ୍ୟନ୍ତ ଅଞ୍ଚଳ ଏକ ପ୍ରମୁଖ ଶିଳ୍ପ କ୍ଲଷ୍ଟର ଭାବେ ଉଭା ହୋଇଛି, ଯେଉଁଠାରେ ବିମାନବନ୍ଦର ଓ ଆଧୁନିକ ସୁବିଧାସୁଯୋଗ ଉପଲବ୍ଧ ହେଲାଣି । ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ପରିସରରେ 'ଜୋହୋ ସ୍କିଲ୍ ହବ୍'ର ଲୋକାର୍ପଣ ହୋଇଛି। ଏହା ଦ୍ୱାରା ସମ୍ବଲପୁରର ୨୫ ଜଣ ଯୁବବର୍ଗ ବର୍ତ୍ତମାନ ଜାପାନୀ ଭାଷା ଶିକ୍ଷା କରୁଛନ୍ତି, ଯାହାଫଳରେ ସେମାନେ ଏହି ଜାପାନୀ ପ୍ରକଳ୍ପରେ ସିଧାସଳଖ ନିଯୁକ୍ତି ପାଇପାରିବେ। ଏହାକୁ ସେ 'ବାଏ ୱାନ-ଗେଟ୍ ୱାନ ଫ୍ରି'ର ଆଖ୍ୟା ଦେଇ କହିଛନ୍ତି ଯେ ନିବେଶକମାନେ ଏଠାରେ କେବଳ କାରଖାନା ନୁହେଁ, ବରଂ ଦକ୍ଷ ଓ ଭାଷାଜ୍ଞାନ ଥିବା ଯୁବଶକ୍ତି ମଧ୍ୟ ପାଇପାରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ୱେଲଥ୍ କ୍ରିଏଟରମାନଙ୍କୁ ସମ୍ମାନ' ମନ୍ତ୍ରକୁ ଦୋହରାଇ ସେ କହିଛନ୍ତି ଯେ, ଶିଳ୍ପାୟନ ମାଧ୍ୟମରେ ହିଁ ଦେଶର ବିକାଶ ଓ ଗରିବ କଲ୍ୟାଣ ସମ୍ଭବ। ଆଜିର ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜେଏସଡବ୍ଲୁ ଗ୍ରୁପ ଓ ଜେଏଫଇ ଷ୍ଟିଲ୍ କର୍ପୋରେସନକୁ ଧନ୍ୟବାଦ ଜଣାଇଛନ୍ତି।

## ଖରିଆର ଅତିରିକ୍ତ ତହସିଲଦାର ନିଲମ୍ବିତ

ଭୁବନେଶ୍ୱର, (ପିପିଏସ୍): ନୂଆପଡ଼ା ଜିଲ୍ଲା ଅନ୍ତର୍ଗତ ଖରିଆର ଅତିରିକ୍ତ ତହସିଲଦାର୍ ତଥା ଓଡ଼ିଶା ରାଜସ୍ୱ ସେବା ଅଧିକାରୀ (ଓଆରଏସ୍) ଭୂପିନ୍ଦର ସିଂହଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଓଡିଶା ସରକାର ତାଙ୍କୁ ନିଲମ୍ବନ କରିଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ଓଡିଶା ସିଭିଲ ସର୍ଭିସର ଶ୍ରେଣୀବିଭାଗ, ନିୟନ୍ତ୍ରଣ ଓ ଅପିଲ୍ (ସିସି ଆଣ୍ଡ୍ ଏ) ନିୟମାବଳୀ, ୧୯୬୨ ଅନୁସାରେ ଗ୍ରହଣ କରାଯାଇଛି।

ନିଲମ୍ବନ ସମୟରେ ଶ୍ରୀ ସିଂହଙ୍କର ମୁଖ୍ୟାଳୟ ରେଭେନ୍ୟୁ ଡିଭିଜନାଲ କମିଶନର (ଆରଡିସି, ନର୍ଥ ଡିଭିଜନ୍), ସମ୍ବଲପୁର କାର୍ଯ୍ୟାଳୟରେ ନିର୍ଦ୍ଧାରିତ ହୋଇଛି ଏବଂ ପୂର୍ବ ଅନୁମତି ବିନା ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଏଥିସହିତ ନିଲମ୍ବନ ସମୟରେ ସେ ଓଡିଶା ସର୍ଭିସ କୋଡ୍ ଅନୁଯାୟୀ କେବଳ ଜୀବନ- ନିର୍ବାହ ଭତ୍ତା ପାଇ ପାରିବେ।

# ବିଏମ୍‌ସିର ୬୯୭କୋଟି ୩୨ଲକ୍ଷ ୩ ହଜାର ଟଙ୍କାର ବଜେଟ୍ ପ୍ରସ୍ତୁତ

ବ୍ରହ୍ମପୁର, (ପିପିଏସ୍): ଆଜି ସନ୍ଧ୍ୟାରେ ମହାନଗର ନିଗମର ୨୦୨୬-୨୭ ଚଳିତ ଆର୍ଥିକ ବଜେଟ ଅଧିବେଶନ ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବଜେଟରେ ସହରର ସମସ୍ୟା ଦୂରୀକରଣ, ପାରିପାର୍ଶ୍ୱିକ ବିକାଶ, ସୌନ୍ଦର୍ଯ୍ୟକରଣ, ରାଜସ୍ୱ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି । ବିଏମସିର ସିଏଫ୍ଓ ବଜେଟ୍‌ର ବିବରଣୀ ପ୍ରଦାନ କରିଥିଲେ। ସହରାଞ୍ଚଳ ଉନ୍ନତି ପାଇଁ ବିଏମସି ନୂଆ ପ୍ରକଳ୍ପ ତାଲିକା କରିଛି । ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ କେଉଁ ସବୁ କାର୍ଯ୍ୟ ହାତକୁ ନେଇଛି ତାହାର ତାଲିକା ଅଧିବେଶନରେ ରଖାଯାଇଥିଲା। ମୋଟ ୬୯୭କୋଟି ୩୨ଲକ୍ଷ ୩ ହଜାର ଟଙ୍କାର ବଜେଟ୍ ପ୍ରସ୍ତୁତ ହୋଇଛି । ସହରବାସୀଙ୍କ ସୁବିଧା ପାଇଁ କର୍ପୋରେଟରଙ୍କ ପ୍ରସ୍ତାବ ପ୍ରକଳ୍ପଗୁଡ଼ିକୁ ଯୋଡା ମଧ୍ୟ ଯାଇଛି। ତେବେ କ୍ଷୋଭର ବିଷୟ ବର୍ଷକୁ ବର୍ଷ ବଜେଟ ବଢ଼ିବଢ଼ି ଯାଉଥିବା ବେଳେ ସରକାରଙ୍କ ଠାରୁ ସେଭଳି ଆଖିଦୃଶିଆ ଅନୁଦାନ ମିଳୁନଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ କର୍ପୋରେଟରମାନେ। ଏପରିକି ଗତ ଆଥିକ ବର୍ଷରେ ପ୍ରାୟ ୫୫୦ କୋଟି ଟଙ୍କାର ବଜେଟ କରାଯାଇଥିବା ବେଳେସେଥିମଧ୍ରୁ ବିଏମସି ମାତ୍ର ୧୩୦ କୋଟି ମିଳିଛି। ଯାହାବି ମିଳିଛି ବିଏମସିର ଅପରାଗତାରୁ ଆଜି ସୁଧା କୌଣସି କାର୍ଯ୍ୟର ଟେଣ୍ଡର ହୋଇ ପାରୁନଥିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ବରିଷ୍ଠ କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ଅନ୍ୟତମ କର୍ପୋଟେର ସୁରେନ୍ଦ୍ର ମହାରଣା କହିଲେ ଲୋକଦେଖାଣିଆ ବଜେଟ ହୋଇଥିବା ବେଳେ ଭଗବାନଙ୍କ ଭରସାରେ ଚାଲିଛି ବିଏମସି। ଏହାଛଡା ମହିଳା ବିରୋଧୀ ବଜେଟ ହୋଇଥିବା ଯୋଗୁଁ ଏହାକୁ ନେଇ ଦୁଃଖ ପ୍ରକାଶ କରୁଛି ବୋଲି କହିଥିଲେ। ବହୁ କର୍ପୋରେଟରଙ୍କ ବାଦ ବିବାଦ ପରେ ମେୟର ଶ୍ରୀମତୀ ଦଳେଇ କହିଲେ ରାଜ୍ୟର ସମସ୍ତ ନିଗମକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେଭଳି ଅନୁଦାନ ମିଳିବା କଥା ମିଳୁଛି କିନ୍ତୁ ବ୍ରହ୍ମପୁର ମହାନଗରକୁ ଅଣଦେଖା କରାଯାଉଛି। ଏପରିକି ଅଧିକାରୀ ଓ କର୍ମଚାରୀଙ୍କୁ ବାରମ୍ବାର ବଦଳି କରିବା ଭଳି ମଧ୍ୟ ଅବସ୍ଥା ଦେଖିବାକୁ ମିଳୁଛି। ଯଦି ବିଏମସିର ବୈଠକରେ ସାମ୍ବସଦ ଓ ବିଧାୟକ ମାନେ ଉପସ୍ଥିତ ରୁହନ୍ତେ ତେବେ ସମସ୍ୟା କଣ ଉପଲବ୍ଧ କରେନ୍ତେ ଆଉ ରାଜ୍ୟସରକାରଙ୍କ ଠାରେ ସହରର ବିକାଶ ନେଇ ଦାବି ଉପସ୍ଥାପନ କରିପାରନ୍ତେ ବୋଲି କହିଥିଲେ।ଏଭଳି ବହୁ ବାଦ ବିବାଦ ମଧ୍ୟରେ ବଜେଟକୁ ନେଇ ଆଲୋଚନା କରିବା ପରେ ମଧ ବହୁ ତ୍ରୁଟି ରହିଥିବା ଦେଖିବାକୁ ମିଳିଥିଲା। ଯାହାକୁ ଆଜି ତାହାକୁ ସଜାଡି ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କମିସନର ଏ.ସସ୍ୟା ରେଡ୍ଡି ମତବ୍ୟକ୍ତ କରିଥିଲେ।

ବଜେଟ ପ୍ରାରମ୍ଭରେ ବରିଷ୍ଠ କର୍ପୋରେଟର ପ୍ରଦୀପ ଶତପଥୀ ବିଏମସିର ନିଜସ୍ୱ ଆଦାୟ ନୈରାଶ୍ୟଜନକ ଥିବା ବେଳେ କେବଳ କେନ୍ଦ୍ର ଓ ରାଜ୍ୟସରକାରଙ୍କ ଅନୁଦାନରେ ହିଁ ବିଏମସି ଚାଲିଥିବା ଯୋଗୁଁ ରାଜସ୍ୱ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ।ବିତ୍ତ ବିଭାଗ ପକ୍ଷରୁ ଚଳିତ ଆର୍ଥିକବର୍ଷରେ ନିଗମର ନିଜସ୍ୱ ଆୟ, ଅକ୍ଟ୍ରାଇବାଦକୁ ମିଳୁଥିବା କମିସନକୁ ମିଶାଇ ପ୍ରାୟ ୩୨କୋଟି ହୋଇଥିବା ବେଳେ ପୂର୍ବବର୍ଷର ବଳକା ୨୪୯କୋଟି ୧୪ଲକ୍ଷ ୮ହଜାର ୭ଶହ ଟଙ୍କା, ରାଜ୍ୟସରକାରଙ୍କ ପଞ୍ଚମ କମିସନ ଆଉ କେନ୍ଦ୍ର ସରକାରଙ୍କ ଷଷ୍ଠଦଶ ଅର୍ଥକମିସନରୁ ମିଳିଥିବା ଅନୁଦାନ ୩୩୫ କୋଟି ୯୬ଲକ୍ଷ ୪୦ ହଜାର ୬୬୦ଟଙ୍କା ଏବଂ ବିଭିନ୍ନ ପ୍ରକଳ୍ପ ପାଇଁ ମିଳିଥିବା ସ୍ୱତନ୍ତ୍ର ଅନୁଦାନ ୩୩ କୋଟି ୭୩ ଲକ୍ଷ ୬୯ ହଜାର ୪ଶହ ଟଙ୍କା ଓ ଗିରିମାକେଟ ପ୍ରକଳ୍ପ ନେଇ କରାଯାଇଥିବା ଋଣ ୪୭ କୋଟି। ଏହିଭଳି ୬୯୭କୋଟି ୩୨ ଲକ୍ଷ ୩ ହଜାର ଟଙ୍କାର ଏକ ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରାଯାଇଥିବା ବେଳେ ନିଗମର ବ୍ୟୟ ମଧ୍ୟରେ ରହିଛି କର୍ମଚାରୀ ଦରମା ଓ ପେନସନ ବାବଦକୁ ୬୩ କୋଟି ୨୯ଲକ୍ଷ ୭୮ହଜାର ଥିବା ବେଳେ, ଯାନବାହାନ ଓ ଷ୍ଟ୍ରିଟଲାଇଟ ମରାମତି, ଡିଜେଲ, ସହିତ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୮୪ କୋଟି ୫୯ ଲକ୍ଷ ୯୪ ହଜାର, କାର୍ଯ୍ୟାଳୟ ପରିଚାଳନା ବାବଦରେ ୨କୋଟି ୫୨ ଲକ୍ଷ ୯୯ ହଜାର ବିଭିନ୍ନ କାର୍ଯ୍ୟକ୍ରମ ନେଇ ୩କୋଟି ୫୭ଲକ୍ଷ, ରାସ୍ତାଘାଟ, ନାଳନର୍ଦ୍ଦମା ନିର୍ମାଣ ଓ ପରିଚାଳନା ବାବାଦରେ ୫୨୬ କୋଟି ୩୨ ଲକ୍ଷ୩୨ହଜାର, ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୭ କୋଟି ରହିଥିବା ବେଳେ ବର୍ଷ ଶେଷକୁ କ୍ଲୋଜିଙ୍ଗ ବାଲେନ୍ସ ୧୦କୋଟି ରହିବ ବୋଲି ବଜେଟରେ ଉଲ୍ଲେଖ କରାଯାଇଛି। ଏହିପରି ୬୯୭ କୋଟି ୩୨ ଲକ୍ଷ ଟଙ୍କାର ଆୟ ଓ ବ୍ୟୟ ସ୍ଥିର କରିଛି ବିଏମ୍‌ସି । ୨୦୨୫-୨୬ରେ ପ୍ରାୟ ୫୫୦ କୋଟି ବଜେଟ୍ ଉପସ୍ଥାପନ ହୋଇଥିବା ବେଳେ ଚଳିତ ଆର୍ଥିକ ବଜେଟରେ ୧୪୭ କୋଟି ଟଙ୍କାର ଅଧିକ ବ୍ୟୟ ଆକଳନ କରାଯାଇଛି। ଆଜି ଅନୁଷ୍ଠିତ ବୈଠକରେ ରାଜ୍ୟସରକାରଙ୍କ ପକ୍ଷରୁ ମିଳୁଥିବା ଅନୁଦାନ ଅତି ନୈରାଶ୍ୟଜନକ ବୋଲି ଉଦବେଗ ପ୍ରକାଶ ପାଥିବା ବେଳେ କର୍ପୋରେଟର ଧୀରେଶ ସାବତ ଯାହାବି ଅନୁଦାନ ମିଳିଛଇ ତାହାକୁ ନେଇ କାମ କରିବା ସହିତ ଅଧପନ୍ତରା ହୋଇ ପଡିଥିବା ଜଳଉତ୍ସଗୁଡ଼ିକୁ ତୁରନ୍ତ ନିର୍ମାଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ କର୍ପୋରେଟର ଦୁର୍ଗା ଲାୟକ ବିଏମସିକୁ କିପରି ଅଧିକ ଅନୁଦାନ ମିଳିବ ସେନେଇ ବିଭାଗୀୟ ମନ୍ତ୍ରୀଙ୍କୁ ଭେଟି ଗୁହାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାଛଡା ଯନ୍ତ୍ରୀମାନଙ୍କ ଅପରାଗତାରୁ ମିଳିଥିବା ଅନୁଦାନକୁ କାର୍ଯ୍ୟକାରୀ କରାଯାଉନାହିଁ ବୋଲି ସମସ୍ତ କର୍ପୋଟେର ଏକାସ୍ୱରରେ ମତବ୍ୟକ୍ତ କରିଥିବା ବେଳେ ଏନେଇ କମିସନର ଆଗାମୀ ଦିନରେ, ଭଳି ସମସ୍ୟା ରହିବ ନାହିଁ ବୋଲି ସୂଚନା ଦେଇଥିଲେ। ବୈଠକରେ ଡେପୁଟି ମେୟର ଇ.ବିବେକ ରେଡ୍ଡି, ଡେପୁଟି କମିସନର କଲ୍ୟାଣୀ ସଙ୍ଘମିତ୍ରା, ଆର୍ଶିବାଦ ପରିଡା, ବିତ୍ତ ଅଧିକାରୀ ଦେବବ୍ରତ ସାହୁ, ନିର୍ବାହୀଯନ୍ତ୍ରୀ ଏମ. ନାଗେଶ୍ୱର ସୁବୁଦ୍ଧିଙ୍କ ସମେତ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସୋଲାର ଲାଇଟ୍ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ର ୬ଟି ପଂଚାୟତରେ ଗତ ୨୦୨୨ ମସିହାରେ ୧ କୋଟି ୯୦ ଲକ୍ଷ ୯୦ ହଜାର ୫ ଶହ ଟଙ୍କା ବ୍ୟୟ ଅଟକଳରେ ଲାଗିଥିବା ସୋଲାର ଷ୍ଟ୍ରିଟ୍ ଲାଇଟ୍ର ଭିଜିଲାନ୍ସ ତଦନ୍ତ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଦାବୀ ହୋଇଛି। ସୋଡାମାଳ ପଂଚାୟତର ପୂର୍ବତନ ସରପଂଚ ବଳରାମ ପାଣ୍ଡେ କୋଲାବିରାରେ ଅନୁଷ୍ଠିତ ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣିରେ ଯୋଗଦେଇ କରିଥିବା ଦାବୀ ଅନୁଯାୟୀ କେନ୍ଦ୍ର ସରକାରଙ୍କ ରୁର୍ବାନ ଯୋଜନାରେ କୋଲାବିରା ବ୍ଲକ ଅଧିନସ୍ଥ ସୋଡାମାଳ,ସମାସିଂହା, କୁଲିହାମାଲ, ପୋଖରାସାହ୍ଲେ, ଝିର୍ଲାପାଲି ଓ କୋଲାବିରା ପଂଚାୟତର ବିଭିନ୍ନ ଛକ ମାନଙ୍କରେ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ଏଥିରେ ପାଖାପାଖି ୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ବିଡ଼ିଓ ଙ୍କ ପକ୍ଷରୁ ଭୁବନେଶ୍ୱର ଓରେଡା ସଂସ୍ଥା କୁ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ଦାୟିତ୍ୱ ଦିଆଯାଇଥିଲା। ଏହି ସଂସ୍ଥା ଜରିଆରେ ଟେଣ୍ଡର ଫିକ୍ସିଙ୍ଗ କରାଯାଇ ଓଏସଆଇସି ଲିମିଟେଡ ସଂସ୍ଥା କୁ ଠିକା ଦିଆଯାଇଥିଲା। ଏହି ସଂସ୍ଥା ତରଫରୁ ସ୍ଥାନୀୟ ଠିକାଦାର ଏହାର କାର୍ଯ୍ୟ ସମ୍ପାଦନ କରିଥିଲେ। ଟେଣ୍ଡର କୁ ଝାରସୁଗୁଡ଼ା ଜିଲ୍ଲାରେ ପ୍ରସାରିତ ନଥିବା ଏକ ଛୋଟିଆ ଖବର କାଗଜରେ ପ୍ରକାଶନ କରାଯାଇଥିଲା। ଟେଣ୍ଡର ର ନୋଟିସ ବ୍ଲକ କିମ୍ବା ଜିଲ୍ଲାର କୌଣସି ଅଫିସର ନୋଟିସ ବୋର୍ଡ ରେ ଦିଆଯାଇନଥିଲା। ଟେଣ୍ଡର ଅନୁଯାୟୀ ସୁର୍ଯ୍ୟ ଓ ହାଭେଲ୍ସ କମ୍ପାନୀର ଲାଇଟ୍ ସହ ଗୋଟିଏ ସୋଲାର ଲାଇଟ୍ ଖୁମ୍ବ ପାଇଁ ୩୨ ହଜାର ବ୍ୟୟ ଅଟକଳ ରଖାଯାଇଥିଲା। ମାତ୍ର ଗୋଟିଏ ସୋଲାର ଲାଇଟ୍ ଓ ଖୁମ୍ବ ଲଗାଇବା ପାଇଁ ମାତ୍ର ୧୪ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଅଭିଯୋଗ ହୋଇଛି। କାର୍ଯ୍ୟ ପରେ ବ୍ଲକ ଅଫିସ ର ଜେଇ ଓ ଏଇ ବିଲ୍ କରିବା ପାଇଁ ମନା କରିବା ପରେ ଝାରସୁଗୁଡ଼ା ଡିଆରଡିଏ ଜରିଆରେ ବିଲ୍ ତିଆରି କରି ଠିକା ସଂସ୍ଥା କୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟରେ ୬ ଟି ପଂଚାୟତରେ ୭୦ ପ୍ରତିଶତ ଲାଇଟ୍ ଲାଗିଥିବା ବେଳେ ଠିକା ସଂସ୍ଥାକୁ ସମ୍ପୂର୍ଣ ବିଲ୍ ପୈଠ କରାଯାଇଛି। ସୂର୍ଯ୍ୟ ଓ ହାଭେଲ୍ସ ନାମରେ ନକଲି କମ୍ପାନୀ ର ଲାଇଟ୍ ସହ ଦୁର୍ବଳ ଖୁମ୍ବ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଲାଗିଥିବା ଲାଇଟ୍ ମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ଲାଇଟ୍ ଗୋଟିଏ ବର୍ଷ ମଧ୍ୟରେ ଅକାମୀ ହୋଇ ପଡିଛି। ଅନେକ ଲାଇଟ୍ ଖୁମ୍ବ ମଧ୍ୟ ଭାଙ୍ଗି ପଡ଼ିଲାଣି। ଏନେଇ ପୂର୍ବରୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ଲାଭ ମିଳୁନାହିଁ। ଏଣୁ ସୋଲାର ଲାଇଟ୍ ଲଗାଇବା ଦୁର୍ନୀତି ର ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବାକୁ ସୁପାରିସ କରିବାକୁ ପୂର୍ବତନ ସରପଂଚ ଶ୍ରୀ ପାଣ୍ଡେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଦାବୀ ଜଣାଇଛନ୍ତି।

# ଆଇନ ସଚେତନତା କାର୍ଯ୍ୟକ୍ରମ




ରାୟଗଡ଼ା(ପିପିଏସ୍) : ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଦାମୋଦର ରଥଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ହାଲୁଆ ପଞ୍ଚାୟତ ପରିସରରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଯଥା ଏଫ୍ଆଇଆର୍, ବେଲ୍, ସମନ୍ସ, ୱାରେଣ୍ଟ, ଅପିଲ୍, ପ୍ଲିବାରଗେନିଙ୍ଗ ଓ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଥିବା ସରକାରୀ ଆର୍ଥିକ ସହାୟତା ଇତ୍ୟାଦିଉପରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ୟ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ରାୟଗଡା ଥାନା ଏସ୍ଡିପିଓ ଗୌରହରି ସାହୁ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ପ୍ରଷ୍ଟ ଅଫିସ ରିଟେନର ସୁକାନ୍ତ ଦାସ, ହାଲୁଆ ଗ୍ରାମର ସରପଞ୍ଚ ଓ ଗ୍ରାମର ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ରାୟଗଡା ଥାନାର ଏସ୍ଡିପିଓ ଶ୍ରୀ ସାହୁ ନିଜର ବକ୍ତବ୍ୟରେ ଏଫ୍ଆଇଆର୍, ବେଲ୍, ସମନ୍ସ, ୱାରେଣ୍ଟ, ଅପିଲ, ପ୍ଲିବାରଗେନିଙ୍ଗ ଇତ୍ୟାଦି ଉପରେ ବିସ୍ତୃତ ଭାବରେ ଅଂଶଗ୍ରହଣକାରୀମାନଙ୍କୁ ବୁଝାଇଥିଲେ। ସେହିପରି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଓ ଅଧାରୁ ପାଠ ଛାଡୁଥିବା ଛାତ୍ର ଛାତ୍ରୀମାନଙ୍କ ପାଇଁ ଥିବା ସରକାରୀ ଆର୍ଥିକ ସହାୟତା ଉପରେ ଆଲୋକପାତ କରିବା ସହିତ ଅନ୍ଧବିଶ୍ୱାସରୁ କିପରି ଦୂରରେ ରହିବା ସେ ଉପରେ ଅଂଶଗ୍ରହଣକାରୀମାନଙ୍କୁ ବୁଝାଇଥିଲେ। ଉପସ୍ଥିତ ଥିବା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ପ୍ରଷ୍ଟ ଅଫିସ ରିଟେନର ସୁକାନ୍ତ ଦାସ ନିଜର ଅଭିଭାଷଣରେ ଭାରତୀୟ ଆଇନ ବ୍ୟବସ୍ଥାରେ ବିଭିନ୍ନ ପ୍ରକାର ଆଇନକୁ କିପରି ସଠିକ ରୂପେ ପ୍ରଣୟନକରି ସାଧାରଣଲୋକମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ସହ ଦୋଷୀ ନିର୍ଦ୍ଦୋଷରେ ଖସିପାରିବ ନାହିଁ ସେ ସଂପର୍କରେ ଆଲୋଚନା କରିବା ସହିତ ବିଭିନ୍ନ ଅସୁବିଧା ସମୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଦ୍ୱାରସ୍ଥ ହେବା ପାଇଁ ସମସ୍ତ ଜନସାଧାରଣମାନଙ୍କୁ ବୁଝାଇଥିଲେ। ସର୍ବୋପରି ଏହି କାର୍ଯ୍ୟକ୍ରମରେ ଗ୍ରାମର ଜନସାଧାରଣ ଓ ତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛି।

# ୭ ଶିଶୁ ହୃଦରୋଗୀ ଚିକିତ୍ସା ପାଇଁ ମୁମ୍ବାଇ ଗଲେ

ଜୟପୁର: ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍ ବି ଏସ୍ କେ) ମାଧ୍ୟମରେ ୭ ଜଣ ଶିଶୁ ହୃଦରୋଗୀଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ମୁମ୍ବାଇ ପଠାଯାଇଛି। କୋରାପୁଟ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଶିଶୁମାନଙ୍କୁ ଚିହ୍ନଟ କରାଯାଇ ବିଶେଷଜ୍ଞ ହସ୍ପିଟାଲକୁ ରେଫର୍ କରାଯାଇଛି। ଜିଲ୍ଲା ଚିକିତ୍ସାଳୟର ଅଧିକ୍ଷକ ଡ ଅକ୍ଷୟ କୁମାର ରଥ ହସ୍ପିଟାଲ ମ୍ୟାନେଜର ରୂପସୀ ମଧୁମିତା ନାୟକ ଏବଂ ଆରବିଏସକେ ମ୍ୟାନେଜର ସନ୍ତୋଷୀ କୁମାରୀ ଗୋପୀ ପ୍ରମୁଖ ଉପସ୍ଥିତ ରହି ଆର୍ ବି ଏସ୍ କେ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ଗ୍ରାମାଂଚଳରେ ହୋଇଥିବା ସ୍କ୍ରିନିଙ୍ଗ୍ କାର୍ଯ୍ୟକ୍ରମରେ ଏହି ୭ ଜଣ ଶିଶୁଙ୍କ ଜନ୍ମଗତ ହୃଦୟ ତ୍ରୁଟି ଚିହ୍ନଟ ହୋଇଥିଲା। ସ୍ଥାନୀୟ ହସ୍ପିଟାଲରେ ଉନ୍ନତ ଚିକିତ୍ସା ସୁବିଧା ନଥିବାରୁ ୭ ଜଣ ଶିଶୁ ହୃଦ ରୋଗୀଙ୍କୁ ମୁମ୍ବାଇର ହୃଦରୋଗ ବିଶେଷଜ୍ଞ ହସ୍ପିଟାଲକୁ ପଠାଯାଇଛି। ସରକାରୀ ଯୋଜନା ଅନୁଯାୟୀ ସମସ୍ତ ଖର୍ଚ୍ଚ ସରକାର ବହନ କରିଛନ୍ତି। ଆଜି ସକାଳେ ଶିଶୁମାନଙ୍କୁ ପରିବାର ସହ ମୁମ୍ବାଇ ପଠାଯାଇଛି।

# କାୟାକଳ୍ପ ପୁରସ୍କାର ଶୀର୍ଷ ୧୫ ନମ୍ବରକୁ ଖସିଲା ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଚମ୍ପୁଆ: ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଚଳିତ ବର୍ଷ ୨୦୨୫-୨୬ ପାଇଁ ପ୍ରତିଷ୍ଠିତ 'କାୟାକଳ୍ପ' ପୁରସ୍କାର ତାଲିକା ପ୍ରକାଶ ପାଇଛି। ତେବେ ଏହି ତାଲିକାରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରଦର୍ଶନକୁ ନେଇ ସ୍ଥାନୀୟ ଅଂଚଳରେ ନୈରାଶ୍ୟ ଖେଳିଯାଇଛି। ଗତବର୍ଷ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଗୌରବ ଆଣିଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ଚଳିତ ବର୍ଷ ୧୫ତମ ସ୍ଥାନକୁ ଖସି ଆସିଛି। ସୂଚନାଯୋଗ୍ୟ ଯେ, ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ସ୍ୱଚ୍ଛତା, ସଂକ୍ରମଣ ନିୟନ୍ତ୍ରଣ ଏବଂ ସେବା ପ୍ରଦାନର ମାନକୁ ପରଖିବା ପାଇଁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରା ଯାଇଥାଏ। ଏଥିରେ ବିଭିନ୍ନ ପର୍ଯ୍ୟାୟରେ ଯାଂଚ କରାଯାଇ ମାର୍କ ଦିଆଯାଏ। ଗତ ବର୍ଷ ଭଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ନିଜର ସ୍ୱଚ୍ଛତା, ସୁନ୍ଦର ପରିବେଶ ଏବଂ ଉତମ ସେବା ପାଇଁ ସମଗ୍ର ଓଡ଼ିଶାରେ ପ୍ରଥମ ସ୍ଥାନ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ମାତ୍ର ବର୍ଷକ ମଧ୍ୟରେ ଏହି ସଫଳତା ଫିକା ପଡ଼ିଯାଇଛି। ପ୍ରଥମରୁ ସିଧା ପଂଚଦଶ ସ୍ଥାନକୁ ଖସିବା ଏହାର ସ୍ୱାସ୍ଥ୍ୟ ସେବା ଏବଂ ରକ୍ଷଣାବେକ୍ଷଣର ମାନ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ବିପର୍ଯ୍ୟୟ ପଛରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ) କର୍ମଚାରୀଙ୍କ ଚରମ ଅବହେଳା ହିଁ ମୁଖ୍ୟ କାରଣବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରର ପରିଚାଳନାରେ ଶିଥିଳତା, ସ୍ୱଚ୍ଛତା ପ୍ରତି ଦୃଷ୍ଟି ନଦେବା ଏବଂ କର୍ତବ୍ୟରେ ଅବହେଳା ଯୋଗୁଁ ଆଜି ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତାର ପୂର୍ବ ଗୌରବ ହରାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। 'ଯେଉଁ ହସ୍ପିଟାଲ ଦିନେ ରାଜ୍ୟ ପାଇଁ ଉଦାହରଣ ଥିଲା, ଆଜି କର୍ମଚାରୀଙ୍କ ସମନ୍ୱୟ ଅଭାବ ଓ ଅବହେଳାରୁ ତାହା ପଛକୁ ପଡ଼ିଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।' ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ସହିତ ପୁଣି ଥରେ କିଭଳି ଭଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ଶୀର୍ଷ ସ୍ଥାନକୁ ଫେରିବ, ସେଥିପାଇଁ ଉପଯୁକ୍ତ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ସାଧାରଣରେ ଦାବୀ ହେଉଛି। ତେବେ ଭଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରର ଏହି ବିଫଳତା ପରେ ଏବେ ସ୍ୱାସ୍ଥ୍ୟ ବିଭାଗ କି ପଦକ୍ଷେପ ନେଉଛି, ତାହା ଦେଖିବାକୁ ବାକି ରହିଲା।

# ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ନେଇ ତୀବ୍ର ଅସନ୍ତୋଷ

## କୋଲାବିରାରେ ବିଜେଡିର ପ୍ରତିବାଦ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ବ୍ଲକରେ ବିଡ଼ିଓଙ୍କ ମନମୁଖୀ ଶାସନ, ଉନ୍ନୟନ କାର୍ଯ୍ୟରେ ଅବହେଳା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଅସମ୍ମାନ କରାଯାଉଥିବା ଅଭିଯୋଗରେ ଗୁରୁବାର ବିଜେଡି ପକ୍ଷରୁ ଏକ ବିଶାଳ ରେଲି ଓ ଗଣଧାରଣା ଆୟୋଜିତ ହୋଇଥିଲା। ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଓ ସ୍ଥାନୀୟ ଲୋକେ କରୁଣାକର ଛକରୁ ବିଭିନ୍ନ ସ୍ଲୋଗାନ ଦେଇ ବିରାଟ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ପରେ ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଦୀପାଳି ଦାସ ବିଡ଼ିଓ ଓ ବ୍ଲକ ପ୍ରଶାସନଙ୍କୁ କଠୋର ଭାବେ ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ବିଡ଼ିଓ ସରକାରୀ ଦଳର ଏଜେଣ୍ଟ ଭାବେ କାମ କରୁଛନ୍ତି ଏବଂ ସମଗ୍ର ବ୍ଲକରେ ଉନ୍ନୟନ କାର୍ଯ୍ୟରେ ପାତର ଅନ୍ତର କରାଯାଉଛି। ଗରିବ ଲୋକଙ୍କୁ ଘର ବଣ୍ଟନରେ ଅନ୍ୟାୟ ହେଉଥିବା ସହ ପ୍ରାୟ ୬୦୦ ହିତାଧିକାରୀ ଭତା ପାଇଁ ଅପେକ୍ଷାରେ ରହିଥିବା ସତ୍ତ୍ୱେ ସେମାନଙ୍କୁ ସୁବିଧା ଦେବାରେ ବିଳମ୍ବ ହେଉଛି ବୋଲି ଅଭିଯୋଗ କରିଥିଲେ। ସେ ଚେତାବନୀ ଦେଇ କହିଥିଲେ, ଯଦି ବିଡ଼ିଓ ନିଜ ଦାୟିତ୍ୱ ସଠିକ୍ ଭାବେ ପାଳନ ନକରନ୍ତି, ତେବେ ବ୍ଲକ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ଅଚଳ କରାଯିବ। ଏହି ପ୍ରତିବାଦ ସଭାରେ ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ, ଜିଲ୍ଲା ଉପସଭାପତି ତୁଳାରାମ ସେନାପତି, ବ୍ଲକ ସଭାପତି ପୁରୁଷୋତମ ନାଏକ, ମହିଳା ସଭାନେତ୍ରୀ ଜୟନ୍ତୀ ବାହୁକ, ବିନୋଦିନୀ ପଟେଲ, ବୀର ମହାପାତ୍ର, ତୁଲେଶ୍ୱର ପଟେଲ, ଚେତାନନ୍ଦ ପଟେଲ, ଗୁରୁଚରଣ ସାହୁ, ସୁରେନ୍ଦ୍ର ନାଏକ ଓ ଅନ୍ୟମାନେ ଅଭିଭାଷଣ ରଖି ପ୍ରଶାସନର ଅବହେଳା ଉପରେ କଟାକ୍ଷ କରିଥିଲେ। ଶେଷରେ ବିଡ଼ିଓ ଅଶୋକ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମ ପଂଚାୟତର ସରପଂଚ ଓ ସମିତିସଭ୍ୟମାନଙ୍କ ସହ ଶତାଧିକ ବିଜେଡି କର୍ମୀ ଓ ସାଧାରଣ ଲୋକଙ୍କ ଯୋଗଦାନ ଥିଲା।

# ୩୮ ଟି ମୋବାଇଲ୍ ଟାୱାର ବ୍ୟାଟେରୀ ଜବତ, ୩ ଗିରଫ

ମାଲକାନଗିରି : ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ପୋଟରୁ ଗ୍ରାମରେ ଭାରତୀୟ ସଂଚାର ନିଗମର ଥିବା ମୋବାଇଲ ଟାୱାର ରୁ ବ୍ୟାଟେରୀ ଚୋରି ଏକ ଟାଟା ଏସିଇ ଗାଡ଼ିରେ ନେଉଥିବା ୩ ଜଣ ଙ୍କୁ ମାଲକାନଗିରି ଆଦର୍ଶ ଥାନା ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ୩୮ ଟି ବ୍ୟାଟେରୀ ଜବତ କରାଯାଇଥିବା ଜଣାପଡିଛି। ସୂଚନା ଅନୁଯାଇ ଗତକାଲି ଦିନ ୧ ଘଣ୍ଟା ସମୟରେ ମାଲକାନଗିରି ଆଦର୍ଶ ଥାନାର ଏଏସଆଇ ଦିବ୍ୟ ଚନ୍ଦ୍ର କୁଲଦୀପ ତାଙ୍କ ଟିମ ସହ ଏମଭି ୭ ଗ୍ରାମ ନିକଟରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ମାଲକାନଗିରି ଅଭିମୁଖେ ଆସୁଥିବା ଟାଟା ଏସିଇ ଗାଡି ନମ୍ବର ଟିଏସ ୧୫ ଭିବି୦୪୨୨୨କୁ ଅଟକାଇ ଯାଞ୍ଚ କରିବାରୁ ଗାଡ଼ିରେ ମୋବାଇଲ ଟାୱାର ବ୍ୟାଟେରୀ ଥିବା ଦେଖି ଗାଡି ସହ ୩ ଜଣକୁ ଧରି ଥାନାକୁ ଆଣିଥିଲେ !ପଚାର ଉଚୁରା କରିବା ପରେ ସେମାନେ ୩୮ ଟି ବ୍ୟାଟେରୀ ପୋଟରୁ ରୁ ଚୋରି କରିଆଣିଥିବା ସ୍ୱୀକାର କରିଥିଲେ ! ପରେ ଏହି ଚୋରିରେ ସାମିଲ ଥିବା ଦୁଇ ମହିଳା ୧, ଜ୍ୟୋତି, କେ, ଝାନସୀ ଓ ଡ୍ରାଇଭର ଏମ, ଶିବ କ୍ରିଷ୍ଣା ଙ୍କୁ ମାଲକାନଗିରି ଥାନା କେସ ସଂଖ୍ୟା ୨୨୨/୨୬ ରେ ଗିରଫ କରାଯାଇଥିଲା !, ଗିରଫ ୩ ଅଭିଯୁକ୍ତ ତେଲେଗାନା ରାଜ୍ୟ ଭଦ୍ରାଚଳମ ଜିଲ୍ଲା ଚେରଲା ଗ୍ରାମରେ। ସମସ୍ତଙ୍କୁ ଗତକାଲି ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତ କାରି ଅଧିକାରୀ ବିଭୁତି ଭୂଷଣ ସୂତାର ଜଣାଇଛନ୍ତି !

# ଜୈବିକ ପ୍ରଣାଳୀରେ କୃଷି କାର୍ଯ୍ୟ ନିମନ୍ତେ ମାର୍ଗଦର୍ଶନ କର୍ମଶାଳା

କେନ୍ଦୁଝର: ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଂଚାୟତ ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମ ହାଟ ପଡିଆ ପରିସରରେ ସେଚ୍ଛାସେବୀ ସଂଗଠନ 'ଫାରମର ଟିୟୁଟର' ଏବଂ ଉମାଶଙ୍କର ସବୁଜ ବାହିନୀ ଲିମିଟେଡ଼ ଆନୁକୂଲ୍ୟରେ ଜୈବିକ ପ୍ରଣାଳୀରେ କୃଷିକାର୍ଯ୍ୟ ନିମନ୍ତେ ମାର୍ଗଦର୍ଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଡ଼କ୍ଟର ନାରାୟଣ ଦଣ୍ଡସେନା ଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳା ରେ ମୁଖ୍ୟଅତିଥି ଭାବେ ରଙ୍ଗାମାଟିଆ ସରପଂଚ ମାଧୁରୀ ନାଏକ, ସମ୍ମାନିତ ଅତିଥି, ବକ୍ତା ଭାବେ କୃଷି ଅଧୀଦର୍ଶକ ଚିତ ରଞ୍ଜନ ସାହୁ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ନାଏବ ସରପଂଚ ଟିକିରାଣୀ ମହାନ୍ତ, ଓଡିଶା ବିଗ୍ରେଡ଼ ସ୍କୁଲର ଶିକ୍ଷକ ବୀରେନ୍ଦ୍ର କୁମାର ପାତ୍ର, ଲେଖକ, ସଂଗଠକ ଡମ୍ବରୁ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲା ବେଳେ ତାଲିମଦାତା ଭାବେ ଘାସିରାମ ରାଣା ଯୋଗଦେଇ ରଙ୍ଗାମାଟିଆ ପଂଚାୟତ ର ଅଗ୍ରଣୀ ଚାଷୀ ମାନଙ୍କୁ ଦିଗଦର୍ଶନ ଦେଇ ଜୈବିକ କୃଷି, ଜୈବିକ ସାର ଜମିରେ ପ୍ରୟୋଗ କରି ମାଟି ମା'କୁ ବଂଚାଇବାକୁ ମାର୍ଗଦର୍ଶନ କରିଥିଲେ। କୃଷି ଅଧୀଦର୍ଶକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସିଏମ୍ କିସାନ, ପିଏମ୍ କିସାନ ସହାୟତା ରାଶି ପାଇବାକୁ କୃଷକ ରେଜିଷ୍ଟ୍ରେସନ, କୃଷକ ଓଡିଶା ପୋଟାଲ ରେ ନିଜ ନାମ ପଞ୍ଜିକରଣ କରିବାକୁ କହିଥିଲେ। ଟ୍ରେନର ଘାସିରାମ ରାଣା ଜୈବିକ ସାର ଓ ଖତ ପ୍ରସ୍ତୁତି ର ପ୍ରଣାଳୀ ବାବଦରେ ଚାଷୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମ ରେ ରଙ୍ଗାମାଟିଆ ପଂଚାୟତର ରରୁଆଁଗୋଡ଼ା, ଚିଲିକାପଶି, ବାଙ୍କିଆ, ଟିଆଁସିପଶି, ହୃଦୁରାମପୁର, ପୋଖରୀଆ ଇତ୍ୟାଦି ଗ୍ରାମରୁ ସହସ୍ରାଧିକ ମହିଳା, ପୁରୁଷ ଅଗ୍ରଣୀ ଚାଷୀମାନେ ଯୋଗ ଦେଇ ଅଂଶଗ୍ରହଣ କରିଥିଲେ। ଚାଷୀ ମାନଙ୍କ ଯୋଗାଯୋଗ ରେ ଯଜ୍ଞଦତ କୁମ୍ଭାର, ତୁଳସୀ ନାଗ, ବସନ୍ତ ପଟେଲ, ଦୀନବନ୍ଧୁ ସାହୁ ପ୍ରମୁଖ ପରିଚାଳନାରେ କର୍ମଶାଳା ପରିଚାଳିତ ହୋଇଥିଲା।

# ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ସ୍ୱତନ୍ତ୍ର ଗ୍ରାମସଭା



ବୌଦ୍ଧ(ପିପିଏସ୍) : ଶୁକ୍ରବାର ସକାଳ ସମୟରେ ବୌଦ୍ଧ ବ୍ଲକ ଆମ୍ବଝରୀ ପଞ୍ଚାୟତରେ କାର୍ଯ୍ୟାଳୟଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରେମାନନ୍ଦ ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସନ୍ତୋଷିନୀ ମଲ୍ଲିକ୍ , ରୋଜଗାର ସେବକ ମିଥୁନ ଚୁର୍ଣ୍ଣି, ୱାର୍ଡ ସଭ୍ୟ ସଦାଶିବ ନାଏକ, ଭାମା ସାହୁଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ। ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ନିୟମାବଳୀ ଓ ପଲ୍ଲୀ ସଭା, ଗ୍ରାମସଭାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

# ସଡ଼କ ଦୁର୍ଘଟଣା : ୨ ଯୁବକଙ୍କ ମୃତ୍ୟୁ

ଝାରସୁଗୁଡା: ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ପ୍ରସନ୍ନ ପଣ୍ଡା ଛକରେ ଗତକାଲି ବିଳମ୍ବିତ ରାତିରେ ଏକ ମର୍ମାନ୍ତିକ ସଡ଼କ ଦୁର୍ଘଟଣା ଘଟି ଦୁଇ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ମୃତକ ଦୁଇଜଣ କୋଲାବିରା ଅଞ୍ଚଳର ପରମାନପୁର ଗ୍ରାମର ନରେଶ କିଶନ (୨୩) ଓ ଦୟାନିଧି ସାଗର (୩୬) ବୋଲି ପରିଚୟ ମିଳିଛି। ସେମାନେ ଏକେ ବାଇକ୍ରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା।

ଘଟଣା ସମ୍ପର୍କରେ ମିଳିଥିବା ସୂଚନା ମୁତାବକ, ସେମାନେ ରାସ୍ତାରେ ଯାଉଥିବା ଏକ ଟ୍ରଲରକୁ ଓଭରଟେକ୍ କରିବାକୁ ଚେଷ୍ଟା କରୁଥିଲେ। ଏହି ସମୟରେ ବାଇକ୍ ହାଣ୍ଡଲ୍ ଟ୍ରଲରକୁ ସ୍ପର୍ଶ କରିଥିବାରୁ ଦୁଇଜଣ ଭାରସାମ୍ୟ ହରାଇ ଟ୍ରଲରର ଚକା ତଳେ ପଡ଼ିଯାଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ସେମାନଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ସଦର ଥାନା ପୁଲିସ ତତ୍କ୍ଷଣାତ୍ ଘଟଣାସ୍ଥଳକୁ ପହଞ୍ଚି ଦୁଇ ମୃତଦେହକୁ ଉଦ୍ଧାର କରି ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଆସନ୍ତାକାଲି ଶବବ୍ୟବଚ୍ଛେଦ କରାଯିବ ବୋଲି ସଦର ଥାନାଧିକାରୀ ସ୍ୱପ୍ନା ରାଣୀ ଗୋଛାୟତ ସୂଚନା ଦେଇଛନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ରାଜ୍ୟସ୍ତରୀୟ କରାଟେ : ଅସୀମ କରାଟେ ଏକାଡେମୀର ୪ ପ୍ରତିଯୋଗୀଙ୍କୁ ସଫଳତା



ବଲାଙ୍ଗିର,(ପିପିଏସ୍) : ଆସନ୍ତା ୨୪ ରୁ ୨୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ର ଉତ୍କଳ କରାଟେ ସ୍କୁଲରେ ରାଜ୍ୟସ୍ତରୀୟ କାଡେଟ ଓ ଜୁନିୟର କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ବଲାଙ୍ଗିର ରେଲୱେ ଷ୍ଟେସନ ଛକସ୍ଥିତ ଅସୀମ କରାଟେ ଏକାଡେମୀର ଚାରି ଜଣ ଛାତ୍ର ଜୟମ ସାହୁ ୧୫ ବର୍ଷ କୁମିତେ ଓ କାଟା ବିଭାଗରେ, ଅର୍ନିତ ପଧାନ ୯ ବର୍ଷ, ପ୍ରିନ୍ସ ପଧାନ ୧୨ ବର୍ଷ ଓ ପ୍ରାଚୀ ବେହେରା ବାଳିକା ୧୭ ବର୍ଷ କୁମିତେ ଓ କାଟା ବିଭାଗରେ ଭାଗ ନେବେ ବୋଲି ଇଣ୍ଟରନେସେନାଲ କରାଟେ କୋଚ୍ ତଥା କରାଟେ ଏକାଡେମିର ପ୍ରତିଷ୍ଠାତା ଅସୀମ କୁମାର ଭୋଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିରେ କରାଟେ ଇଣ୍ଡିଆ ଓର୍ଗାନାଇଜେସନର ମାନ୍ୟତାପ୍ରାପ୍ତ ଜାତୀୟସ୍ତରୀୟ ରେଫରୀ ଅସୀମ ଭୋଇ ଜଜ୍ ତଥା ରେଫରୀ ଦାୟିତ୍ୱ ତୁଲାଇବେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଶ୍ରୀ ଭୋଇଙ୍କ ନେତୃତ୍ୱରେ ସମସ୍ତ ଛାତ୍ର ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି।

# ରବି ଧାନ ବିକ୍ରି ପାଇଁ ଚାଷୀଙ୍କ ଦାବିପତ୍ର ପ୍ରଦାନ

ମୁଖୀଗୁଡା: କଳାହାଣ୍ଡି ଜିଲ୍ଲା କୋକସରା, ଜୟପାଟଣା ଓ ଧର୍ମଗଡ ବ୍ଲକର ୧୮ ୮୮୫ ହେକ୍ଟର ଚାଷଜମିରେ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲ ଜରିଆରେ ପାଣି ଯୋଗାଣ କରାଯାଇଥିଲା। କେନାଲ ପାଣି ପାଇ ଚାଷୀ ମାନେ ରବି ଧାନ ଫସଲ କରିଥିବା ବେଳେ ୩ଟି ବ୍ଲକର ଚାଷୀମାନେ ଧାନ ବିକ୍ରି ପଞ୍ଜିକରଣରୁ ବାଦ ପଡିଛନ୍ତି। ବିଭିନ୍ନ ସମୟରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ ସତ୍ତ୍ୱେ ମଧ୍ୟ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଆଜି ସଚେତନ କୃଷକ ମଂଚ ପକ୍ଷରୁ ଶତାଧିକ ଚାଷୀ କୋକସରା ଶିବ ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ବାହାରି ତହସିଲଦାରଙ୍କ କାର୍ଯ୍ୟାଳୟକୁ ପହଂଚି କୋକସରା ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ସରକାର କୌଣସି ପଦକ୍ଷେପ ନନେଲେ ଆଗାମୀ ଦିନରେ ରାଜରାସ୍ତାରେ ଚାଷୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

# ନିର୍ମାଣଧିନ ଘରୁ ମୋଟର ଚୋରି

ଜୟପୁର : ଜୟପୁର ସଦରଥାନା ଅନ୍ତର୍ଗତ ରଣ୍ଡାପାଲି ନିକଟରେ ନିର୍ମାଣ ହେଉଥିବା ନୂତନ ଘରୁ ମୋଟର ଚୋରି ହୋଇଥିବା ନେଇ ସଦରଥାନାରେ ଅଭିଯୋଗ ହୋଇଛି।

ପୁଲିସ ସୂଚନା ଅନୁଯାୟୀ ନୂତନ ଘର ନିର୍ମାଣ କରୁଥିବା ମାଲିକ ଜୟନ୍ତ କୁମାର ସାହୁ ରାତି କିଛି ଦୁର୍ବୃତ୍ତ ତାଙ୍କର ସବ୍ମର୍ସିଆଲ ପାଣି ମୋଟର ଚୋରି କରିଥିବା ନେଇ ଅଭିଯୋଗ କରିଛନ୍ତି। ମୋଟରଟି ୨୩୦ ମିଟର ଗଭିର ଭିତରେ ଥିବା ବେଳେ ଚୋରଦଳ ଚାଲାକରେ ଚୋରି କରିଛନ୍ତି ବୋଲି ଲିଖିତ ଅଭିଯୋଗ ଦେଇଛନ୍ତି। ଅଭିଯୋଗକୁ ଭିତିକରି ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ବ୍ୟାଙ୍କ୍ ଅଫ୍ ବରୋଦାର ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ସମ୍ବଲପୁର: ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର ଅଂଚଳ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ସମ୍ପର୍ଣ୍ଣ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଅଂଚଳର ମହାପ୍ରବନ୍ଧକ ଶରତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ବ୍ୟାଙ୍କ ଉପ-ମହାପ୍ରବନ୍ଧକ ତଥା ଆଂଚଳିକ ମୁଖ୍ୟ ଦେବୀ ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ଦେଇ ସମ୍ବଲପୁର ଅଂଚଳର ୨୦୨୫-୨୬ ଆର୍ଥିକ ବର୍ଷର ଉଲ୍ଲେଖନୀୟ ସଫଳତା ଓ କାର୍ଯ୍ୟଦକ୍ଷତାକୁ ଉଚ୍ଚ ପ୍ରଶଂସା କରିଥିଲେ। ସେ ସମସ୍ତ ଶାଖା ପ୍ରବନ୍ଧକଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସ ଓ ମୂଲ୍ୟବାନ ଅବଦାନକୁ ଉଲ୍ଲେଖ କରି ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ରେ ଅଧିକ ଉତ୍କୃଷ୍ଟ ଫଳାଫଳ କରିବା ପାଇଁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପାଣିଗ୍ରାହୀ ସମ୍ବଲପୁର ଅଂଚଳର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିବା ପରେ ବ୍ୟାପାରିକ ସମ୍ଭାବନା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷ ଭାବେ ଗ୍ରାହକ ସେବା, ଡିଜିଟାଲ ବ୍ୟାଙ୍କିଙ୍ଗ ବୃଦ୍ଧି, କ୍ୟାସ୍ ସଂଗ୍ରହ, ଋଣ ପରିଚାଳନା ଓ ଏମଏସଏମଇ ବ୍ୟବସାୟର ସୁଦୃଢ଼ତା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ଶାଖା ପ୍ରବନ୍ଧକ ଓ ବିଜନେସ କରେସପଣ୍ଡେଂଟ ମାନଙ୍କୁ ପୁରସ୍କାର ପ୍ରଦାନ ପୂର୍ବକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସମସ୍ତଙ୍କ ମଧ୍ୟରେ ଏକ ଭିନ୍ନ ପ୍ରେରଣା ଓ ସୁସ୍ଥ ପ୍ରତିସ୍ପର୍ଦ୍ଧାର ଭାବନା ସୃଷ୍ଟି କରିଥିଲା। ଶେଷରେ ସମସ୍ତ ଅଂଶଗ୍ରହଣକାରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରାଯାଇଥିଲା ବୋଲି ପ୍ରଭଞ୍ଜନ ବୈଠାରୁଙ୍କ ସୂତ୍ରରୁ ପ୍ରକାଶ।

# ବଲାଙ୍ଗିରରେ ଭାରତ ବନ୍ଦ ସଫଳ



ବଲାଙ୍ଗୀର(ପିପିଏସ ): ଭାରତ ମୁକ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ଏବଂ ଓଡ଼ିଶା ଓବିସି-ଏସ୍ ?ଟି-ଏସ୍ ?ସି ସମନ୍ୱୟ ସମିତି ତରଫରୁ ଡାକରା ଦିଆଯାଇଥିବା ୧୨ ଘଣ୍ଟିଆ ଭାରତ ବନ୍ଦ ବଲାଙ୍ଗୀର ଜିଲ୍ଲାରେ ପୂର୍ଣ୍ଣ ସଫଳତା ଲାଭ କରିଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିବା ଏହି ବନ୍ଦ ଡାକରାରେ ଜିଲ୍ଲାର ସାଧାରଣ ଜୀବନ ପ୍ରଭାବିତ ହୋଇଥିଲା। ରାଜ୍ୟ ଓବିସି ଏସ୍ଟି ଏସ୍ସି ସମନ୍ୱୟ ସମିତି ସଭାପତି ସରୋଜ କୁମାର ମେଶ୍ରା ବନ୍ଦ ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି କହିଛନ୍ତି ଯେ, ଚଳିତ ଜନଗଣନା ୨୦୨୭ରେ ୩୩ଟି ପ୍ରଶ୍ନ ମଧ୍ୟରୁ ୧୨ନମ୍ବର ପ୍ରଶ୍ନରେ ପରିବାର ମୁଖ୍ୟଙ୍କ ଜାତି ଉଲ୍ଲେଖ କରାଯାଇ ନାହିଁ। ଏଥିରେ ଏସ୍ଟି, ଏସ୍ସି ଏବଂ ଅନ୍ୟାନ୍ୟ ବର୍ଗ ପାଇଁ ସ୍ଥାନ ରଖାଯାଇଛି, କିନ୍ତୁ ଓବିସି ଏବଂ ସାଧାରଣ ବର୍ଗଙ୍କ ପାଇଁ ଯଥାଯଥ ସ୍ଥାନ ଛାଡ଼ି ଦିଆଯାଇ ନାହିଁ। ସେ ଆହୁରି କହିଛନ୍ତି ଯେ, କେନ୍ଦ୍ର ସରକାର ୧୯୩୧ ପରେ ପ୍ରଥମ ଥର ପାଇଁ ୩୦ ଏପ୍ରିଲ ୨୦୨୫ରେ ଜାତି ଜନଗଣନା କରିବା ପାଇଁ ନିଷ୍ପତ୍ତି ନେଇଥିଲେ, କିନ୍ତୁ ତାହା ବର୍ତ୍ତମାନ ବାଟବଣା ହୋଇଯାଇଛି। ଓବିସି ସଂରକ୍ଷଣ ମଧ୍ୟ ବାଟବଣା ହୋଇଛି। ସାମାନୁପାତିକ ପ୍ରତିନିଧିତ୍ୱ ଅନୁଯାୟୀ ବିଧାନସଭା, ଲୋକସଭା ଏବଂ ତ୍ରିସ୍ତରୀୟ ନିର୍ବାଚନରେ ଓବିସିଙ୍କ ଭାଗିଦାରୀ ନିଶ୍ଚିତ କରାଯାଉ ନାହିଁ। ଶିକ୍ଷା ଓ ଚାକିରିରେ ମୂଳନିବାସୀ ୯୦ ପ୍ରତିଶତ ଲୋକଙ୍କ ପାଖରେ ମାତ୍ର ୩୦.୧୯ ପ୍ରତିଶତ ସୁଯୋଗ ରହିଛି। ଆଦିବାସୀଙ୍କ ଉପରେ ଅତ୍ୟାଚାର ବଢୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ସମସ୍ୟାଗୁଡ଼ିକୁ ନେଇ ପୂର୍ବରୁ ତିନି ପର୍ଯ୍ୟାୟରେ ସରକାରଙ୍କୁ ଜଣାଇଥିବା ସତ୍ତ୍ୱେ କୌଣସି ପଦକ୍ଷେପ ନହେବାରୁ ୮ ଦଫା ଦାବି ପୂରଣ ପାଇଁ ଆଜି କଠୋର ନିଷ୍ପତ୍ତି ନେଇ ଭାରତ ବନ୍ଦ ଡାକରା ଦିଆଯାଇଥିଲା ବୋଲି ସରୋଜ କୁମାର ମେଶ୍ରା କହିଛନ୍ତି। ବଲାଙ୍ଗୀର ଜିଲ୍ଲା ପ୍ରଶାସନ, ବସ୍ ମାଲିକ ସଂଘ, ଟ୍ରକ ମାଲିକ ସଂଘ, ବଣିକ ସଂଘ, ଉଠା ଦୋକାନୀ, ସାଧାରଣ ଦୋକାନ ବଜାର, ବ୍ୟାଙ୍କ, ସରକାରୀ ଓ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସମେତ ସମସ୍ତ ସଂଗଠନ ଏହି ବନ୍ଦକୁ ପୂର୍ଣ୍ଣ ସମର୍ଥନ କରିଥିଲେ। ଜରୁରୀ କାଳୀନ ସେବା, ପରୀକ୍ଷାର୍ଥୀଙ୍କ ପରୀକ୍ଷା ଆଦିକୁ ଏହି ବନ୍ଦରୁ ବାଦ୍ ଦିଆଯାଇଥିଲା। ରାଜ୍ୟ ଓବିସି ମଞ୍ଚ ତରଫରୁ ପ୍ରଦେଶୀ ବିଶ୍ୱାଳ, ଶଙ୍କର୍ଷଣ ପ୍ରଧାନ, ଆନନ୍ଦ ପଧାନ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ମଧୁସୂଦନ କ୍ଷେତି, ଶାନ୍ତନୁ ଭୋଇ, ମନୋରଞ୍ଜନ ସାହୁ, ନିକେଶ କୁମ୍ଭାର, ଦିନେଶ ନାଗ, ବିଜୟ ବାରିକ, କୁନା ବାଗ, ସିତାରାମ କୁମ୍ଭାର, ଅର୍ଜୁନ ମୁଗ୍ରି, ବସୁଦେବ ମୁଗ୍ରି, ବିରେନ୍ଦ୍ର ରାୟ, ନଟରାଜ ନାଗ, ସୁବାସିନୀ ସାହୁ, ବିପିନ କୁଶୁଲିଆ, ସତ୍ୟ ବନ୍ଛୋର , ପ୍ରେମାନନ୍ଦ କୁମ୍ଭାର,ସନାତନ ଦିପ, ସନ୍ତୋଷ ଛତ୍ରିଆ ଲଳିତ ମହାନନ୍ଦ ପ୍ରମୁଖ ଉପସ୍ଥିତ ରହି ବନ୍ଦକୁ ସଫଳ କରିବାରେ ସହଯୋଗ କରିଥିଲେ। ବିଭିନ୍ନ ସଂଗଠନ ଏକଜୁଟ୍ ହୋଇ ଏହି ବନ୍ଦକୁ ସଫଳ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ
(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୨୫।୦୪।୨୦୨୬ ■ ଶନିବାର

## ସପ୍ତାହାନ୍ତ ବିଚାର

# ରାଜନୀତିର ଦ୍ୱନ୍ଦ୍ୱରେ ଫସିଛି ମହିଳା ସଂରକ୍ଷଣ

ମହିଳା ସ୍ଥାନ ସଂରକ୍ଷଣ ସମ୍ବନ୍ଧୀୟ ସଂଶୋଧନ ବିଧେୟକ ଲୋକସଭାରେ ନାକଚ ହୋଇଯିବା ସତ୍ତ୍ୱେ ଶାସକ ଓ ବିରୋଧୀ ପକ୍ଷ ଦ୍ୱାରା ନିଜ ନିଜର ଜିତାପଟ ତଥା ଖୋଦ୍ ନିଜକୁ ମହିଳା ହିତୈଷୀ ଭାବେ ଚିତ୍ର କରିବାରେ ଉଦ୍ୟମ ଚଳାଇଛନ୍ତି । ବ୍ୟବସ୍ଥାପିକାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଏବେ ଆଉ କେବେ ଓ କିପରି ଲାଗୁ କରାଯିବ, ଏହା ତ ଭବିଷ୍ୟତ କହିବ, କିନ୍ତୁ ଦେଶର ରାଜନୀତି ମହିଳାଙ୍କୁ ନେଇ ଆଗକୁ ଚାଲିବ ବୋଲି ଏକ ଧାରଣା ସୃଷ୍ଟି ହୋଇଚି । ବିଧେୟକ ଲୋକସଭାରେ ନାକଚ ହୋଇଯିବାର କିଛି ମିନିଟ୍ ପରେ ଭାଜପାର ମହିଳା ସାଂସଦମାନେ ବିକ୍ଷୋଭ ପ୍ରଦର୍ଶନ କରିବା ଘଟଣା ପରଦିନ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ୱାଡ୍ରା ସାମ୍ବାଦିକ ସମ୍ମିଳନୀ କରିବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ସମ୍ବୋଧନ ମଧ୍ୟ କଲେ । 'ନାରୀ ଅପମାନ ବରଦାସ୍ତ କରାଯିବ ନାହିଁ' ବୋଲି ପ୍ରଧାନମନ୍ତ୍ରୀଙ୍କ ଟିପ୍ପଣୀ ଏକପ୍ରକାରେ ବିରୋଧୀ ପକ୍ଷକୁ ପାନେ ଦେବା ଲାଗି ଯେ ଏକ ରାଜନୈତିକ ଆହ୍ୱାନ, ଏଥିରେ ସନ୍ଦେହ ନାହିଁ । କଂଗ୍ରେସକୁ 'ସୁଧାର ବିରୋଧୀ' ଦର୍ଶାଇ ପ୍ରଧାନମନ୍ତ୍ରୀ ଅତୀତର ଉଦାହରଣ ଦେବାକୁ ଭୁଲି ନାହାନ୍ତି । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କଠାରୁ ନେଇ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନଙ୍କ ପର୍ଯ୍ୟନ୍ତ ବିରୋଧୀ ପକ୍ଷର ନେତାମାନଙ୍କ ଅଭିଯୋଗ ହେଉଛି ମହିଳା ସ୍ଥାନ ସଂରକ୍ଷଣ ବିଧେୟକ ୨୦୨୩କୁ ସର୍ବସମ୍ମତିରେ ଗୃହୀତ କରା ହୋଇଥିଲା; ଏବେ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ବିଧେୟକ ଆଳରେ ଦେଶର ରାଜନୈତିକ ମାନଚିତ୍ର ବଦଳାଇବାକୁ ଭାଜପା ଚାହୁଁଛି । ଉପରୋକ୍ତ କଥାରୁ ଉଭୟ ପକ୍ଷ କିଛି ସ୍ୱାଭାବିକ ପ୍ରଶ୍ନର ଉତ୍ତର ନ ଦେଇ ରାଜନୀତିକ ଅନୁକୂଳ ତର୍କ ଦେବା ପସନ୍ଦ କରୁଛନ୍ତି ।

କେନ୍ଦ୍ର ସରକାର ଭାବିନେଲେ ଦେଶର ଅଧାଜନସଂଖ୍ୟାଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଭାଗିଦାରୀରୁ ଏବେ ଆଉ ବଞ୍ଚିତ ରଖାଯାଇ ପାରିବ ନାହିଁ, ତେଣୁ ସଂସଦର ବଜେଟ ଅଧିବେଶନକୁ ଅନିର୍ଦ୍ଦିଷ୍ଟକାଳ ଯାଏ ମୁଲତବୀ ନ କରି ଆଉ ତିନିଦିନ ବିଶେଷ ବୈଠକ ଡକାଗଲା ଓ ମହିଳା ସ୍ଥାନ ସଂରକ୍ଷଣ ସମ୍ବନ୍ଧୀୟ ସଂଶୋଧନ ବିଧେୟକ ଗୃହୀତ କରିବା ପାଇଁ ଉଦ୍ୟମ କରାଗଲା । ନିର୍ବାଚନମାନଙ୍କରେ ମହିଳାମାନେ ବହୁଳ ସଂଖ୍ୟାରେ ଅଂଶ ଗ୍ରହଣ ଓ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଥିବାରୁ ରାଜନୈତିକ କ୍ଷମତାଧାରୀ ଅନୁଭବ କଲେ ଯେ ସେମାନଙ୍କୁ ଶୀଘ୍ର ବ୍ୟବସ୍ଥାପିକାରେ ସ୍ଥାନ ସଂରକ୍ଷଣ ଜରିଆରେ କ୍ଷମତା ସୁରକ୍ଷିତ ରଖାଯାଇପାରେ । ବ୍ୟବସ୍ଥାପିକାରେ ମହିଳାମାନଙ୍କର ଅଧିକ ଭାଗିଦାରୀ ଲାଗି ଖୋଦ୍ ନିଜକୁ ଚିନ୍ତିତ ଥିବା ପ୍ରଦର୍ଶିତ କରୁଥିବା ପୁରୁଷ ପ୍ରଧାନ ରାଜନୀତି ସେମାନଙ୍କୁ ନିଜ ଆସନ ଛାଡ଼ିଦେବାକୁ ପ୍ରସ୍ତୁତ ନଥିଲେ । ତେଣୁ ସଂସଦର ୫୪୩ ଆସନକୁ ବୃଦ୍ଧି କରି ୮୫୦ କରାଇ ୩୩ ପ୍ରତିଶତ ମହିଳା ସଂରକ୍ଷଣର ସୁରକ୍ଷିତ ମାର୍ଗ ବାହାର କରାଯାଇଥିଲା । ଅନେକ ଦଶନ୍ଧି ଧରି କ୍ଷମତାର ସଫଳ ଖେଳାଳୀ ଥିବା ବିପକ୍ଷ ପକ୍ଷେ ବୁଝିବାକୁ ଆଦୌ ବିଳମ୍ବ ଲାଗିଲା ନାହିଁ ଯେ ଏ କୌଶଳ ଦ୍ୱାରା ଏନଡିଏକୁ ପାଞ୍ଚଟି ରାଜ୍ୟ ବିଧାନସଭା ନିର୍ବାଚନରେ ଫାଇଦା ମିଳିଯିବ । ମହିଳା ସଂରକ୍ଷଣ ଉପରେ ସହମତି ସତ୍ତ୍ୱେ ନୂଆ ଜନଗଣନା ଉପରେ ଆଧାରିତ ନିର୍ବାଚନ ମଣ୍ଡଳୀ ସୀମା ପୁନର୍ଗଠନର ସର୍ତ୍ତ ହଟାଇବା ସମ୍ବନ୍ଧୀୟ ସମ୍ବିଧାନ ସଂଶୋଧନ ନେଇ ଶାସକ ଓ ବିପକ୍ଷ ମଧ୍ୟରେ ଟକରାଳର ମୂଳ ପଛରେ ରାଜନୀତି ତ ଅଛି କ୍ଷମତା ସନ୍ତୁଳନ ଚିନ୍ତା ମଧ୍ୟ ରହିଛି । ଏଯାଏ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣର ଆଧାର ହୋଇ ଆସିଛି ଲୋକସଂଖ୍ୟା । ତେଣୁ ଦକ୍ଷିଣ ଭାରତୀୟ ରାଜ୍ୟମାନେ ଲୋକସଭା ଆସନ ସଂଖ୍ୟା ଓ ପରିଣାମ ସ୍ୱରୂପ ରାଷ୍ଟ୍ରୀୟ ରାଜନୀତିରେ ନିଜର ପ୍ରଭାବ ହ୍ରାସ ପାଇବାର ଆଶଙ୍କା ପ୍ରକଟ କରିଆସୁଛନ୍ତି । ଜନସଂଖ୍ୟା ନିୟନ୍ତ୍ରଣ ଓ ଉତ୍ତମ ସାକ୍ଷରତା ହାର ଜରିଆରେ ଆର୍ଥିକ ବିକାଶ କ୍ଷେତ୍ରରେ ଉତ୍ତର ଭାରତଠାରୁ ଦକ୍ଷିଣ ଭାରତ ଉତ୍ତମ ପ୍ରଦର୍ଶନ କରିଛି । ଦେଶର ରାଜସ୍ୱ କ୍ଷେତ୍ରରେ ମଧ୍ୟ ଦକ୍ଷିଣ ଭାରତର ଯୋଗଦାନ ଅପେକ୍ଷାକୃତ ଅଧିକ ରହିଆସିଛି । ଏଥିଲାଗି ସେ ରାଜ୍ୟସବୁ ରାଜନୈତିକ ଦୃଷ୍ଟିରୁ ଦଣ୍ଡିତ ହେବା ଉଚିତ ନୁହେଁ କିନ୍ତୁ ଉତ୍ତର ଭାରତୀୟ ରାଜ୍ୟମାନଙ୍କୁ ମଧ୍ୟ ରାଜନୈତିକ ନେତୃତ୍ୱ ଓ ଶାସନତନ୍ତ୍ର ଏ କ୍ଷେତ୍ରରେ ବିଫଳତା ପାଇଁ ଦଣ୍ଡିତ କରାଯାଇ ନପାରେ । ଲୋକସଭା ନିର୍ବାଚନ ମଣ୍ଡଳୀର ଜନସଂଖ୍ୟା ଦକ୍ଷିଣ ଭାରତ ତୁଳନାରେ ଉତ୍ତର ଭାରତରେ ଦୁଇଗୁଣ ହେବା ଯୁକ୍ତିସଂଗତ ନୁହେଁ । ଭାରତ ଭଳି ବିଶାଳ ଓ ବିବିଧତାପୂର୍ଣ୍ଣ ଦେଶରେ ବିବେକପୂର୍ଣ୍ଣ ବିଚାର ଦ୍ୱାରା ହିଁ ଏପ୍ରକାର ଜଟିଳ ପ୍ରଶ୍ନର ସମାଧାନ କରି ଭବିଷ୍ୟତ ଲାଗି ସନ୍ତୁଳିତ ନୀତି ନିର୍ମାଣ କରାଯାଇପାରେ କିନ୍ତୁ ଆମର ରାଜନୀତି ତ ସବୁବେଳେ ସମସ୍ୟାସବୁ ପ୍ରତି ଅଣଦେଖା କରିଆସିଛି । ୧୯୭୬ରେ ଇନ୍ଦିରା ଗାନ୍ଧୀ ସରକାର ୪୨ତମ ସମ୍ବିଧାନ ସଂଶୋଧନ ଜରିଆରେ ୨୦୦୧ଯାଏ ଲୋକସଭା ଆସନ ୫୪୩ରେ ଫ୍ରିଜ୍ କରିଦେଇଥିଲେ, ତେଣୁ ବାଜପେୟୀ ସରକାର ତାହାକୁ ୨୦୨୬ଯାଏ ବଢ଼ାଇ ଦେଇଥିଲେ ।

ଗୃହମନ୍ତ୍ରୀ ଅମିତ ଶାହ ରାଜନୈତିକ ପ୍ରତିନିଧିତ୍ୱ କମ୍ ହେବା ସମ୍ବନ୍ଧରେ ଦକ୍ଷିଣ ରାଜ୍ୟମାନଙ୍କରେ ଆଶଙ୍କାକୁ ଦୂର କରି ଆଶ୍ୱାସନା ଦେଇଥିଲେ ଯେ ସବୁ ରାଜ୍ୟମାନଙ୍କର ଆସନ ସଂଖ୍ୟା ୫୦ ପ୍ରତିଶତ ବଢ଼ାଇଦିଆଯିବ, ଯାହାଫଳରେ ଅନୁପାତର ସନ୍ତୁଳନ ପ୍ରଭାବିତ ହେବ ନାହିଁ । ତଥାପି ବିପକ୍ଷ ନିର୍ବାଚନ ମଣ୍ଡଳୀ ସୀମା ପୁନର୍ଗଠନ ବିନା ମହିଳା ସ୍ଥାନ ସଂରକ୍ଷଣ ଲାଗୁ କରିବା ଓ ନୂତନ ଜନଗଣନା ଆଧାରିତ ଡିଲିମିଟେସନ ସାମ୍ବିଧାନିକ ବ୍ୟବସ୍ଥା ଉପରେ ଜୋର ଦେଇଚାଲିଲେ । ଏହା ପଛରେ ସେମାନଙ୍କର ଯୁକ୍ତି ଥିଲା ପ୍ରଥମ ହେଉଛି, ଆସନରେ ୫୦ ପ୍ରତିଶତ ବୃଦ୍ଧି ଫର୍ମୁଲା ଫଳରେ ମଧ୍ୟ ଭାଜପାର ପ୍ରଭାବ ଥିବା ଉତ୍ତର ଓ ପଶ୍ଚିମ ଭାରତରେ ଆସନ ଅଧିକ ବଢ଼ିଯିବ । ଯାହାଫଳରେ ଲୋକସଭାରେ ସଂଖ୍ୟାଗରିଷ୍ଠତା ହାସଲ କରିବା ସହଜ ହୋଇଯିବ । ଦୁଇ, ଏ ଫର୍ମୁଲାର ଉଲ୍ଲେଖ ସମ୍ବିଧାନ ସଂଶୋଧନ ବିଧେୟକରେ ନଥିଲା । ଅର୍ଥାତ୍ ଡିଲିମିଟେସନ୍ ୨୦୦୧ ଜନଗଣନାକୁ ଭିତ୍ତି କରି କରାଯାଇଥା'ନ୍ତା । ବିଧେୟକରେ ଏହି ସଂଶୋଧନ ଯୋଡ଼ିବା ଲାଗି ଗୃହମନ୍ତ୍ରୀ ଏକଘଣ୍ଟା ସମୟ ମାଗିଥିଲେ । ନୂତନ ଜନଗଣନା ଆଧାରିତ ଡିଲିମିଟେସନର ସାମ୍ବିଧାନିକ ବାଧ୍ୟତା ସମାପ୍ତ କରି ତାହାକୁ ସଂସଦର ସାଧାରଣ ସଂଖ୍ୟାଗରିଷ୍ଠତା ବା ସରକାରଙ୍କ ଇଚ୍ଛା ଉପରେ ଛାଡ଼ିଦେବାର ବିପଦ ପ୍ରତି ବିରୋଧୀ ପକ୍ଷର ଚିନ୍ତା ବୁଝାପଡୁଛି । କିନ୍ତୁ ଡିଲିମିଟେସନ ସମ୍ବନ୍ଧୀୟ ଜଟିଳତାର ସମାଧାନ ରାଜନୀତିକ ନୁହେଁ, ରାଷ୍ଟ୍ରୀୟ ବିଚାର ବିବେଚନା ଦ୍ୱାରା ହିଁ ସମ୍ଭବ । ପ୍ରତ୍ୟେକ ଭୋଟରକୁ ସମ୍ବିଧାନ ଗୋଟିଏ ଭୋଟ ଅଧିକାର ପ୍ରଦାନ କରିଛି ଓ ପ୍ରତ୍ୟେକ ଭୋଟର ମୂଲ୍ୟ ସମାନ । ତେଣୁ କେବଳ ରାଜନୈତିକ ସନ୍ତୁଳନ ଲାଗି ଡିଲିମିଟେସନରେ ଜନସଂଖ୍ୟାକୁ ଅଣଦେଖା କରିବା ବିଚାର ଅଗଣତାନ୍ତ୍ରିକ । ତେଲେଙ୍ଗାନାର କଂଗ୍ରେସ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ କର ରାଜସ୍ୱ, ଜିଡିପି ଓ ସାମାଜିକ ବିକାଶ ମାପଦଣ୍ଡ ଆଧାରରେ ରାଜ୍ୟର ଆସନ ସଂଖ୍ୟା ସ୍ଥିର କରିବା ଦାବି ରାଷ୍ଟ୍ରୀୟ ଏକତା ଲାଗି ବିଭାଜନକାରୀ ହୋଇଥିବା ବେଳେ ମହିଳା ସଂରକ୍ଷଣରେ ଓବିସି ଓ ମୁସଲମାନ ସଂରକ୍ଷଣର ଦାବି ସାମାଜିକ ସଦ୍‌ଭାବ ରକ୍ଷା କ୍ଷେତ୍ରରେ ମାରାତ୍ମକ ।

ଶାସକ ଓ ବିରୋଧୀଙ୍କ ଉଚ୍ଚାରଣ ଯୁଦ୍ଧ ଆରମ୍ଭ ହୋଇଯାଇଛି । ସମ୍ବିଧାନ ସଂଶୋଧନ ଲାଗି ଆବଶ୍ୟକ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ନଥିବା ସତ୍ତ୍ୱେ ଭାଜପା ଦ୍ୱାରା ନିର୍ବାଚନ ପ୍ରକ୍ରିୟା ମଝିରେ ସଂସଦରେ ବିଶେଷ ବୈଠକ ଡକାଇବା ମୂଳରେ ତାହାର ଉଚ୍ଚାରଣ ଜୋରଦାର କରିବାର ଯେ ଉଦ୍ଦେଶ୍ୟ ଥିଲା, ଏଥିରେ ଦ୍ୱିମତ ନାହିଁ । କିନ୍ତୁ ଏହାର ପ୍ରଭାବ କେତେ, କେଉଁଆଡ଼େ ପଡ଼ିଲା ତାହା ବିଧାନସଭା ନିର୍ବାଚନର ପରିଣାମରୁ ମିଳିପାରେ । ତାମିଲନାଡୁରେ ଏବେ ଭୋଟ ହୋଇଯାଇଛି ଓ ପଶ୍ଚିମବଙ୍ଗରେ ଗୋଟିଏ ପର୍ଯ୍ୟାୟ ସରିଛି, ଆଉ ଗୋଟିଏ ଅଛି ବାକି ଯେଉଁଠାରେ ମହିଳା ମତଦାତା ଅପେକ୍ଷାକୃତ ଅଧିକ ପ୍ରଭାବ ବିସ୍ତାର କରିଥାନ୍ତି । ❑❑

# ପ୍ରଳୟଙ୍କରୀ ପ୍ରତିଶୋଧ



ମାୟାଧର ନାୟକ

ପ୍ରତିମୁହୂର୍ତ୍ତରେ ବଦଳୁଛି ପ୍ରକୃତିର ନିୟମ। ଜଳବାୟୁ ପରିବର୍ତ୍ତନରେ ଆସିଛି ବ୍ୟାପକ ଅସ୍ୱାଭାବିକତା। ବହୁପୂର୍ବରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀ ଉପରେ ପଡିଆସିଛି। ଲଗାତର ଗ୍ରୀଷ୍ମପ୍ରବାହ, ଆକାଶରୁ ନିଆଁବର୍ଷା, ଭୟଙ୍କର ମରୁଡ଼ି, ପ୍ରବଳ ଝଡତୋଫାନବାତ୍ୟା, ଭୂସ୍ଖଳନ, ଭୂମିକମ୍ପ, ସମୁଦ୍ରଜଳପନନ ବୃଦ୍ଧି ପ୍ରଭୃତି ଜଳବାୟୁ ପରିବର୍ତ୍ତନରେ ସମଗ୍ର ବିଶ୍ୱ ଥରହର। ଏହାର କୁପରିଣାମ ଭୋଗୁଛନ୍ତି ସାରାବିଶ୍ୱର ଜୀବଜଗତ। ପୃଥିବୀର ଉତାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମନୁଷ୍ୟକୃତ କାର୍ଯ୍ୟ ଇନ୍ଧନ ଦହନ, ଗାଡ଼ିମଟରରୁ ନିର୍ଗତ କାର୍ବନଡାଇଅକ୍ସାଇଡ୍ ଦ୍ୱାରା ଏବଂ ଶକ୍ତିଉତ୍ପାଦନ ପାଇଁ ଇନ୍ଧନ ଜଳାଉ। ୧୮୫୦ ମସିହାରେ ଶିଳ୍ପବିପ୍ଳବରେ କୋଇଲାରୁ ଶକ୍ତିଉତ୍ପାଦନ ହୋଇଥିଲା। ଅଧିକ କୋଇଲା ଜାଳିବା'ଳରେ ବାୟୁମଣ୍ଡଳ ପ୍ରଦୂଷିତହୋଇ ଜୀବଜଗତ ଉପରେ ନକାରାତ୍ମକ ପ୍ରଭାବ ପଡ଼େ। ଏହାଦ୍ୱାରା ମଧ୍ୟ ପାଣିପାଗର ପରିବର୍ତ୍ତନ ଘଟେ। ପାଣିପାଗର ଅସମାନତା ଦେଖାଯାଏ।

ଗ୍ରୀଷ୍ମପ୍ରବାହ ବୃଦ୍ଧିଦ୍ୱାରା ସ୍ୱାସ୍ଥ୍ୟସମସ୍ୟା ବଢୁଛି। ମୃତ୍ୟୁର ତାଣ୍ଡବ ସୃଷ୍ଟି ହେଉଛି। ଜଳବାୟୁ ପରିବର୍ତ୍ତନରେ ପରିବେଶ ପ୍ରଦୂଷଣ ଯୋଗୁ ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ବ୍ୟାପକ ଭାବେ ହୋଇ ଚର୍ମକର୍କଟରୋଗ ବ୍ୟାପୁଛି। ପରିବର୍ତ୍ତିତ ଜଳବାୟୁରେ କୃଷି ଭୀଷଣ ଭାବେ ପ୍ରଭାବିତ। ଗଜାମରୁଡି, ରୋଗପୋକ ଯୋଗୁଁ ଖାଦ୍ୟଶସ୍ୟ ଅମଳ କମିଯାଉଛି। ମୃତିକାର ତାପମାତ୍ରା ବୃଦ୍ଧିରେ ବିହନ ଗଜାହେବା କ୍ଷମତା ହରାଏ। ଜଳବାୟୁ ପରିବର୍ତ୍ତନ ପ୍ରାକୃତିକ ପରିବେଶକୁ ବିଗାଡ଼ିଦେଇଛି। କେଉଁଠି ଅତ୍ୟଧିକ ବର୍ଷା ଆଉ କେଉଁଠି ଅସହ୍ୟ ଗରମ ଅନୁଭବ ହେଉଛି। ଛ'ଋତୁ ମଧ୍ୟରୁ ଏବେ କେବଳ ବର୍ଷା, ଶୀତ, ଗ୍ରୀଷ୍ମ ଋତୁ ଜଣାପଡୁଛି। ଅନୁପାତ ମଧ୍ୟ ଠିକ୍ ରହୁନି। ଏହାର ପ୍ରଭାବ ଜନସମାଜ, ବୃକ୍ଷଲତା, ଜୀବଜନ୍ତୁ, ଶୈବାଳ, ସାମୁଦ୍ରିକ ପ୍ରାଣୀ ଉପରେ ପଡୁଛି।

ଆକାଶରେ ବରଫ ତରଳୁଛି। କଳାବରଫଯୋଗୁ ତରଳୁଛି ଗ୍ଲାସିୟର। ଜଳମଗ୍ନ ହୋଇଯିବ ବଡ଼ବଡ଼ ସହର। ପ୍ରାକୃତିକ ପରିବେଶ ବଦଳିଯିବ। ଜଙ୍ଗଲରେ ଲାଗିବ ନିଆଁ। ନିଭୁନିଭୁ ବହୁଦିନ ଲାଗିବ। ପ୍ରତିବର୍ଷ ହେକ୍ଟର ହେକ୍ଟର ଜଙ୍ଗଲ ପୋଡ଼ି ଛାରଖାର ହୋଇଯାଉଛି। ବେଳେବେଳେ ଚାଷପାଇଁ ମଣିଷ ବି ଜଙ୍ଗଲରେ - ଧାନ କଟାହେଲାପରେ ଧାନବିଲରେ ନିଆଁ ଲଗେଇଦିଅନ୍ତି। ଏହାଦ୍ୱାରା ପ୍ରବଳଭାବରେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ଜଙ୍ଗଲପୋଡି ମଣିଷପାଇଁ ହାନିକାରକ। ବ୍ରାଜିଲର ଆମାଜନ ଜଙ୍ଗଲରୁ ପୃଥିବୀର ୨୦ ପରସେଂଟ୍ ଅମ୍ଳଜାନ ମିଳିଥାଏ। ଆମାଜନ୍ ଜଙ୍ଗଲରେ ନିଆଁଲାଗି ଏହାର ବ୍ୟାପକ କୁପ୍ରଭାବ ବିଶ୍ୱଉପରେ ପଡିଛି। ଏହାର ବିଷାକ୍ତ ଗ୍ୟାସଦ୍ୱାରା ହୃଦ୍‌ରୋଗ, କ୍ୟାନ୍‌ସର୍ ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି। ୧୯୧୯ରେ ଆମାଜନ୍ ଜଙ୍ଗଲରେ ମାସମାସଧରି ନିଆଁ ଲାଗିରହିବା ଫଳରେ ଚାରିଆଡ଼େ ଧୂଆଁମୟ ହୋଇଯାଇଥିଲା। କେବଳ ଆମାଜନ୍ ଜଙ୍ଗଲ ନୁହେଁ - ପୃଥିବୀର ଅନେକ ଜଙ୍ଗଲରେ ପ୍ରତିବର୍ଷ ନିଆଁଲାଗି ବ୍ୟାପକ କ୍ଷୟକ୍ଷତି ହେଉଛି।

ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ। କଳକାରଖାନା, ମଟରଗାଡ଼ି, ଚିମିନୀ ଆଦିରୁ ନିର୍ଗତ ଧୂଆଁ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହୁଏ। ଏହାଦ୍ୱାରା ପୃଥିବୀର ତାପମାତ୍ରା ବୃଦ୍ଧିପାଏ। ପାଣିରେ ଅଧିକ ମାତ୍ରାରେ ଲବଣପଦାର୍ଥ ମିଶିଲେ ଜଳ ପ୍ରଦୂଷିତ ହୁଏ। ସମୁଦ୍ରପାଣି ଲୁଣିଆ। ଏବେ ସାରାବିଶ୍ୱରେ ଯେଉଁ କିଣା ବୋତଲପାଣି, ଅନ୍ୟାନ୍ୟ ଠିପିବନ୍ଦ ପାନୀୟ ବୋତଲ ପାନ କରୁଛେ - ବେପାରୀମାନେ ଅଧିକ ସମୟ ଗୋଦାମରେ ରଖି ବିକ୍ରିକରିବାପାଇଁ କେମିକାଲ ଦେଇଦିଅନ୍ତି। ସେସବୁ ପାନୀୟ ପାଟିକୁ ମିଠା, ପେଟକୁ ବିଷ ସମାନ। ଆମେ ଜାଣି ହେଉ ବା ଅଜଣାରେ ହେଉ ବିଶ୍ୱବିଷଭଣ୍ଡାରରୁ ସେଇ ବିଷସବୁ ପିଇବାରେ ଲାଗିଛେ - ଯାହାଦ୍ୱାରା ମଧୁମେହ ରୋଗଠାରୁ ଯାବତ୍‌ପ୍ରକାର ଦୁରାରୋଗ୍ୟ ବ୍ୟାଧିର ଶିକାର ହେଉଛେ। ଫଳରେ ବିନା ଔଷଧରେ ଦିନ କଟୁନି। ପୁଣି ଔଷଧ ମଧ୍ୟ ଭେଜାଲ୍।

ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ସମଗ୍ର ଜଗତ୍ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। କେବଳ ମାନବଜାତି ପ୍ରଭାବିତ ହେଉନାହାଁନ୍ତି - ଜୀବଜନ୍ତୁଙ୍କ ଉପରେ ପ୍ରଭାବ ପଡୁଛି। ଅତ୍ୟଧିକ ତାପମାତ୍ରା ଯୋଗୁଁ ଅନେକ କୀଟପତଙ୍ଗ, ପଶୁପକ୍ଷୀ ମରିଯାଉଛନ୍ତି। ପୋଖରୀ, ନଈ, ସମୁଦ୍ରରେ ଜଳଚର, ମାଛମାନେ ମରି ଭାସୁଛନ୍ତି। ଭୌଗୋଳିକ କ୍ଷେତ୍ର ଓ ବିଭିନ୍ନ ପ୍ରଜାତିଙ୍କ ଠାରେ ଆକାର ପରିବର୍ତ୍ତନ ଘଟିବାରେ ଲାଗିଛି। ପାଖାପାଖି ୧୦ଲକ୍ଷ ପ୍ରଜାତି ବିଲୁପ୍ତ ହେବାର ଆଶଙ୍କା ପ୍ରକାଶ ପାଇଲାଣି। ଆଉ କୋଇଲିର ଦେଖାନାହିଁ। କୁହୁକୁହୁ ଗୀତ ଗାଉନି। ଭଦଭଦଳିଆ ପକ୍ଷୀ ବିଲୁପ୍ତିର ପଥେ - ବିରଳ ହେବାକୁ ଯାଉଛି ପ୍ରଜାପତିର ଚିତ୍ରିତ କଳେବର। 'ଘରଚଟିଆ' କୁଆଡେ ବୁଲୁଛନ୍ତି - ତାଙ୍କର ଦେଖାନାହିଁ। ସାମୁଦ୍ରିକ କଇଁଛ, ଅତ୍ୟଧିକ ଥଣ୍ଡାରେ ବାସକରୁଥିବା 'ମେରୁଭାଲୁ' ଗରମ ସହ୍ୟ କରିନପାରି ମରମର ଅବସ୍ଥାରେ।

ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରକୃତି କୋଳରେ ଅସ୍ୱାଭାବିକ ଘଟଣାମାନ ଘଟିବାରେ ଲାଗିଛି। ବର୍ଷା ବିପ୍ରାତ, ଅସ୍ୱାଭାବିକ ବନ୍ୟା, ମରୁଡ଼ି, ଗ୍ଲେସିୟର ତରଳିବା ଏବଂ ଜଙ୍ଗଲ ନିଆଁ ଭଳି ଘଟଣା ଦେହସୁହା ହୋଇଗଲାଣି । ଏବେ ଜଳବାୟୁ ପରିବର୍ତ୍ତନ ସହ ଆଉ ଏକ ଭୟଙ୍କର ତଥା ବିନାଶକାରୀ ଘଟଣା ଯୋଡି ହୋଇଯାଇଛି । ପ୍ରାଣୀ ଜଗତ ପାଇଁ ଅତ୍ୟନ୍ତ ଅନିଷ୍ଟକାରୀ ଅଙ୍ଗାରକାମ୍ଳ ବାଷ୍ପର ମାତ୍ରା କ୍ରମେ ବଢିବାରେ ଲାଗିଛି । ଆଗ ଭଳି ବୃକ୍ଷ, ମାଟି ଓ ସମୁଦ୍ର ଆଉ ଏହାକୁ ଶୋଷୁନାହିଁ । ଏହି ପ୍ରାକୃତିକ ପ୍ରକ୍ରିୟା ମୋଟାମୋଟି ଭାବେ ବନ୍ଦ ହେବାରେ ଲାଗିଛି । ଗତବର୍ଷ ବୃକ୍ଷ, ମାଟି ଓ ସମୁଦ୍ର ପ୍ରାୟ କୌଣସି ଅଙ୍ଗାରକାମ୍ଳ ଶୋଷି ନଥିବା ଏକ ସଦ୍ୟ ରିପୋର୍ଟରୁ ଜଣାପଡିଛି । ଏହା ଯେଗୁ ଆଗକୁ ଭୟଙ୍କର ବିପତି ମାଡି ଆସିବ ।

ମଣିଷ ଦ୍ୱାରା ସୃଷ୍ଟ ଅଙ୍ଗାରକାମ୍ଳ ବାଷ୍ପକୁ ଶୋଷିନେବାରେ ପୃଥିବୀର ବିଶାଳ ଜଙ୍ଗଲ, ଘାସ ପଡିଆ ଏବଂ ମହାସାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । କିନ୍ତୁ ବର୍ଷ ୨୦୨୩ରେ ସେଭଳି କିଛି ଘଟିନାହିଁ। ୨୦୨୩ ବର୍ତ୍ତମାନ ପର୍ଯ୍ୟନ୍ତ ସବୁଠାରୁ ଉତପ୍ତ ବର୍ଷ ରହିଥିଲା । ଅସ୍ୱାଭାବିକ ତାତି ଅନୁଭୂତ ହୋଇଥିଲା । ଏହା ପଛରେ ଜଳବାୟୁ ପରିର୍ବତନ ହିଁ ପ୍ରମୁଖ କାରଣ । ପ୍ରଚଣ୍ଡ ତାତି କାରଣରୁ ପ୍ରକୃତିରେ ଅଙ୍ଗାରକାମ୍ଳ ଶୋଷଣ ପ୍ରଭାବିତ ହୋଇଛି । ହଜାର ହଜାର ପ୍ରାକୃତିକ ଗତିବିଧି ପୃଥିବୀର ଜଳବାୟୁକୁ ନିୟନ୍ତ୍ରଣ କରିଥାଏ । ସଦ୍ୟ ଗବେଷଣା ମୁତାବକ ସମୁଦ୍ର, ଜଙ୍ଗଲ ଏବଂ ମାଟିର ଅଙ୍ଗାରକାମ୍ଳ ଶୋଷଣ କ୍ଷମତା ଉଲ୍ଲେଖନୀୟ ଭାବେ କମିଛି । ଅଙ୍ଗାରକାମ୍ଳ ଶୋଷଣ ପ୍ରକ୍ରିୟାକୁ ଏକ 'ସ୍ପଞ୍ଜ୍'ର ଉଦାହରଣ ଭାବେ ନେଇହେବ । ସ୍ପଞ୍ଜ୍ ଯେମିତି ଅନ୍ୟ ସାମଗ୍ରୀକୁ ଶୋଷିନିଏ, ଠିକ୍ ସେମିତି ଆମ ଚତୁଃପାର୍ଶ୍ୱରେ ଥିବା ବୃକ୍ଷ, ମହାସାଗର ଏବଂ ମାଟି ସ୍ପଞ୍ଜ୍ ଭାବେ କାମ କରିଥାନ୍ତି । ବୃକ୍ଷ, ମହାସାଗର ଓ ମାଟି ବାୟୁମଣ୍ଡଳକୁ ଯେତେ ଅଙ୍ଗାରକାମ୍ଳ ଛାଡନ୍ତି, ତା'ଠାରୁ ଢେର ଅଧିକ ଶୋଷି ନେଇଥାନ୍ତି । ଏହାଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମାତ୍ରା ସନ୍ତୁଳିତ ରହିଥାଏ । ତେଣୁ ସବୁବେଳେ ଅଧିକ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଇଥାଏ। 'ଦ ଗାର୍ଡିଆନ୍'ରେ ପ୍ରକାଶିତ ରିପୋର୍ଟ ମୁତାବକ ପୃଥିବୀରେ ଥିବା ମହାସାଗର, ଜଙ୍ଗଲ, ମାଟି ଓ ଅନ୍ୟାନ୍ୟ ପ୍ରାକୃତିକ ପ୍ରକ୍ରିୟା ମାନବ ଦ୍ୱାରା ସୃଷ୍ଟି ହେଉଥିବା ଅଙ୍ଗାରକାମ୍ଳର ପ୍ରାୟ ଅଧା ଭାଗକୁ ଶୋଷି ନେଇଥିଲେ । କିନ୍ତୁ ପୃଥିବୀ ଯେଉଁଭଳି ଭାବେ ଗରମ ହେବାରେ ଲାଗିଛି, ତାହାକୁ ନେଇ ବୈଜ୍ଞାନିକମାନଙ୍କୁ ଚିନ୍ତା ଖାଉଛି ଯେ ପ୍ରକୃତିରେ ଏହି ମହତ୍ୱପୂର୍ଣ୍ଣ ପ୍ରକ୍ରିୟା ଏବେ ବିପଦରେ ପଡିଛି ।

ନ୍ୟୁୟର୍କରେ ସଦ୍ୟ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପୋଟ୍‌ସଡାମ୍ ଇନ୍‌ଷ୍ଟିଚ୍ୟୁଟ୍ 'ର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ ନିର୍ଦ୍ଦେଶକ ଜୋହାନ୍ ରକ୍‌ଷ୍ଟ୍ରମ୍ କହିଥିଲେ, ପୃଥିବୀର ପ୍ରଣାଳୀରେ ଆମେ ଅନେକ ପ୍ରକାର ପ୍ରତିବନ୍ଧକ ଆସୁଥିବା ଦେଖିବାକୁ ପାଉଛୁ। ଭୂମିରେ ଅନେକ ଫାଟ ସୃଷ୍ଟି ହେଉଛି । ଭୂମି ନିଜ ଅଙ୍ଗାରକାମ୍ଳ ଶୋଷିବା କ୍ଷମତାକୁ ହରାଇବାରେ ଲାଗିଛି। ମହାସାଗର ବି ଅସ୍ଥିରତାର ସଂକେତ ଦେଉଛି। ପ୍ରକୃତି ବର୍ତ୍ତମାନ ପର୍ଯ୍ୟନ୍ତ ଆମ ଦ୍ୱାରା ସୃଷ୍ଟି ହେଉଥିବା ଅଙ୍ଗାରକାମ୍ଳକୁ ସନ୍ତୁଳିତ ରଖିଆସୁଛି। କିନ୍ତୁ ଏବେ ଏହି ପ୍ରକ୍ରିୟା ଶେଷ ହେବାରେ ଲାଗିଛି। ରିପୋର୍ଟ ମୁତାବକ, ୨୦୨୩ରେ ଅଙ୍ଗାରକାମ୍ଳ ଶୋଷଣରେ ହ୍ରାସ ଦେଖାଯିବା ଘଟଣା ଅସ୍ଥାୟୀ ହୋଇପାରେ । କିନ୍ତୁ ମଣିଷ ସମାଜ ପାଇଁ ଏହା ଏକ ଚେତାବନୀ ସଦୃଶ। ଯଦି ମରୁଡି ସ୍ଥିତି ବା ଜଙ୍ଗଲ ନିଆଁ ଭଳି ଘଟଣା ନ ଘଟେ, ତେବେ ଭୂମି ପୁଣି ଅଙ୍ଗାରକାମ୍ଳ ଶୋଷିବା ପ୍ରକ୍ରିୟାକୁ ଫେରି ପାଇପାରିବ । ପରିସଂସ୍ଥାନର ଏହି ଭୟଙ୍କର ପରିବର୍ତନ ଦର୍ଶାଉଛି ଯେ ଜଳବାୟୁ ସଂକଟ ଉପରେ ଏହାର ସିଧାସଳଖ ପ୍ରଭାବ ପଡିପାରେ।

ରିପୋର୍ଟରେ ଦର୍ଶାଯାଇଛି ଯେ ପ୍ରକୃତିର ସହାୟତା ବିନା ଶୂନ ପ୍ରତିଶତ ଅଙ୍ଗାରକାମ୍ଳ ନିର୍ଗମନରେ ପହଂଚିବା ଅସମ୍ଭବ। ୨୦୨୩ରେ ଅଙ୍ଗାରକାମ୍ଳ ପ୍ରଦୂଷଣ ରେକର୍ଡ ୩୭.୪ ବିଲିୟନ୍ ଟନ୍ ପର୍ଯ୍ୟନ୍ତ ପହଂଚିଯାଇଛି । ବାୟୁମଣ୍ଡଳୀୟ ଅଙ୍ଗାରକାମ୍ଳକୁ ବୃହତ୍ ମାତ୍ରାରେ ହଟାଉଥିବା ସାଧନରେ ଅଭାବ ଯୋଗୁ ପୃଥିବୀର ବିଶାଳ ଜଙ୍ଗଲ, ଘାସ ଏବଂ ପଡିଆ ଓ ମହାସାଗର ହିଁ ଅଙ୍ଗାରକାମ୍ଳ ଶୋଷିବାରେ ଏକମାତ୍ର ବିକଳ୍ପ । ୧୧୮ ଦେଶ ରାଷ୍ଟ୍ରୀୟ ଜଳବାୟୁ ଲକ୍ଷ୍ୟ ପୂରଣ ନିମନ୍ତେ ଭୂମି ଉପରେ ନିର୍ଭର କରୁଛନ୍ତି । କିନ୍ତୁ ବର୍ଦ୍ଧିତ ତାପମାତ୍ରା, ପ୍ରତିକୂଳ ପାଣିପାଗ ଏବଂ ମରୁଡି କାରଣରୁ ଏହା ଉପରେ କୁପ୍ରଭାବ ପଡୁଛି । ବିଗତ ଦଶନ୍ଧିଗୁଡିକରେ ମହାସାଗରଗୁଡିକ ଜୀବାଶ୍ମ ଇନ୍ଧନରୁ ସୃଷ୍ଟ ୯୦ ପ୍ରତିଶତ ଗରମକୁ ଟାଣିନେଉଛି । ଯଦି ଏହିଭଳି ଭାବେ ଅଙ୍ଗାରକାମ୍ଳ ଶୋଷଣ ପ୍ରଭାବିତ ହୁଏ, ମାନବ ସମାଜ ପାଇଁ ଏହା ଭୟଙ୍କର ବିପତି ଡାକିଆଣିବ।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ସନ୍ଥବିଭୂତି ସ୍ୱାମୀ ଚିଦାନନ୍ଦ

ହେମନ୍ତ କୁମାର ପରିଡ଼ା

ଆଧ୍ୟାତ୍ମ ଆକାଶର ଜଣେ ଉଜ୍ଜ୍ୱଳତମ ଜ୍ୟୋତିଷ୍କ ହେଉଛନ୍ତି ସଦ୍‌ଗୁରୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ । ଜନ୍ମବେଳୁ ତାଙ୍କ ଭିତରେ ଅନେକ ବିଲକ୍ଷଣତା ପ୍ରକାଶ ପାଇଥିଲା । ଛାତ୍ର ଜୀବନରେ ସେ ଥିଲେ ଅତ୍ୟନ୍ତ ମେଧାବୀ ଓ ପ୍ରତ୍ୟୁତ୍ପନ୍ନମତି । ପରିବାର ଠାରୁ ଆରମ୍ଭ କରି ପ୍ରିୟପରିଜନ ସମସ୍ତେ ତାଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ । ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସମାପ୍ତି ପରେ ସେ ମାଡ୍ରାସର ପ୍ରସିଦ୍ଧ ଲୟୋଲା କଲେଜରେ ପ୍ରବେଶ କରିଥିଲେ ଏବଂ ସମ୍ମାନର ସହ ସ୍ନାତକ ଉପାଧି ଲାଭ କରିଥିଲେ । ଲୟୋଲା ମିଶନାରୀ ମାନଙ୍କ ଦ୍ୱାରା ପରିଚାଳିତ ମହାବିଦ୍ୟାଳୟ ହୋଇଥିବାରୁ ତାହାର ବାତାବରଣ ମୁଖ୍ୟତଃ ଖ୍ରୀଷ୍ଟଧର୍ମ ଅନୁରାଗୀ ଥିଲା । ସେଠାରେ ତାଙ୍କୁ ଖ୍ରୀଷ୍ଟଧର୍ମର ଗଭୀର ତତ୍ତ୍ୱ ସମ୍ବନ୍ଧରେ ଜାଣିବାକୁ ସୁଯୋଗ ମିଳିଥିଲା । ସେ ହିନ୍ଦୁ ଥିଲେ ବି ସବୁ ଧର୍ମକୁ ସମାନ ଦୃଷ୍ଟିରେ ଦେଖୁଥିଲେ । ବେଦ, ଉପନିଷଦ, ଗୀତା ଭଳି ବାଇବେଲ, କୋରାନ ଆଦି ଅନ୍ୟ ଧର୍ମ ଓ ମତ ପନ୍ଥର ପବିତ୍ର ଧର୍ମଗ୍ରନ୍ଥ ଗୁଡ଼ିକୁ ସେ ସମାନ ସମ୍ମାନ ପ୍ରଦର୍ଶନ କରୁଥିଲେ ।ସେବା ପ୍ରେମ ତାଙ୍କ ଜୀବନର ସ୍ୱଭାବ ଥିଲା । କୁଷ୍ଠରୋଗୀମାନଙ୍କ ସେବାକୁ ସେ ସତେ ଅବା ବ୍ରତ ଭାବେ ଗ୍ରହଣ କରି ନେଇଥିଲେ । ଛାତ୍ରଥିଲାବେଳେ ତାଙ୍କ ଉଆଁସର କଡ଼େ କଡ଼େ ଝୁମ୍ପୁଡ଼ି ତିଆରି କରି କୁଷ୍ଠରୋଗୀମାନଙ୍କୁ ଦେବତା ଜ୍ଞାନରେ ସେବା କରୁଥିଲେ । ବିଶେଷ ଦିନମାନଙ୍କରେ ସେମାନଙ୍କୁ ପୂଜା ମଧ୍ୟ କରୁଥିଲେ । ଛାତ୍ରାବସ୍ଥାରେ ଦିବ୍ୟଜୀବନ ସଂଘର ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ସହ ପତ୍ର ମାଧ୍ୟମରେ ସମ୍ପର୍କ ସ୍ଥାପନ କରିଥିଲେ । ପିଲାଟି ଦିନରୁ ତାଙ୍କ ଭିତରେ ସାଧୁ ହେବାର ଭାବନା ବଳବତ୍ତର ଥିଲା । ହିମାଳୟ ଗଙ୍ଗାମା'ଙ୍କ ପ୍ରତି ଗଭୀର ଅନୁରାଗ ଥିଲା । ତପସ୍ୟା କରି ସିଦ୍ଧିଲାଭ କରିବା ପାଇଁ ମନ ବ୍ୟାକୁଳ ହେଉଥିଲା । ତାଙ୍କର ଏହି ସ୍ୱଭାବ ଦେଖି ପ୍ରିୟଜନମାନେ ତାଙ୍କୁ ସିଦ୍ଧ ବୋଲି ସମ୍ବୋଧନ କରୁଥିଲେ । ୧୯୪୩ ମସିହାରେ ସନ୍ନ୍ୟାସୀ ହେବାର ତୀବ୍ର ବୈରାଗ୍ୟ ନେଇ ଗୃହତ୍ୟାଗ କରି ହିମାଳୟ ଚାଲି ଆସିଲେ । ସ୍ୱାମୀ ଶିବାନନ୍ଦଙ୍କ ପାଦ ତଳେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରି ସନ ୧୯୪୯ ମସିହାରେ ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ସନ୍ନ୍ୟାସ ଗ୍ରହଣ କରିଥିଲେ । ସ୍ୱାମୀ ଶିବାନନ୍ଦ ତାଙ୍କୁ ସନ୍ନ୍ୟାସ ଦୀକ୍ଷାରେ ଦୀକ୍ଷିତ କରିବା ସହିତ ନାମ ରଖିଥିଲେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ । ଏହି ନାମର ଅର୍ଥ ହେଉଛି ସର୍ବୋଚ୍ଚ ଚେତନା ତଥା ପରମାନନ୍ଦ ସ୍ଥିତି । ଏହି ନାମରେ ସେ ବିଶ୍ୱବିଦିତ ହେଲେ । ସତରେ ନାମ, ଗୁଣ, ଆତ୍ମା ଓ ସ୍ଥିତିର ଯଥାର୍ଥ ପ୍ରତି ହେଉଛନ୍ତି ସ୍ୱାମୀ ଚିଦାନନ୍ଦଜୀ ମହାରାଜ । ଶିବାନନ୍ଦ ଆଶ୍ରମରେ ଯୋଗଦେବା ପରେ ପରେ ଆଶ୍ରମ ପରିଚାଳିତ ଶିବାନନ୍ଦ ଦାତବ୍ୟ ଚିକିତ୍ସାଳୟରେ ତାଙ୍କୁ ସେବା କରିବାର ସୁଯୋଗ ମିଳିଲା । ତାଙ୍କର ସେବା ଭାବ ଓ ମଧୁର ବ୍ୟବହାର ଯୋଗୁଁ ଧୀରେ ଧୀରେ ଚିକିତ୍ସାଳୟରେ ରୋଗୀମାନଙ୍କ ସଂଖ୍ୟା ଅସମ୍ଭବ ଭାବେ ବଢ଼ିବାକୁ ଲାଗିଲା । ସନ୍ନ୍ୟାସ ନେବା ପୂର୍ବରୁ ଲୋକମାନେ ସ୍ୱାମୀ ଚିଦାନନ୍ଦଙ୍କୁ ରାଓ ସ୍ୱାମିଜୀ ବୋଲି ସମ୍ବୋଧନ କରୁଥିଲେ । ଲୋକଙ୍କ ଭିତରେ ଧାରଣା ହୋଇଥିଲା ସ୍ୱାମିଜୀଙ୍କ ହାତରେ ଯାଦୁ ଅଛି । ସେ ଟିକେ ଛୁଇଁଦେଲେ ରୋଗ ଉପଶମ ହୋଇଯିବ । ସ୍ୱାମିଜୀଙ୍କ ଉପସ୍ଥିତିରେ ଆଶ୍ରମ ପରିବେଶ ଏକ ନୂତନ ସ୍ପନ୍ଦନରେ ସ୍ପନ୍ଦିତ ହେବାକୁ ଲାଗିଲା । ସତ୍‌ସଙ୍ଗ ହେଉ ଉପାସନା ସ୍ଥଳୀ ହେଉ ଅଥବା ସେବା କ୍ଷେତ୍ର ସବୁଠାରେ ତାଙ୍କ ଉପସ୍ଥିତି ଓ କର୍ମ କୁଶଳତା ଅନୁଭୂତ ହେଲା । ଅଳ୍ପଦିନ ଭିତରେ ଗୁରୁଦେବ ଶିବାନନ୍ଦ ମହାରାଜ ତାଙ୍କୁ ଦିବ୍ୟଜୀବନ ସଂଘର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଅର୍ପଣ କଲେ । ସ୍ୱାମିଜୀଙ୍କ ଦ୍ୱାରା ଦିବ୍ୟଜୀବନ ସଂଘର ଭାବଧାରା ବିଶ୍ୱର କୋଣେ କୋଣେ ବ୍ୟାପି ଯାଇଥିଲା । ଏବେ ଦିବ୍ୟ ଜୀବନ ସଂଘ ବିଶାଳ କାୟା ବିସ୍ତାର କରି ସାରା ପୃଥିବୀରେ ପରିବ୍ୟାପ୍ତ ହୋଇଛି । ସନ୍ ୧୯୬୩ ମସିହାରେ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ମହାପ୍ରୟାଣ ହେଲା । ସେବେଠାରୁ ସର୍ବ ସମ୍ମତି କ୍ରମେ ପୂଜ୍ୟ ସ୍ୱାମିଜୀଙ୍କୁ ଦିବ୍ୟଜୀବନ ସଂଘର ପରମାଧ୍ୟକ୍ଷଭାବେ ଚୟନ କରାଗଲା ।

ସ୍ୱାମୀ ଶିବାନନ୍ଦ ଥିଲେ ଅସମ୍ଭବ ଅନ୍ତର୍ଦୃଷ୍ଟି ସମ୍ପନ୍ନ ମହାପୁରୁଷ । ଥରେ କଥା ପ୍ରସଙ୍ଗରେ କହିଥିଲେ ଚିଦାନନ୍ଦଜୀ ଜଣେ ମହାନ୍ ଜୀବନ୍ମୁକ୍ତ ଯୋଗୀ । ଏହା ତାଙ୍କର ଶେଷ ଜନ୍ମ । ଏକଦା ଶିବାନନ୍ଦ ଆଶ୍ରମରେ ତାଙ୍କର ଜନ୍ମଉତ୍ସବ ପାଳନ କରି କହିଥିଲେ ଚିଦାନନ୍ଦ ଜଣେ ଜୀବନ୍ମୁକ୍ତ । ସ୍ୱାମୀ ଚିନ୍ମୟାନନ୍ଦଜୀ ମହାରାଜ ଥରେ ତାଙ୍କ ଗୀତାଜ୍ଞାନଯଜ୍ଞରେ ଶ୍ରୀମଦ୍‌ଭଗବତ ଗୀତାର ସ୍ଥିତପ୍ରଜ୍ଞ ଲକ୍ଷଣ ବିଷୟରେ ବୁଝାଉଥିଲେ । ଜଣେ ପ୍ରଫେସର ପଚାରିଲେ ଆଜ୍ଞା ! ଏହିଭଳି ଲୋକ କ'ଣ ପୃଥିବୀରେ ସମ୍ଭବ ? ଚିନ୍ମୟାନନ୍ଦଜୀ ତତ୍‌କ୍ଷଣାତ୍ କହିଲେ - ହଁ ହଁ ଏଭଳି ମହାପୁରୁଷ ଏବେ ବି ଅଛନ୍ତି । ଋଷିକେଶ ଶିବାନନ୍ଦ ଆଶ୍ରମରେ ଅବସ୍ଥାନ କରୁଛନ୍ତି ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ । ଆପଣମାନେ ତାଙ୍କୁ ଦର୍ଶନ କରିପାରିବେ । ସ୍ୱାମିଜୀ ମହାରାଜଙ୍କ ହୃଦୟବତ୍ତାର ତୁଳନା ନାହିଁ । ସର୍ବତ୍ର ସେ ଏକ ବ୍ରହ୍ମଙ୍କୁ ହିଁ ଦର୍ଶନ କରୁଥିଲେ । କୀଟପତଙ୍ଗ ତରୁ ତୃଣ ସର୍ବତ୍ର ଏକ ବ୍ରହ୍ମ ବିଦ୍ୟମାନ । ଏହା ତାଙ୍କ ଜୀବନର ଆଚରଣ ଓ ଉଚାରଣରେ ନିତ୍ୟ ପ୍ରତିଫଳିତ ହେଉଥିଲା ।

ଭାରତର ଦକ୍ଷିଣରୁ ଉଠିଥିବା ଦିବ୍ୟ ପ୍ରକାଶ ଆପଣା ଦିବ୍ୟତାରେ ସାରା ବିଶ୍ୱକୁ ଉଦ୍‌ଭାସିତ କରି ହିମାଦ୍ରୀର ହିମ ପ୍ରବାହରେ ଅସ୍ତମିତ ହୋଇଗଲେ । ଶ୍ରୀଧରର ଚଦାନନ୍ଦମୟ ଶ୍ରୀଅଙ୍ଗକୁ ମା'ଗଙ୍ଗା ଧାରଣ କରି ଧନ୍ୟ ମନେ କଲେ । ପ୍ରସମିତ ହେଲା ସ୍ୱାମୀ ଚିଦାନନ୍ଦଙ୍କର ପାର୍ଥିବ ଶରୀର ହେଲେ ଚିଦାନନ୍ଦମୟ ଚିନ୍ମୟ ସତ୍ତା ପ୍ରକାଶିତ ହୋଇ ଏବେ ବି ଅଗଣିତ ମୁମୁକ୍ଷୁ ଜିଜ୍ଞାସୁଙ୍କୁ ଦିବ୍ୟ ଜୀବନ ଲାଭ ପାଇଁ ଆହ୍ୱାନ ଦେଉଛି ଏବଂ ଦେଉଥିବ । ଏହି ମହାନ ସନ୍ଥଙ୍କ ଜୀବନଗାଥା ଅନୁଧ୍ୟାନ କରି ମନରେ ଆସୁଛି ସମହାତ୍ମା ସୁଦୁର୍ଲଭ ।

ସିଡିଏ, କଟକ
ମୋ:୮୭୬୩୧୦୭୧୨୬

# ଶିକ୍ଷଣୀୟକ୍ରମକୁ ପରିମାର୍ଜିତ କରାଯାଉ

## ପ୍ରାପ୍ତପତ୍ର

ପାଠପଢ଼ାରୁ ଯାହା ଗ୍ରହଣ କରାଯାଏ ତାହାକୁ ଶିକ୍ଷା କୁହାଯାଏ ଓ ଶିକ୍ଷାର ଉଚିତ ପ୍ରୟୋଗ ହେଲେ ତାହା ଜ୍ଞାନରେ ରୂପାନ୍ତରିତ ହୋଇଥାଏ । ତେଣୁ ଜ୍ଞାନ, ଶିକ୍ଷାର ପ୍ରଥମ ସୋପାନ ହେଉଛି ପାଠ ପଢିବା ଯାହା ପ୍ରଥମେ ପ୍ରାଥମିକ ସ୍ଥିତିରୁ ଆରମ୍ଭ ହୋଇଥାଏ । ପାଠ ପଢିବାର ବିଭିନ୍ନ କ୍ରମ ଆମକୁ କଠିନ ପରିଶ୍ରମର ମହତ୍ତ୍ୱ ଶିକ୍ଷା ଦେଇଥାଏ ଓ ସେହି ସମୟରେ ଆମକୁ ବୃଦ୍ଧି ଓ ବିକାଶରେ ସାହାଯ୍ୟ କରେ । ତେଣୁ, ଅଧିକାର, ନିୟମ, ଏବଂ ନିୟମାବଳୀକୁ ଜାଣିବା ଏବଂ ସମ୍ମାନ ଦେଇ ବଞ୍ଚିବା ପାଇଁ ଆମେ ଏକ ଉନ୍ନତ ସମାଜ ଗଠନ କରିବାରେ ସକ୍ଷମ ହେବା ପାଇଁ ଦରକାର ପାଠ ପଢିବା । ପ୍ରାଥମିକ ଶିକ୍ଷା ଅର୍ଥ ହେଉଛି ଚତୁର୍ଦ୍ଦଶ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଶିକ୍ଷା । ଏହା ହେଉଛି ମଣିଷର ମୌଳିକ ଆବଶ୍ୟକତା ଏବଂ ଆଧୁନିକ ସମାଜ ତଥା ଗଣତାନ୍ତ୍ରିକ ସରକାରର ମୂଳଦୁଆ । ବିଜ୍ଞାନ ଏବଂ ବାଣିଜ୍ୟର ଆଧୁନିକ ଦୁନିଆ ଦାବି କରେ ଯେ ପ୍ରତ୍ୟେକ ନାଗରିକ ଚତୁର୍ଦ୍ଦିଗରେ କ'ଣ ଘଟୁଛି ସେଥିରେ ଏକ ବୁଦ୍ଧିମାନ ଏବଂ ସୂଚନାପ୍ରାପ୍ତ ଆଗ୍ରହ ନେବା ଉଚିତ୍ ଯାହା ପାଠ ପଢାରୁ ସୃଷ୍ଟି ହୋଇଥାଏ । ଶିଶୁମାନେ ପ୍ରାୟତଃ ଶିଖିବା ମାତ୍ରେ ଭୁଲିଯାନ୍ତି । ତେଣୁ ଉକ୍ତ ପାଠର ଶିକ୍ଷଣୀୟ କ୍ରମକୁ ପରୀକ୍ଷା ଦ୍ୱାରା ପରିମାର୍ଜିତ କରି ଜ୍ଞାନର ମାନଦଣ୍ଡରେ ପ୍ରମାଣପତ୍ର ପ୍ରଦାନ କରାଯାଇଥାଏ । ଯିଏ ଯେତେ ଭଲ ଭାବରେ ପାଠ ପଢିଥାଏ ସେ ସେତେ ପରିମାଣରେ ଜ୍ଞାନର ମୂଲ୍ୟାଙ୍କନର ପ୍ରମାଣପତ୍ର ହାସଲ କରିଥାଏ, ଯାହା ଭବିଷ୍ୟତରେ ଉତ୍ତରୋତ୍ତର ବୃଦ୍ଧି ହୋଇ ଜ୍ଞାନର ଉତ୍କର୍ଷରେ ପଦାର୍ପଣ କରିଥାଏ । ପ୍ରାଥମିକ ଶିକ୍ଷାରେ ପଢିବା, ଲେଖିବା ଓ ଗାଣିତିକ ଜ୍ଞାନକୁ ଗୁରୁତ୍ୱ ଦେବା ଉଚିତ । ସାମାଜିକ ଭାବରେ ପ୍ରଭାବଶାଳୀ ହେବା ପାଇଁ, ଜଣେ ବ୍ୟକ୍ତି ପଢିବା, ଲେଖିବା, ଜାଣିବା ଆବଶ୍ୟକ ଓ ତାହା କେବଳ ପାଠ ପଢିଥିଲେ ସହଜରେ ଉପଲବ୍ଧ ହୋଇପାରେ ଯାହାକୁ ଆମେ ଶିକ୍ଷିତ ବା ଜ୍ଞାନୀ ବୋଲି ସମ୍ମାନ କରୁ । ଆମ ଦେଶରେ ପ୍ରାଥମିକ ଶିକ୍ଷା ପ୍ରତି ବର୍ତ୍ତମାନର ମନୋଭାବ ଏବଂ ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବା ଆବଶ୍ୟକ । ପ୍ରାଥମିକ ଶିକ୍ଷାକୁ ଏକ ମୌଳିକ ଅଧିକାର କରିବା ପାଇଁ ନିକଟରେ ଆଇନ ପ୍ରଣୟନ କରାଯାଇଛି । ପାଞ୍ଚରୁ ଚଉଦ ବର୍ଷ ବୟସର ସମସ୍ତ ବାଳକ ଓ ବାଳିକାଙ୍କୁ ସାକ୍ଷର ତଥା ଶିକ୍ଷିତ କରିବାର ସମସ୍ୟା ତଥା ଆର୍ଥିକ ସମସ୍ୟାକୁ ଦୂର କରିବା ନିତାନ୍ତ ଜରୁରୀ ।

ପ୍ରତାପ ଚନ୍ଦ୍ର ନାୟକ, କଟକ

# ଖରାଦିନେ ଜଳଦାନ

ଧ୍ରୁବ ଚରଣ ଘିବେଲା

ଶୀତ କେବେଠୁ ଯାଇଛି । ସମୟ ଚକର ଘୂର୍ଣ୍ଣନରେ ବଦଳୁଛି ବଦଳିଯାଉଛି ଦିନ ଦଣ୍ଡ ମାସ ବର୍ଷ ଓ ବର୍ଷର ବିଭିନ୍ନ ଋତୁ । ବସନ୍ତର ପଳାଶରେ ଆଉ ନାହିଁ ସରସତା କି ସତେଜତା । ନିଦାଘ ଗ୍ରୀଷ୍ମର ଡହଡହ ଖରାରେ ଝଟକି ଦିକଦିକ ହସୁଛି ଆଜି କୃଷ୍ଣଚୂଡ଼ା ପଥପାର୍ଶ୍ୱରେ ପୁଣି ନାଲିଆ ରଙ୍ଗର ଅପୂର୍ବ ଆକର୍ଷଣ ବାଢ଼ି । ପାରଦ ଚାଳିଶି ପାର ହୋଇଛି ଅନେକ ସ୍ଥାନରେ । ସୂର୍ଯ୍ୟଙ୍କ ମେଷ ରାଶିରେ ପ୍ରବେଶ ଘଟିଛି ଓ ପ୍ରଚଣ୍ଡ ରୌଦ୍ରତାପରୁ କିଛିଟା ରିହାତି ପାଇବା ପାଇଁ ସୂର୍ଯ୍ୟଙ୍କୁ ପଣଓଲାଗି କରାଯାଇଛି । ବୈଶାଖରେ ଜଳଦାନର ବୈଶିଷ୍ଟ୍ୟ ରହିଥାଏ ବୋଲି ତୁଳସୀ ଚଉରା ଉପରେ ଜଳପୂର୍ଣ୍ଣ ଛିଦ୍ରଯୁକ୍ତ ଠେକି ବନ୍ଧାଯାଇ ତୁଳସୀ ଗଛରେ ଜଳ ସିଞ୍ଚନ କରାଯାଇଥାଏ । ଗ୍ରୀଷ୍ମ ପ୍ରଭାବରେ ଛୋଟ ଛୋଟ ଗଛ ମରିଯିବାର ସମ୍ଭାବନା ରହିଥିବାରୁ ଜଳ ସିଞ୍ଚନର ଆବଶ୍ୟକତା ବି ରହିଥାଏ ।

ଯେଉଁ ଗଛ ପାଇଁ ବର୍ଷା ହୋଇଥାଏ, ସେଇ ଗଛର ସୁରକ୍ଷା ପାଇଁ ଗ୍ରୀଷ୍ମ ଦିନରେ ଗଛକୁ ଜଳ ଦେବାକୁ ହୁଏ । ଛିଦ୍ରଯୁକ୍ତ ଠେକି ସାହାଯ୍ୟରେ ଗଛକୁ ଜଳଦାନ କରାଯିବା ଏକ ସୁନ୍ଦର ବ୍ୟବସ୍ଥା । ବିଶେଷ କରି ତୁଳସୀ ଗଛ ପାଇଁ ସେଇ ବ୍ୟବସ୍ଥାକୁ ଆପଣେଇଥାନ୍ତି ଅନେକ ଓ ତୁଳସୀ ଛୋଟ ଗଛଟେ ହେଲେ ବି ପ୍ରଚୁର ଅମ୍ଳଜାନ ଦେଇଥାଏ । ତୁଳସୀର ଔଷଧୀୟ ଗୁଣ ବି ଥାଏ ଓ ଥଣ୍ଡା କାଶ ପାଇଁ ତୁଳସୀ ପତ୍ରରସ ପାନ କରାଯାଇଥାଏ । ତୁଳସୀ ଚଉରା ମୂଳେ ସନ୍ଧ୍ୟା ଦୀପ ଦାନ କରାଯିବା ବ୍ୟବସ୍ଥା ବି ରହିଛି ଆମ ମହାନ ସାଂସ୍କୃତିକ ପ୍ରଥା ପରମ୍ପରା ଆଧାରରେ । ଗଛଚାରା ଲଗାଇଲା ପରେ ପରେ ଚାରା ମୂଳରେ ପାଣି ଢାଳି ଦେବାକୁ ହୋଇଥାଏ । ପାଣି ଦେଲେ ଚାରା ଜାଗେ ଓ ଗଛଚାରା ଲଗାଇବା ଯେମିତି ଗୁରୁତ୍ୱପୂର୍ଣ୍ଣ, ତତୋଧିକ ମହତ୍ତ୍ୱପୂର୍ଣ୍ଣ ଥାଏ ଗଛଚାରାକୁ ଜଗାଇବା । ଚାରା ଜାଗିଲେ ବଞ୍ଚେ ଓ ଚାରାକୁ ଜଗାଇବା ପାଇଁ ନିୟମିତ ପାଣି ଦେବାକୁ ହୁଏ । ବେଶ ଦେଖାରଖା କରିବାକୁ ହୁଏ । ଠିକ ନଜର ବି ରଖିବାକୁ ହୁଏ । ଯେଉଁ ଗଛକୁ ଦିନେ ଜଗାଇବା ପାଇଁ ପାଣି ଦେବାକୁ ପଡ଼େ, ସେଇ ଗଛ ଜାଗି ବଢ଼ିଗଲା ପରେ ସେ ବର୍ଷା କରାଏ । ପାହାଡ଼ ଜଙ୍ଗଲ ଯୋଗୁଁ ବର୍ଷା ହୁଏ । ଗଛ ରହିଲେ ସିନା ଜଙ୍ଗଲ ରହିବ । କ୍ଷୟିଷ୍ଣୁ ଜଙ୍ଗଲରେ ଗଛ ସଂଖ୍ୟା ବଢ଼ାଇବା ପାଇଁ ଗଛଚାରା ଲଗାଇବାକୁ ହୁଏ । ଗଛ ଜାଗିଲେ ଜଙ୍ଗଲ ଜାଗେ ଓ ଏବଂ ବଢ଼େ ।

ଗଛଚାରାକୁ ଯେମିତି ପାଣିର ଆବଶ୍ୟକତା ଥାଏ, ସେମିତି ପ୍ରାଣୀମାନଙ୍କ ପାଇଁ ପାଣିର ଚାହିଦା ରହିଥାଏ । ବିନା ପାଣିରେ କେହି ତିଷ୍ଠିବା ସମ୍ଭବ ନୁହେଁ ଓ ବର୍ଷାଦିନେ ତ ଜଳାଭାବ ନ ଥାଏ । କିଏ କିଏ ଘରଛାତ ଉପରେ କିମ୍ବା ଘର ସାମ୍ନାରେ ପାତ୍ରରେ ଜଳ ଭର୍ତ୍ତି କରି ରଖି ଦେଇଥାନ୍ତି । ପକ୍ଷୀ ସେଠୁ ପାଣି ପିଇପାରନ୍ତି ଚଞ୍ଚୁରେ ଓ କୁକୁର ଗାଈ ଜିଭରେ ଚାଟି ପାଣି ନିଅନ୍ତି । ବାଟୋଇଙ୍କ ପାଇଁ ତ ଜଳଛତ୍ର ଖୋଲାଯାଇଥାଏ କେଉଁଠି କେଉଁଠି ଓ କିଛି ମାଠିଆରେ ଥଣ୍ଡାପାଣି ଭର୍ତ୍ତି କରି ରଖାଯାଇଥାଏ । ତା' ସହ ଥାଏ କେତୋଟି ଗ୍ଲାସ । କେଉଁଠି ପାଣି ଦେବା ପାଇଁ ଲୋକ ନିୟୋଜିତ ଥାଆନ୍ତି ଓ କେଉଁଠି ଯେ କେହି ନ ଥାନ୍ତି ଓ ସେଇଠି ନିଜେ ଗ୍ଲାସରେ ପାଣି ମାଠିଆରୁ କାଢ଼ି ଆଣି ପିଇବାରେ ଅସୁବିଧା ନଥାଏ । ଖରାଦିନେ ଜଳଦାନ ମହାପୁଣ୍ୟ । ଜଳଦାନ ଶ୍ରେଷ୍ଠ ଦାନ । ତେବେ ଗଛ ହେଉ କି ପ୍ରାଣୀ ସମସ୍ତଙ୍କ ପାଇଁ ପାଣି ଥାଏ ଅତି ଦରକାରୀ ଓ ତେଣୁ କରି ତ କୁହାଯାଏ 'ଜଳ ହିଁ ଜୀବନ' ଓ ପ୍ରାଣ ପରାଣ । ଅବଶ୍ୟ କିଏ ବେଶି ଲୋଡ଼ନ୍ତି ପାଣି, କିଏ ଯେ କମ ବ୍ୟବହାର କରନ୍ତି । ପାଣି ନ ପିଇ ଅନେକ ଦିନ ମରୁତରୀ ଓଟ ରହିପାରେ । ମରୁ ଉଦ୍ଭିଦ ସେମିତି କମ ପାଣିରେ ବଢ଼ିଥାନ୍ତି । ଜଳଦ ଜଳଦାନ କରି ନାମକରଣର ସାର୍ଥକତା ପ୍ରତିପାଦନ କରିଥାନ୍ତି । ବାରିଦ ବାରି ଦିଏ । ଜଳଦାତା ଜଳଛତ୍ର ଖୋଲିଥାନ୍ତି ଖରାଦିନେ । କେଉଁଠି ପୁଣି ଜଳାଭାବ ଦୂରୀକରଣ ପାଇଁ ସ୍ଥାନୀୟ ପ୍ରଶାସନ ତରଫରୁ ଜଳଛତ୍ର ଖୋଲାଯାଇଥାଏ ଓ କେଉଁଠି ଅନ୍ନଛତ୍ରରେ ବି ଜଳଦାନର ବ୍ୟବସ୍ଥା ଥାଏ । ସାଧାରଣତଃ ଗ୍ରୀଷ୍ମ କଷଣ କଟେ ବର୍ଷାର ଆଗମନ ଘଟିଲେ । ବର୍ଷା ଜଳରେ ଖରାଦିନର ଶୁଷ୍କତା ହଟେ । ବର୍ଷା ପାଣି ଆଣି ଦେଇଥାଏ ଗ୍ରୀଷ୍ମ ଉତ୍ତପ୍ତ ଜୀବନରେ ଅନେକ ଶାନ୍ତି ଆଉ ଖୁସି ଓ ବର୍ଷା ଯୋଗୁଁ ଶୁଷ୍କ ଜୀବନ ଧରା ପୁଣି ହୋଇଉଠେ ହସିଲା ପୂରିଲା । ସତରେ ଜଳ ବିନା ନା ତିଷ୍ଠିବେ ଉଦ୍ଭିଦ ନା ବଞ୍ଚିବେ ପ୍ରାଣୀ ।

ବଉଦରାଜ, ଜି. ବୌଦ୍ଧ
ମୋ. ୯୪୩୭୪୭୮୪୬୬






୨୫.୪.୨୦୨୬

## ଆମ ପରିବେଶ ଆମ ହାତରେ

**ମନୋରମା ମିଶ୍ର**



ପରିବେଶ ଆମ ସଫା ରହିଥିଲେ
ରୋଗବ୍ୟାଧି ଯିବ ଦୂରେ କାହିଁ,
ଆମହାତେ ପରା ସୁରକ୍ଷା ଆମର
ଏକଥାଟି ଭୁଲିଯିବାନାହିଁ।
ଦେହମୁଣ୍ଡ ନଖ ପୋଷାକପତର
ଖାତାବହି ସଫା ରଖୁଥିବା,
ଘରଦ୍ୱାର ସାଥେ ବିଛଣାତକିଆ
ସଫା ରଖିବାରେ ମନଦେବା।
ଗାଧୋଇବା ଅବା ପିଇବାପାଇଁକି
ଲୋଡା ହେଉଥାଏ ଯେଉଁ ପାଣି,
ସେ'ପାଣିରେ କେହି ଅଳିଆଅସନା
ପକାଇବାନାହିଁ ଜାଣିଜାଣି।
ଗଛଲତା ଭାରି ଉପକାରୀ ଆମ
ଗଛବିନା ବଂଚିପାରିବାନି,
ନୂଆନୂଆ ଗଛ ପୋତି ବଢାଇବା
ପୁରୁଣାକୁ ନଷ୍ଟ କରିବାନି।
ସବୁଜସୁନ୍ଦର ଦିଶୁଥିଲେ ଧରା
ପ୍ରକୃତି ହୋଇବ ଖୁସି ଭାରି,
ଋତୁମାନେ ସବୁ ଧରାକୁ ଆସିବେ
ନିୟମଶୃଙ୍ଖଳା ରକ୍ଷାକରି।
ଦେହମନ ଆମ ସଫାରଖି ସଦା
ସଫାରଖୁଥିବା ପରିବେଶ,
ସଫାକୁ ନଜର ଦେଲେଟି ସଭିଏଁ
ସଫା ରହିଥିବ ସାରାଦେଶ।

ନୀଳାଦ୍ରିବିହାର, ଭୁବନେଶ୍ୱର
ମୋ-୯୮୬୧୫୬୮୫୩

## ଜନ ଗଣନା

**କୈଳାସ ଚନ୍ଦ୍ର ସାହୁ**




ଆମ ଦେଶେ ଦଶ ବରଷେ
ହୁଏ ଜନ ଗଣନା
ଜନ ସଂଖ୍ୟା କେତେ ଦେଶର
ସିନା ପଡଇ ଜଣା॥
ପୁଅ କେତେ ଝିଅ କେତେ ବା
ପରିବାରର ଲୋକ
କିଏ କେତେ ପାଠ ପଢିଛି
କିଏ ଅଟେ ମୂରୁଖା॥
କେଉଁ ଭାଷା କିଏ କହଇ
କାର ଧରମ କ'ଣ
କିଏ କେଉଁ ବୃତ୍ତି କରିଣ
ପେଟ ପୋଷଇ ଜାଣ॥
କୋଠାବାଡ଼ି କା'ର ଅଛି ନା
କିଏ ଛପରେ ଥାଇ
କେତେ ଧନୀ କେତେ ଗରିବ
ଅଛନ୍ତି ଦେଶରେ ରହି
ଗାଡିଘୋଡା କାର ଅଛିଟି
କାର ନାହିଁଟି ଚାଳ
ଚାକିରିଆ କିଏ ଚାଷୀବା
କିଏ ଲାଗଇ ମୂଲା॥
ଅଧିକାରୀ ଜନଗଣନା
ସବୁ ହିସାବ ନେବେ
କିଛି ନ ଲୁଚାଇ କହିବ
ଠିକେ ତଥ୍ୟ ସର୍ବେ॥
ବାଟବଣା ହେବ ନାହିଁଟି
ସରକାରୀ ଯୋଜନା
ଦେଶ ବିକାଶରେ ସହାୟ
ହେବ ସିନା ଗଣନା॥

ସା/ ପୋ -ବୈରୀ ଠେଙ୍ଗଡ, ଜି-
ଯାଜପୁର, ପିନ୍ - ୭୫୪୦୨୪

## ଝିଟିପିଟି ମୋର ନାମ

**ଡ଼ଃ ଧୀରେନ୍ଦ୍ର କୁମାର ମଲ୍ଲିକ**

ମାଟିଆ ରଙ୍ଗର ଦେହଟି ମୋହର
ନାଆଁ ମୋର ଝିଟିପିଟି,
ଆନନ୍ଦ ମନରେ ସବୁ ଘରେ ଥାଏ
କୋଠା ହେଉ ଅବା ମାଟି।
ପୋକ ମାଛି ଖାଇ ଲୁଚିକରି ରୁହେ
କ୍ଷତି କରେ ନାହିଁ କାର,
ସଭିଙ୍କୁ ଭାବେ ମୋ ଆପଣାର ଲୋକ
ଭାବେନି କାହାକୁ ପର।
ସତକଥା ଯେଉଁ ଲୋକ କହୁଥାଏ
ଶୁଣି ଖୁସିହୁଏ ଭାରି,
ସେହିକ୍ଷଣି ତାକୁ ଧନ୍ୟବାଦ ଦିଏ
କରେନାହିଁ ଯମା ଡେରି।
କୁନିକୁନି ପିଲା କୁହନ୍ତି କୁମ୍ଭୀର
ପରିକା ଦିଶେ ମୁଁ ବୋଲି,
ରୂପ ଚାଲି ତାର ସାଙ୍ଗେ ମିଶିଯାଏ
ଦେହ ଟିକେ ସାନ ଖାଲି।
ହେଲେ ଦୁଃଖ ଲାଗେ ଜ୍ଞାନୀ ଗୁଣୀ ଲୋକ
ଅଶୁଭ କୁହନ୍ତି ମୋତେ,
ଅଜାଣତେ ଖସି ପଡ଼ିଲେ କା' ପରେ
ଗାଳି ଦେଇଥାନ୍ତି କେତେ।
ସଭିଙ୍କୁ କହୁଛି ଅଶୁଭ ନୁହେଁ ମୁଁ
କରନାହିଁ ମୋତେ ଘୃଣା,
ମଙ୍ଗଳ କରିବି କେବେ କେଉଁଥିରେ
ହେବନାହିଁ ତୁମ ଊଣା।

ସମ୍ପାଦକ: ଝୁମୁରୀ ପାରା ଶିଶୁ ସାହିତ୍ୟ
ସଂସଦ ଓ ଆଦର୍ଶ ପାଠାଗାର
ଫୋନ-୭୯୦୪୩୯୨୬୮୬

## କଣ ସାଙ୍ଗ ! ଏଥର ଖୁସି ତ ?

**ଶରତ କୁମାରୀ ସ୍ୱାଇଁ**

ରବିବାର ଛୁଟିଦିନ। ସକାଳୁ ସକାଳୁ ମାମୁନି ପ୍ରଜାପତି ପଛରେ ଧାଉଁଥାଏ। କୁନି କୁନି ଡେଣା ହଲାଇ ଛିଟା ପ୍ରଜାପତିଟି ଫୁଲରୁ ଫୁଲକୁ ଉଡି ଯାଉଥାଏ। ତା ପଛରେ ଧାଇଁ ଧାଇଁ ମାମୁନି ତାଙ୍କ ବଗିଚାର କ'ଣ ମୁଣ୍ଡରେ ପହଞ୍ଚି ଗଲା। ଆଗରେ ବଗିଚା ଘର। କାହାର ଟୁପୁ ଟୁପୁ କଥା ତାକୁ ଶୁଣାଗଲା। ସିଏ ଚାରିଆଡକୁ ଚାହିଁ ଚାହିଁ ଚୁପ୍ ଚୁପ୍ ଆଗକୁ ଚାଲିଲା। ଶୁଣିଲା - ଟଣ୍ ଟଣ୍ କରି ଫୁଟା ବାଲ୍ଟିଟା କହୁଛି -' ମୋର ମନ ଭାରି ଦୁଃଖ '। ପାଖରେ ଥିବା ପାଣି ଟ୍ୟାପ ଟି ପଚାରିଲା -' କାହିଁକି ? କଣ ହେଲା ତୋର ? ?'

ବାଲ୍ଟି କହିଲା-' ଭଲ ଥିଲାବେଳେ ମୋତେ ସମସ୍ତେ ଆଦର କରୁଥିଲେ। ମୋ ଭିତରେ ପାଣି ଭରି ଗଛ ମୂଳରେ ଢାଳୁଥିଲେ। ଗଛଲତା ବଢ଼ି ଫୁଲଫଳରେ ଭର୍ତ୍ତି ହୋଇଗଲେ,-ସମସ୍ତେ ଖୁସି ହେଉଥିଲେ। ସମସ୍ତଙ୍କ ଖୁସି ଦେଖି ମୁଁ ବି ଖୁସି ଥିଲି।'

ବାଲ୍ଟିର କଥା ନ ସରୁଣୁ ପାଣି ଟ୍ୟାପ କହିଲା-' ଏଇଟା ତ ବହୁତ ଭଲ କଥା। ଏଥିରେ ତୋର ମନ ଦୁଃଖ ହେଲା କାହିଁକି ?'

ବାଲଟି କହିଲା-' ବୁଝିଲୁ ସାଙ୍ଗ ! ମୋ ଦେହରେ ଠାଏ ଠାଏ ଫୁଟି କଣା ହୋଇ ଗଲାଣି। ପାଣି ରହୁନାହିଁ। ବୋହିଯାଉଛି। ସେଥିପାଇଁ ମାଲିକ କହୁଛନ୍ତି - ମୋତେ କବାଡ଼ି ବାଲାକୁ ବିକି ଦେବେ।'

ମୁହଁ ଶୁଖାଇ ପାଣି ଟ୍ୟାପ କହିଲା-' ହଁ ରେ ସାଙ୍ଗ ! କଣା,ଫୁଟା, ଭଙ୍ଗା ହେଲେ- କେହି କଣ ଆଉ ପଚାରିବ ନା- ଆଦର କରିବା, ? ଅଦରକାରୀ ଜିନିଷକୁ କିଏ କାହିଁକି ସାଇତି ରଖିବ କହିଲୁ ?'

ବାଲଟି ଓ ପାଣି ଟ୍ୟାପ୍ ର ସବୁକଥା ଶୁଣିସାରି ମାମୁନି ଘରକୁ ଫେରି ଗଲା। ଦିନ ସାରା ତାର ଖାଲି ବାଲଟି କଥା ମନେ ପଡୁଥାଏ। ରାତିରେ ଶୋଇ ଶୋଇ ଭବିଲା- ବଡ଼ କାବା କଥା ! ବାଲ୍ଟି ଆଉ ପାଣି ଟ୍ୟାପ୍‌ର ତ ଜୀବନ ନାହିଁ। ଏମାନଙ୍କୁ କଷ୍ଟ ହେଉଛି କିପର ? ପୁଣି ମନଦୁଃଖ କରୁଛନ୍ତି ?'



ମନେ ପଡିଲା ତାର। ପଣ୍ଡିଚେରୀ ଶ୍ରୀ ଅରବିନ୍ଦ ଆଶ୍ରମରେ ରହୁଥିବା ତାର ବଡ଼ ମାମୁଁ ଥରେ କହୁଥିଲେ-'ଜଡ ପଦାର୍ଥର ସିନା ଜୀବନ ନାହିଁ - ହେଲେ ସେମାନଙ୍କର ସଚେତନତା ରହିଛି।'

ମାମୁନି ଭାବିଲା- ହେଇଥିବ। ହେଲେ ଫୁଟା ବାଲ୍ଟି ଟି ପାଇଁ ତାକୁ କିଛି ଗୋଟାଏ କରିବାକୁ ପଡିବ।

ସ୍ଥିରକଲା - ସେଥିରେ ମାଟି ଖତ ପୁରାଇ ଫୁଲ ଗଛ ଲଗାଇଦେବ। ତା ପରଦିନ ମାମୁନି ସେଇଆ କଲା। ମାଟି,ଖତ ଓ କିଛି ପରିବା ଚୋପା ବାଲ୍ଟିରେ ରଖିଦେଲା। ଭାବି ହେଉଥାଏ। କି ଗଛ ଲଗେଇବ ?

ଦିନେ ଦେଖିଲା- ପଡ଼ିଶା ଘର ବୀରେନ୍ଦ୍ର ମଉସା ତାଙ୍କ ମଲ୍ଲୀ ବୁଦାରୁ କିଛି ଡାଳ କାଟି ଫିଙ୍ଗିବାକୁ ନେଉଛନ୍ତି। ମାମୁନି ଜାଣିଥିଲା - ମଲ୍ଲୀ ଡାଳରୁ ଗଛ ହୁଏ ବୋଲି।ସେ ମଉସାଙ୍କ ଠାରୁ ତିନି ଚାରିଟି ମୋଟା ଗଣ୍ଠିଥିବା ଡାଳ ଆଣି ବାଲଟିରେ ପୋତିଦେଲା। ନିୟମିତ ସେଥିରେ ପାଣି ଦିଏ। ଶୁଖିଲା ପତ୍ର ଓ ଘାସ ସଫା କରି ଗଛର ଯତ୍ନ ନିଏ।

ତିନି ଚାରିମାସ ଗଲା। ଗଛ ବଢ଼ି । ସେଥିରେ ନେନ୍ଥି ନେନ୍ଥି ହୋଇ କଢ ଭର୍ତ୍ତି ହୋଇଗଲା। ମାମୁନିର ଖୁସି କହିଲେ ନସରେ। ମଲ୍ଲୀଫୁଲ ଫୁଟିବା ଆରମ୍ଭ ହେଲା। ମଲ୍ଲୀର ମହକ ଖେଳେଇ ହୋଇଗଲା ଚାରିଆଡ଼େ। ବାସନା ଶୁଙ୍ଘି ଶୁଙ୍ଘି ଦିନେ ବାପା ତାର ବଗିଚା କଣ ମୁଣ୍ଡରେ ପହଞ୍ଚି ଗଲେ। ସଜ ଫୁଟା ମଲ୍ଲୀ ଫୁଲ ଗୁଡ଼ିକ ଦେଖି ଭାରି ଖୁସି ହେଲେ। ତାପରଦିନ ବାଲ୍ଟିଟିର ବାହାର ପଟକୁ ପରିଷ୍କାର କରି ସେଥିରେ ହାଲକା ନୀଳ ରଙ୍ଗ ବୋଳି ଦେଲେ। ଭାରି ସୁନ୍ଦର ଦିଶୁଥାଏ ଫୁଲ ଭର୍ତ୍ତି ବାଲ୍ଟିଟି। ଅତି ଖୁସିରେ ବାଲଟିଟିକୁ ବଗିଚାରୁ ଆଣି ଚଉରା ପିଣ୍ଡାରେ ଥୋଇଦେଲେ। ମହମହ ବାସୁଥାଏ ଦାଣ୍ଡଦୁଆର। ବାସ୍ନା ବାରି ଜେଜେ, ଜେଜେମା, ଆଉ ମାମୁନି ଧାଇଁ ଆସିଲେ ଦାଣ୍ଡକୁ। ଅତି ଆନନ୍ଦରେ ମାମୁନିର ମୁଣ୍ଡ ସାଉଁଳେଇ ବାପା କହିଲେ -' ବାଃ ମୋ ସୁନା ଝିଅର କେତେ ବୁଦ୍ଧି ! ବାଲ୍ଟି ପାଖକୁ ଧାଇଁ ଗଲା ମାମୁନି। ଦୁଇ ଚାରିଥର ଆଉଁସି ଦେଇ, ମାମୁନି ଗେହ୍ଲେଇ ଗେହ୍ଲେଇ ପଚାରିଲା -' କଣ ସାଙ୍ଗ ! ଏଥର ଖୁସି ତ ? ?'

୫୫୪/୧୯୬୫, ଶ୍ରୀବିହାର
ପୋଷ୍ଟ - ପଟିଆ, ଭୁବନେଶ୍ୱର-୩୧
ଫୋନ୍ -୯୯୩୭୫୯୨୭୩୯

## ବୃଦ୍ଧାଙ୍କୁ ସମ୍ମାନ ଦେଲେ ରାଜା

**କନ୍ଦର୍ପ ବେହେରା**

ଥରେ ରାଜା ଦିବ୍ୟଶଙ୍କର ଜେଣ ବିଦ୍ୱାନ ସହିତ ଜଙ୍ଗଲେର ବୁଲୁଥିଲେ ଆଉ ଜ୍ଞାନ ଚର୍ଚ୍ଚା କରୁଥିଲେ । ଏମିତି ଜ୍ଞାନ ଚର୍ଚ୍ଚା କରୁକରୁ ଜଙ୍ଗଲରେ ବହୁତ ଦୂର ପର୍ଯ୍ୟନ୍ତ ଚାଲିଗେଲ । ଯେଉଁ ରାସ୍ତାରେ ଜ୍ଞାନ ଚର୍ଚ୍ଚା କରିକରି ଯାଉଥିଲେ ସେଇ ରାସ୍ତାକୁ ସେମାନେ ସଂପୂର୍ଣ୍ଣ ଭୁଲିଗେଲ । ଘଂଚ ଅରଣ୍ୟ । ଏହି ଅରଣ୍ୟ ମଧ୍ୟରେ ଜଣେ ବୃଦ୍ଧା ନିଜ ଗୋରୁ ମାନଙ୍କ ପାଇଁ ଘାସ କାଟୁଥିଲେ । ବୃଦ୍ଧା ପାଖକୁ ରାଜା ଦିବ୍ୟଶଙ୍କର ଚାଲିଗେଲ । ଆଉ ବୃଦ୍ଧାଙ୍କୁ ପଚାରିଲେ ମା -ଏ ରାସ୍ତା କେଉଁଆଡେ ଯାଇଛି । ଆମେ ଏହି ଜଙ୍ଗଲରେ ବାଟବଣା ହୋଇଯାଇଛୁ ମା । ବୃଦ୍ଧା ଜଣଙ୍କ କହିଲେ -ପୁଅ ଏ ଜଙ୍ଗଲ ରାସ୍ତା ବହୁତ ଦୂର ପର୍ଯ୍ୟନ୍ତ ଲମ୍ବିଛି। ଜଙ୍ଗଲରେ ଏମିତି ଗୁଡାଏ ରାସ୍ତା ରହିଛି । ଆଚ୍ଛା ପୁଅ , କହିଲୁ ତୁମେମାନେ କେଉଁଠାକୁ ଯାଉଛ । ରାଜା ଦିବ୍ୟଶଙ୍କର କହିଲେ – ଅମେ ରାସ୍ତା ଭୂଲି ଯାଇଛୁ । ଆସିଥିବା ଗନ୍ତବ୍ୟ ସ୍ଥଳକୁ ଫେରିଯିବାକୁ ଚାହୁଁଛୁ । ଆଉ ଆଗକୁ ଯାଇ ସମୟ ନଷ୍ଟ କରିବାକୁ ଚାହୁନୁ ମା । ଆମକୁ ଆପଣ ରାସ୍ତା ବତାଇ ଦିଅନ୍ତୁ। ଆଉ ଆଗକୁ ଯିବାକୁ ଚାହୁଁନୁ। ବୃଦ୍ଧା କହିଲେ- ତୁ କିଏ ରେ ବାବୁ ?
ରାଜା କହିଲେ –ମୁଁ ରାଜା ଦିବ୍ୟଶଙ୍କର । ଏ ରାଜ୍ୟର ରାଜା । ମୁଁ ଏଇ ରାଜ୍ୟରେ ଶାସନ କରେ । ବୃଦ୍ଧା କହିଲେ – ତୁ ମିଛ କହୁଛୁ ପୁଅ । ତୁ ଜମାରୁ ରାଜା ନୋହୁଁ । ରାଜା କେବଳ ଦୁଇଟି ଶବ୍ଦ ଅଟେ । ଜଣେ ଆତ୍ମା ଓ ଆଉ ଜଣେ ପରମାତ୍ମା । ପରମାତ୍ମା ରାଜା ଏପରି ହେବା କଥା ଯିଏ କି ନିଜ ରାଜ୍ୟ ସାରା ସଂସାରରେ ଦେଖାଇ ପାରୁଥିବ । ଆତ୍ମା ରାଜା ଏପରି



ହେବା କଥା ଯିଏ କି ଶରୀର ନିୟନ୍ତ୍ରଣ ଭିତରେ ରଖିପାରୁଥିବ । ବୃଦ୍ଧା ଠାରୁ ଏପରି କଥା ଶୁଣି ରାଜା ଧିର ଗଳାରେ ବିଦ୍ୱାନକୁ କହିଲେ – ଏହି ବୃଦ୍ଧା ଜଣଙ୍କ ନିଶ୍ଚୟ ଶିକ୍ଷିତ ହୋଇଥିବେ ଆଉ ଜ୍ଞାନୀ ପରି ଦିଶୁଛନ୍ତି । ରାଜା ଓ ବିଦ୍ୱାନ ଦି ଜଣ ବୃଦ୍ଧାଙ୍କୁ ହାତ ଯୋଡି କହିଲେ- ମା' ବାସ୍ତବରେ ମୁଁ ସାଧାରଣ ଲୋକଟିଏ । ଆମେ ଦିଜଣ ନିଜେନିଜେ ରାଜା ଓ ବିଦ୍ୱାନ ହୋଇଯାଇଛୁ ମା' । ଟିକିଏ ଭ୍ରମ ଯୋଗୁଁ ଆପଣଙ୍କୁ ସମ୍ମାନ ଦେଇ ପାରି ନଥିଲୁ ମା' । ଆପଣ କ୍ଷମା କରି ଦିଅନ୍ତୁ। ପ୍ରଥମେ ଆପଣଙ୍କୁ ଆମେ ଦି ଜଣ ସମ୍ମାନର ସହ ପ୍ରଣାମ କରିବାର ଆବଶ୍ୟକତା ଥିଲା। କିନ୍ତୁ ତାହା ପାଳନ କରି ନଥିଲୁ। ବୃଦ୍ଧା କହିଲେ - ପୁଅ ନିଜ ମନ ଭିତରେ ଥିବା ଗର୍ବ ଅହଂକାର ସବୁ ପରିତ୍ୟାଗ କରିବାକୁ ପଡିବ। ଶିଷ୍ଟାଚାର ମଣିଷକୁ ପରିଚୟ ସୃଷ୍ଟି କରିଥାଏ । ଠିକ୍ ଅଛି । ବୃଦ୍ଧା କହିଲେ- ପୁଅ ସିଧା ଚାଲିଯାଅ, ତୁମେ ନିଜ ନିଜର କାମରେ ଲାଗିପଡ । ଆଉ କମ୍ ସମୟ ମଧ୍ୟରେ ତୁମେ ତୁମ ଯାଗାରେ ପହଂଚିଯିବ। ଆଉ ଜମା ହଡ ବଡେଇବ ନାହିଁ।

କବି କୁଟୀର, ସା/ପୋ-ଡଇଁଚା ,
ଭାୟା-ରେଢାଖୋଲ ଜି-ସମ୍ବଲପୁର ମୋ -
୭୦୭୭୫୭୯୩୧୭

## ବିଦ୍ୟା ମହାଧନ ଅଟେ ଏ ଜଗତେ

**ରାମଚନ୍ଦ୍ର ବେହେରା**

ବାର୍ଷିକ ପରୀକ୍ଷା ଶେଷ ହେଲା ମିତ
ଫଳ'ବି ପ୍ରକାଶ ହେଲାଣି
ଶ୍ରେଣୀରେ ପ୍ରଥମ ହେବାରୁ ଗୌତମ
କୁହେ ନିଜକଥା ବଖାଣି।
ନୂଆ ଶିକ୍ଷାବର୍ଷ ଆରମ୍ଭ ହୋଇଛି
ଆସ ନୂଆ କକ୍ଷେ ବସିବା
ନୂଆ ବହି ଖାତା ନୂଆ ନୂଆ ପାଠ
ଆଗ୍ରହର ସହ ପଢିବା।
ବହି ଖାତା ଯେତେ ମଲାଟ ମଡାଇ
ସାଇତି ରଖିବା ସରବେ
ନୂଆ ବିଷୟକୁ ମନ ଧ୍ୟାନ ଦେଇ
ଅଭ୍ୟାସ କରିବା ଗରବେ।
ସମୟଟି ପରା ବଡ ବଳବାନ
ଗଡିବ ଆଗକୁ ଆଗକୁ
ତା'ସହିତ ତାଳ ଦେଇ ନ'ପଢିଲେ
ରହିଯିବା ଆମେ ପଛକୁ।
ଖରା ନଇଁଗଲେ ପାଖ ପଡିଆରେ
ଖେଳ କସରତ କରିବା
ପାଠ ବେଳେ ପାଠ ଖେଳ ବେଳେ ଖେଳ
ଏ କଥାକୁ ମନେ ହେଜିବା।
ବୃଥା ଗପସପ ପାଶୁ ଦୂରେ ରହି
ବିଦ୍ୟାଭାସ ନିତି କରିବା
ବିଦ୍ୟା ମହାଧନ ଅଟେ ଏ ଜଗତେ
ସେ କଥାକୁ ମାନି ଚଳିବା।

ତେନ୍ତୁଳିପଦା,ଜଗତସିଂହପୁର

## ଶିଶୁ କବିତା

## ଖରାକୁ ଦେଖି ମଥାଟି ଘୂରେ

**ପ୍ରଶାନ୍ତ କୁମାର ଦାଶ**



ଜଳୁଚି ନିଆଁ ତାତୁଚି ମାଟି
କ୍ଷେତ ଭୂଇଁତ ପଡିଚି ଫାଟି
ହେଉନି ସହି ଖରାର ଦାଉ
ଛାଇ ପବନ ମିଳୁନି ଆଉ
ଗରମ ଝାଳ ଯାଉଚି ସ୍ୱିହି
ଖରାରେ ଜମା ହେଉନି ରହି
ଗଲାଣି ଶୁଖି ପୋଖରୀ ନଈ
ସତେକି ଫୁଟି ଉଠିଛି ଖଇ
ଦିନ ଗଡିଲେ ପବନ ମେଘ
ବଢୁଛି ଝଡ ବତାସ ବେଗ
ଶୁଭୁଚି ଘଡଘଡିର ଡାକ
ବରଷା ଢାଳେ ରାତିଟା ଜାକ
କାଳବୈଶାଖୀ ଆସୁଛି ମାଡ଼ି
ପକ୍ଷୀ ଉଡ଼ନ୍ତି ଧାଡ଼ିକି ଧାଡ଼ି
ଝଡ ବତାସ ଭାଙ୍ଗଇ ଘର
ଘଡଘଡ଼ିକୁ ଲାଗଇ ଡର
ରହିବା ଘରେ ଯିବାନି ଦୂରେ
ଖରାକୁ ଦେଖି ମଥାଟି ଘୂରେ ।।

କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋବାଇଲ -୯୬୬୮୮୨୨୧୯୦

## ବେଲ ବାସେ ମହମହ.....

**ରାମଚନ୍ଦ୍ର ବେହେରା**



ବଇଶାଖ ଖରା ଅସହ୍ୟ ହେଲାଣି
ଝାଳ ବୁହେ ଗମଗମ
ଜଳୀୟ ଅଂଶର କମିର କାରଣୁ
ଘୋଟି ଆସେ ଥକାପଣ।
ଖରା ପାଇଁ ମନ ଖୋଜଇ କାକୁଡି
ମିଠା ତରଭୁଜ ଫଳ
ଦହି ସରବତ ବେଲପଣା ଆଦି
ଦେହକୁ ରଖେ ଶୀତଳ।
ବେଲ ଫଳ ପରା ଔଷଧରେ ଭରା
ପେଟ ରୋଗ କରେ ଦୂର
ଜଳ ଶୂନ୍ୟତାର ଭୟ ନରୁହଇ
କଲେ ତା'ର ଉପଚାର।
ବେଲର ସୁଗନ୍ଧ ବାସେ ମହମହ
ତୃଷା କରେ ନିବାରଣ
ବେଲ ଅଟେ ପରା ଫଳ ମଧ୍ୟେ ସାର
ସବୁଠି ମିଳଇ ଜାଣ।
ଗ୍ରୀଷ୍ମରେ ପାଚଇ ଗଛରୁ ଝଡଇ
ହିତକାରୀ ଫଳ ସିଏ
ଧନୀଠୁଁ ଦରିଦ୍ର ସଭିଂକର ପ୍ରିୟ
ତା'ର ସରି ହେବ କିଏ।
ଆସ ବେଲପଣା ସରାଗେ ପିଇବା
ନକରି ବାଛ ବିଚାର
ବିଷମ ଗ୍ରୀଷମ ଦାଉ ନସାଜିବ
ରହିବ ସୁସ୍ଥ ଶରୀର।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୫୩୪୬

# ସୋମବାର ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** 'ସଂଭାବନା' ପକ୍ଷରୁ ହଜିଯାଉଥିବା ଭାଷା, ସଂସ୍କୃତି, ଐତିହ୍ୟ ପରମ୍ପରା, ଚଳଣୀ ଓ ପରିପାଟୀର ପ୍ରଦର୍ଶନ ଓ ସୁରକ୍ଷା ପାଇଁ ଆୟୋଜିତ 'ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା ଉତ୍ସବ' ଆସନ୍ତା ୨୭ ତାରିଖରେ ଜୟଦେବ ଭବନରେ ଅନୁଷ୍ଠିତ ହେବ। ଏଥିରେ ଶ୍ରେଷ୍ଠ ଓଡ଼ିଆଣୀଙ୍କୁ ସମ୍ବର୍ଦ୍ଧନା ସହିତ ସହ ଶ୍ରେଷ୍ଠ ଓଡ଼ିଆଣୀ ଓ କୃତୀ ଓଡ଼ିଆଣୀଙ୍କୁ ମଧ୍ୟ ସମ୍ମାନିତ କରାଯିବ। ସେହିପରି ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ଭାରତୀୟ ବିଦ୍ୟା ଭବନ ପ୍ରେକ୍ଷାଳୟରେ 'ଓଡ଼ିଆ ସ୍ୱାଭିମାନ ଦିବସ'ର ସନ୍ଧ୍ୟାକୁ ମଧୁ ମହିମାରେ ମହକାଇବେ ମଧୁ ବିଶାରଦ ଦାଶ ବେନ୍‌ହୁର। ଜୟଦେବ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଂପାଦକ ଦେବ ପ୍ରସାଦ ପରିଜା, ତ୍ରଷ୍ଟି ସ୍ମୃତି ମହାନ୍ତି, ଚିତ୍ରଶିଳ୍ପୀ ଗଜେନ୍ଦ୍ର ପାଢ଼ୀ, ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆ, ୨୦୨୪ର ଶ୍ରେଷ୍ଠ ଓଡ଼ିଆଣୀ ଜ୍ୟୋତ୍ସ୍ନାମୟୀ ସେନାପତି, ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ, ୨୦୧୯ର ଶ୍ରେଷ୍ଠ ଓଡ଼ିଆଣୀ ମୀନା ପାଣିଗ୍ରାହୀ, ରାଜଶ୍ରୀ ଶତପଥି ପ୍ରମୁଖ ଯୋଗ ଦେଇଥିଲେ।

# ଡୁନ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ ପ୍ରତିଷ୍ଠାତାଙ୍କ ପରଲୋକ

**ଭୁବନେଶ୍ୱର (ପିପିଏସ୍):** ଶିକ୍ଷାବିତ୍ ତଥା ସମାଜସେବୀ ଶରତ ଚନ୍ଦ୍ର ରାଉତରାୟଙ୍କର ଆଜି ପରଲୋକ ହୋଇଯାଇଛି। ପାତ୍ରପଡ଼ାର ଶ୍ରୀ ରାଉତରାୟ ଦୀର୍ଘଦିନ ହେଲା କର୍କଟ ରୋଗାକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ୬୧ ବର୍ଷ ବୟସ୍କ ଶିକ୍ଷାବିତ୍ ଶ୍ରୀ ରାଉତରାୟ ରାଜ୍ୟର ଅନ୍ୟତମ ପୁରୁଣା ଦି ଟେକ୍ନୋ ସ୍କୁଲ, ଡୁନ୍ ଇଣ୍ଟରନ୍ୟାସନାଲ ସ୍କୁଲ ଓ ଛତାବରସ୍ଥିତ ଗୁରୁକୁଳ ଇନିଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଭଳି ବହୁ ଖ୍ୟାତନାମା ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା। ଏହି ଶିକ୍ଷାନୁଷ୍ଠାନ ସମୂହରୁ ଲକ୍ଷାଧିକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଦେଶର ବିଭିନ୍ନ ଗୌରବମୟ ପ୍ରତିଷ୍ଠାନରେ ସୁପ୍ରତିଷ୍ଠିତ। ସେ ଏକାମ୍ର ପୂଜା କମିଟି, ସ୍ଥାନୀୟ ଲକ୍ଷ୍ମୀମନ୍ଦିର ଏବଂ ବିଭିନ୍ନ ଆଧ୍ୟାତ୍ମିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପତ୍ନୀ ରଂଜିତା ରାଉତରାୟ, ସାନଭାଇ ହେମନ୍ତ ରାଉତରାୟ, ପୁତ୍ର ବିଶ୍ୱଜିତ ରାଉତରାୟ, କନ୍ୟା ଅନନ୍ୟା ରାଉତରାୟ, ଜାମାତା ସନ୍ଦୀପ ସତ୍ୟନାରାୟଣ ଭୂୟାଁ, ଶାଳକ ଜୀବନ କୁମାର ଜେନା ଓ ପରିବାରବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାର ଠାରେ ତାଙ୍କ ପୁତ୍ର ବିଶ୍ୱଜିତ ମୁଖାଗ୍ନି ଦେଇଥିଲେ।

# ମଦନମୋହନ ଦେବଙ୍କ ପୀଠରେ ରାମଚରିତ ମାନସ ନବାହ୍ନପାରାୟଣ



**ଭୁବନେଶ୍ୱର (ପିପିଏସ୍):** ଆସନ୍ତା ୨୫ ତାରିଖରେ ବାଲକାଟି ଅଞ୍ଚଳର ଆରାଧ୍ୟ ଶ୍ରୀ ମଦନମୋହନ ଦେବଙ୍କ ମନ୍ଦିରରେ ଆରମ୍ଭ ହେବ ୩୧(ଏକତ୍ରିଂଶତମ)ତମ ରାମ ଚରିତ ମାନସ ନବାହ୍ନପାରାୟଣ ଓ ପ୍ରବଚନ ମହାଯଜ୍ଞ। ଏହା ୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୨୪ ତାରିଖରେ କଳସ ଯାତ୍ରା ଅନୁଷ୍ଠିତ ହେବା ସହ ୯ ଦିନ ଧରି ସକାଳେ ଦାମୋଦର ଦାସ ମହାରାଜାଙ୍କ ଦ୍ୱାରା ରାମାୟଣ ପାଠ କରାଯିବ। ନବଦିନାତ୍ମକ ହେବାକୁ ଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରବକ୍ତାମାନେ ଯୋଗଦେଇ ମହାନଗ୍ରନ୍ଥ 'ରାମାୟଣ'ରୁ ଉଦ୍ଧୃତ ଶିବ ବିବାହ, ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଜନ୍ମ, ସୀତା ବିବାହ, ରାମ ହନୁମାନ ଭେଟ, ସୀତା ହରଣ, ରାମସେତୁ, ରାବଣ ମରଣ ଆଦି କଥାବସ୍ତୁ ଉପରେ ପ୍ରତ୍ୟେହ ସନ୍ଧ୍ୟା ସାଢେ ୭ ଟାରେ ପ୍ରବଚନ ଦେବେ। ପ୍ରବଚନ ପରେ ଶ୍ରୀ ରାମଚରିତ ମାନସ ପାରାୟଣ ପରିଷଦ ପକ୍ଷରୁ ଶ୍ରୋତା ମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

# ଇଂରାଜୀ ବନାନର ସଂଶୋଧନ ପଦକ୍ଷେପକୁ ପ୍ରଶଂସା

**ଭୁବନେଶ୍ୱର (ପିପିଏସ୍):** ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱତନ୍ତ୍ର କମିଟି ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନର ନାମ ଓଡିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀରେ ଲେଖାହେବା ନିମନ୍ତେ ଯେଉଁ ସୁପାରିଶ ପ୍ରଦାନ କରିଛନ୍ତି, ଏହା ଓଡ଼ିଶାବାସୀଙ୍କ ଦୀର୍ଘ ଦିନର ଦାବି ଥିଲା। ବର୍ତ୍ତମାନର ସରକାର ଏଥି ନିମନ୍ତେ ଉଚିତ ପଦକ୍ଷେପ ଗ୍ରହଣ କରାଯିବାରୁ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ପ୍ରଗତିଶୀଳ ଅନୁଷ୍ଠାନ ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା ଏହାକୁ ପ୍ରଶଂସା କରିଛନ୍ତି। ଏଥିସହିତ ଏକ ପ୍ରେସ୍ ବିବୃତି ମାଧ୍ୟମରେ ରାଜ୍ୟବାସୀଙ୍କୁ ସାମିଲ ହେବା ପାଇଁ ଆହ୍ୱାନ ଦେଇଛନ୍ତି। ଶ୍ରୀ ଶର୍ମା ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ସହଯୋଗ କ୍ରମେ ଓଡ଼ିଶାରେ ଅବସ୍ଥାପିତ ସମସ୍ତ କେନ୍ଦ୍ରୀୟ ଅନୁଷ୍ଠାନ ଏବଂ ସମ୍ମାନନୀୟ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଇଂରାଜୀ ବନାନ ମଧ୍ୟ ଓରିଶା ପରିବର୍ତ୍ତେ ଓଡ଼ିଶା ଲେଖାଯାଉ। ଏହା ସଂସଦର ହସ୍ତକ୍ଷେପ ମାଧ୍ୟମରେ ହିଁ ସମ୍ଭବ। ଏଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବିଶେଷ ଅନୁରୋଧ କରିଛନ୍ତି।

# ଏନ୍‌ଡିଏମ୍ ଓ ଓସ୍‌ଡମା ତରଫରୁ ଯୁବା ଆପଦ ମିତ୍ର ତାଲିମ



**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ରାଜ୍ୟ ମୁଖ୍ୟ କମିସନର ଡଃ. କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲାର ରୋଭର ଓ ରେଞ୍ଜରମାନଙ୍କୁ ନେଇ ଏକ ଯୁବା ଆପଦ ମିତ୍ର ତାଲିମ ଶିବିର ଗତ ୧୯ ତାରିଖରୁ ୨୫ ପର୍ଯ୍ୟନ୍ତ ଭାରତ ସ୍କାଉଟ୍‌ସ ଏବଂ ଗାଇଡ୍‌ସ ରାଜ୍ୟ ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଅଛି। ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୫୦ ଜଣ ରୋଭର ଓ ରେଞ୍ଜର ଏହି ତାଲିମ ଶିବିରରେ ଯୋଗଦେଇଛନ୍ତି। ଏହି ଶିବିରକୁ ଓସଡମାର ଜେନେରାଲ ମ୍ୟାନେଜର ସୁନିଲ୍ କୁମାର ସାହୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିବା ବେଳେ ବାଇଧର ପ୍ରଧାନ ଓ ଗଣେଶ ବାରିକଙ୍କ ନେତୃତ୍ୱରେ ତାଲିମ ପ୍ରାପ୍ତ ଉପଦେଷ୍ଟାମାନେ ଆସି ଶିକ୍ଷାଦାନ କରୁଛନ୍ତି।

# ୨୮ରେ କୁଳଗୌରବ ସମ୍ମାନ ପ୍ରଦାନ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟର ସଭାଗୃହଠାରେ ଆସନ୍ତା ୨୮ ତାରିଖରେ 'ଦ୍ୱିତୀୟ କୁଳଗୌରବ ସମ୍ମାନ-୨୦୨୬' ପ୍ରଦାନ କରାଯିବ। ଏହି ମର୍ଯ୍ୟାଦାଜନକ ସମ୍ମାନ ଆଧୁନିକ ଓଡ଼ିଶାର ଉଦେ÷ାଗପତି, ନବ ଉତ୍କଳର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନଙ୍କ ଆଦର୍ଶକୁ ପାଥେୟ କରି ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସଫଳ ଉଦ୍ୟୋଗପତିଙ୍କୁ କୁଳଗୌରବ ସମ୍ମାନରେ ଭୂଷିତ କରାଯିବ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବାଚସ୍ପତି ସୁରମା ପାଢୀ, ଶିଳ୍ପ ଓ ଦକ୍ଷତା ବିକାଶ ଓ ଯାନ୍ତ୍ରିକ ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ପୂର୍ବତନ ରାଜ୍ୟସଭା ସଦସ୍ୟ ଡ. ଅମର ପଟ୍ଟନାୟକ, ଉଦ୍ୟୋଗପତି ଅଜୟ ଅଗ୍ରୱାଲ, ସମାଜସେବୀ ଜଗନ୍ନାଥ ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନ ଅଧ୍ୟକ୍ଷ ସଜ୍ଜନ ଶର୍ମା ପ୍ରକାଶ କରିଛନ୍ତି।

# ଟଙ୍କପାଣି ମନ୍ଦିରରେ ଶ୍ରୀରାମ ମନ୍ଦିରର ବାର୍ଷିକ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ଟଙ୍କପାଣି ମନ୍ଦିର ପରିସରରେ ଥିବା ପ୍ରଭୁ ଶ୍ରୀରାମ ମନ୍ଦିରର ୧୪ ତମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି। ୧୯ ତାରିଖରୁ ଆରମ୍ଭ ହୋଇଥିବା ପୂଜାବିଧି ଏବଂ ଯଜ୍ଞ ଆସନ୍ତା କାଲି ଉଦ୍‌ଯାପିତ ହେବ। ଯଜ୍ଞ ନେଇ କୁଆଖାଇ ନଦୀରୁ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ସୂର୍ଯ୍ୟ ପୂଜା,ଅଗ୍ନି ସ୍ଥାପନ, ଘଟପୂଜା, ମହା ରୁଦ୍ରାଭିଷେକ ଏବଂ ଚଣ୍ଡି ପୂଜା ଚାଲିଛି। ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ ନେଇ ବ୍ୟବସ୍ଥା ହୋଇଛି। ଏହି ଅବସରରେ ରାତିରେ ଭକ୍ତି ସଙ୍ଗୀତ ପରିବେଷଣ ହେଉଛି।

# ନିଶା ସେବନ ଯୋଗୁଁ ଧରାପଡ଼ିଗଲା ଚୋର

**ଭୁବନେଶ୍ୱର (ପିପିଏସ୍):** ବାଲୁଗାଁରୁ ଆସି ଭୁବନେଶ୍ୱର ରେଳ ଷ୍ଟେସନ ପରିସରରୁ ଯାତ୍ରୀଙ୍କ ଠାରୁ ନିୟମିତ ଭାବେ ଲୁଟ୍ କରୁଥିଲେ। ଧରା ପଡୁ ନ ଥିଲା। ହେଲେ ଚୋର ଘର ସବୁବେଳେ ଅନ୍ଧାର ନଥିଲା ଭଳି ଗୋଟିଏ ଦିନ ଅତ୍ୟଧିକ ନିଶା ସେବନ କରି ପୁଲିସ ହାତରେ ଧରାପଡ଼ିଗଲା।



ମିଳିଥିଲା ସୂଚନା ମୁତାବକ, ଖୋର୍ଦ୍ଧା ଜିଲ୍ଲା ଜଗନ୍ନାଥପୁର ବାଣପୁର ଗ୍ରାମର ଶିବ ପ୍ରସାଦ ପଣ୍ଡା। ରେଳ ଯାତ୍ରୀଙ୍କ ଠାରୁ ସେ ମୋବାଇଲ, ଟଙ୍କା ଏବଂ ଏଟିଏମ୍‌କାର୍ଡ ଲୁଟ୍ କରୁଥିଲା। ଗୁରୁବାର ମଧ ଜଣେ ଯାତ୍ରୀଙ୍କ ପକେଟମାର କରି କିଛି ଟଙ୍କା ରଖିଥିଲା। ଏହି ଟଙ୍କାରେ ଅତ୍ୟଧିକ ମଦ୍ୟପାନ କରିଥିଲା। ପରେ ନିଶାସକ୍ତ ଅବସ୍ଥାରେ ସେ ରେଳ ଷ୍ଟେସନ ପ୍ଲାଟ୍‌ଫର୍ମରେ ଶୋଇ ପଡ଼ିଥିଲା। ସନ୍ଦେହ ଜନକ ଅବସ୍ଥାରେ ଜିଆର୍‌ପି ଥାନା ପୁଲିସ ଆସି ତାକୁ ଯାଞ୍ଚ କରିଥିଲା। ତାଠାରୁ ୭ରୁ ଊର୍ଦ୍ଧ୍ୱ ଏଟିଏମ୍ କାର୍ଡ ମିଳିଥିଲା। ଏହାପରେ ପକେଟ୍‌ରୁ ୩ଟି ମୋବାଇଲ ମିଳିଥିଲା। ପୁଲିସ ତାଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପରେ ସେ ପୁଲିସ ଆଗରେ ସ୍ୱୀକାର କରିଥିଲା ଯେ ଏହି ମୋବାଇଲଗୁଡ଼ିକ ଚେରା ମୋବାଇଲ୍। ସେ ଯାତ୍ରୀଙ୍କ ଠାରୁ ଚୋରି କରିଛି। ଏହାପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ଅସହ୍ୟ ହେଉଛି ତାତି, ଜୀବନ ଜୀବିକା ପ୍ରଭାବିତ



**ଭୁବନେଶ୍ୱର(ପିପିଏସ୍):** ରାଜଧାନୀରେ ତାତି ଅସହ୍ୟ ହେଉଥିବାବେଳେ ପ୍ରଭାବିତ ହେଉଛି ଜୀବନଜୀବିକା। ଦିନ ଯେତେ ଗଡୁଛି ରାଜଧାନୀର ତାପମାତ୍ରା ସେତେ ବଢ଼ିବାରେ ଲାଗିଛି। ଗ୍ରୀଷ୍ମପ୍ରବାହ ସାଙ୍ଗକୁ ରାଜଧାନୀରେ ଗୁରୁବାର ରାଜଧାନୀ ସହରର ତାପମାତ୍ରା ଚଳିତବର୍ଷ ସର୍ବାଧିକ ରେକର୍ଡ କରାଯାଇଥିଲା। ବୁଧବାର ରାଜଧାନୀର ସର୍ବୋଚ୍ଚ ତାପମାତ୍ରା ୪୧.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଗୁରୁବାର ଦିନର ତାପମାତ୍ରା ୪୨.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଯାହା ଗତକାଲିଠାରୁ ପ୍ରାୟ ୧ ଡିଗ୍ରୀ ଅଧିକ ରହିଛି। ଆଗକୁ ଏହା ବୃଦ୍ଧି ପାଇବାର ଆଶଙ୍କା ରହିଛି ବୋଲି ପାଣିପାଗ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଫଳରେ ରାଜଧାନୀର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ସକାଳ ସାଢ଼େ ୮ଟାରୁ ଗରମ ଅନୁଭୂତ ହେଉଥିବା ବେଳେ ୧୦ଟା ପରେ ସହରର ତାପମାତ୍ରା ଅସହ୍ୟ ହୋଇପଡୁଛି। ଏମିତି କି ଦିନ ୩ଟା ପର୍ଯ୍ୟନ୍ତ ଘରୁ ବାହାରିବା ମଧ କଷ୍ଟଦାୟକ ହୋଇପଡୁଛି। ଦିନସାରା ରାଜଧାନୀର ମୁଖ୍ୟ ରାସ୍ତା ସମେତ ଜାତୀୟ ରାଜପଥ ମଧ ଖାଁ ଖାଁ ହୋଇପଡୁଛି। ଦିନ ବେଳା କାଁ ଭାଁ ଗାଡ଼ି ମୋଟର ବ୍ୟତୀତ କାହାରି ଦେଖା ମିଳୁନାହିଁ। ଏମିତି କି ଦୋକାନବଜାର ବନ୍ଦ ରହୁଛି। କାଁ ଭାଁ କେଉଁଠି ପଇଡ, ଆଖୁରସ ଆଦି ଥଣ୍ଡାପାନୀୟ ଦୋକାନ ସମେତ ତଳଭୂଜ ଦୋକାନ ଖୋଲା ରହିଥିବା ବେଳେ ଅନ୍ୟ ସବୁ ଦୋକାନ ପ୍ରାୟ ବନ୍ଦ ରହୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜଧାନୀର ପ୍ରମୁଖ ଟ୍ରାଫିକ୍ ଛକଗୁଡ଼ିକରେ ଶେଡ୍ ବ୍ୟବସ୍ଥା ନ ଥିବାରୁ ଲୋକେ ଖରାରେ ଠିଆ ହୋଇ ଆଉଟୁପାଉଟୁ ହେଉଛନ୍ତି। ସେହିଭଳି ପ୍ରମୁଖ ଛକଗୁଡ଼ିକରେ ଜଳଛତ୍ର ଖୋଲି ନ ଥିବାରୁ ପଥଚାରୀମାନେ ପାଣି ପାଇଁ ଡହକବିକଳ ହେଉଛନ୍ତି। ଅନେକ ଛକରେ ଏବଂ ରାସ୍ତାକଡ଼ରୁ ଗଛ କାଟି ଦିଆଯାଇ ଥିବାରୁ ଲୋକେ ଛାଇ ଟିକେ ପାଇବା ମଧ କାଠିକର ପାଠ ହୋଇପଡୁଛି। ଅପରପକ୍ଷେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରାଜଧାନୀର ବିଭିନ୍ନ ସ୍ଥାନରେ ମାଗଣା ଥଣ୍ଡା ପାନୀୟ ବ୍ୟବସ୍ଥା କରାଯାଉଛି। ଅପରାହ୍ନରେ ରାଜଧାନୀ ରାସ୍ତାଘାଟରେ ଭିଡ଼ ପରିଲକ୍ଷିତ ହେଉଛି। ଲୋକେ ହାଟ ବଜାରକୁ ବାହାରୁଥିବା ବେଳେ ଯାନବାହାନ ଚଳାଚଳ କରୁଛି। ଯାହା ସନ୍ଧ୍ୟାର ଭିଡ଼କୁ ଯଥେଷ୍ଟ ବଢ଼ାଇ ଦେଇଛି।

# ଆଜାଦ୍‌ନଗର ବିସ୍ଫୋରଣ ଘଟଣାରେ ୨ ଜଣଙ୍କୁ ଜେରା

**ଭୁବନେଶ୍ୱର (ପିପିଏସ୍):** ସୁନ୍ଦରପଦା ଆଜାଦନଗରରେ ଜାନୁୟାରୀ ୨୭ରେ ହୋଇଥିବା ବିସ୍ଫୋରଣ ଘଟଣାରେ ମୁଫି ଓରଫ ଶେହେନ୍‌ୱାଜ ମଲ୍ଲିକର ଲିଙ୍କ୍ ଏବେ ଧୀରେ ଧୀରେ ଫିଟିବାରେ ଲାଗିଛି। ଏନ୍‌ଆଇଏ ଗୁରୁବାର ମୁଫି ଲିଙ୍କ୍‌ରେ ୨ଜଣଙ୍କୁ ପଚରାଉଚରା କରିଛି। ସେମାନଙ୍କ ମଧ୍ୟରେ ଜଣେ ଯୁବ ନେତା ଥିବା ବେଳେ ଆଉ ଜଣେ ଅମୀୟର ସାଙ୍ଗ ଅଭିଷେକ ବୋଲି ଏନ୍‌ଆଇଏ ସୂତ୍ରରୁ ଜଣାପଡ଼ିଛି। ଦୁଇ ଜଣଙ୍କ ଏନ୍‌ଆଇଏ ୨ଘଣ୍ଟା ଧରି ପଚରାଉଚରା କରିଥିବା ଜଣାପଡ଼ିଛି। ସେମାନଙ୍କର ଭୂମିକା କ'ଣ ସେନେଇ ଖୋଳତାଡ଼ କରୁଛି ଏନ୍‌ଆଇଏ। ପୂର୍ବରୁ ଏନ୍‌ଆଇଏ ୫ ଜଣଙ୍କୁ ପଚରାଉଚରା କରିଥିଲା। ଆହୁରି ମଧ୍ୟ ୧୦ଜଣଙ୍କୁ ପଚରାଉଚରା କରିବା ପାଇଁ ଏନ୍‌ଆଇଏ ସମନ କରିଥିବା ଜଣାପଡ଼ିଛି। ସେମାନେ ଖୁବ୍ ଶୀଘ୍ର ଏନ୍‌ଆଇଏ ଅଫିସରେ ହାଜର ହେବେ। ମୁଫି କେଉଁ ଉଦ୍ଦେଶ୍ୟ ରଖି ବୋମା ଭିଡୁଥିଲା ଏବଂ ଆଉ କେଉଁ ସ୍ଥାନରେ ବିସ୍ଫୋରଣର ଯୋଜନା ରହିଥିଲା ସେନେଇ ଏନ୍‌ଆଇଏ ଖୋଳତାଡ଼ କରୁଛି। ବିସ୍ଫୋରଣସ୍ଥଳରୁ ପୁଲିସ ଏକ ସ୍କୁଟି ଜବତ କରିଥିଲା। ଏହି ସ୍କୁଟିଟିକୁ ମୁଫିର ସହଯୋଗୀ ଅମୀୟ ରଞ୍ଜନ ମଲ୍ଲିକ ଘଟଣା ଦିନ ତା'ର ଜଣେ ବନ୍ଧୁ ଅଭିଷେକ ଠାରୁ ମାଗି ମୁଫି ଘରକୁ ଆସିଥିଲା। ତେଣୁ ଏହି ଲିଙ୍କ୍‌ରେ ଏନ୍‌ଆଇଏ ତାକୁ ଡାକି ପଚରାଉଚରା କରୁଛି। ଏନେଇ ଅଭିଷେକ ଗଣମାଧ୍ୟମକୁ କହିଛନ୍ତି ଯେ, ମୁଫି ଲିଙ୍କ୍‌ରେ ତାଙ୍କୁ ଏନ୍‌ଆଇଏ ଅଧିକାରୀ ପଚରାଉଚରା କରିଥିଲା। ମୁଫିଙ୍କୁ ସେ ଚିହ୍ନି ନ ଥିବା ବେଳେ ମୁଫିର ସହଯୋଗୀ ଅମୀୟ ରଞ୍ଜନ ମଲ୍ଲିକ ତାଙ୍କର ବନ୍ଧୁ। ଘଟଣା ଦିନ ଅମୀୟ ଅଭିଷେକ ଠାରୁ ସ୍କୁଟି ନେଇ ଯାଇଥିଲା। ବିସ୍ଫୋରଣ ପରେ ଘର ଆଗରୁ ସ୍କୁଟି ଜବତ ପରେ ସେହି ଲିଙ୍କ୍‌ରେ ତାଙ୍କୁ ପଚରାଉଚରା ପାଇଁ ଏନ୍‌ଆଇଏ ଡାକିଥିବା ସେ କହିଛନ୍ତି। ତାଙ୍କର ବିସ୍ଫୋରଣ ସମ୍ପର୍କରେ କିଛି ଖବର ଜାଣି ନାହାନ୍ତି। ବଡ଼ କଥା ହେଲା ଜଣେ ଯୁବ ନେତାଙ୍କୁ ଏନ୍‌ଆଇଏ ପଚରାଉଚରା କରିଛି। ଉକ୍ତ ଯୁବକ ନେତାର ମୁଫି ସହ ଭଲ ଲିଙ୍କ୍ ରହିଥିଲା। ବିସ୍ଫୋରଣ ଘଟିବା ପୂର୍ବରୁ ମୁଫିଙ୍କୁ ଉକ୍ତ ଯୁବକ ନେତା ଟଙ୍କା ପଠାଇଥିଲା। ସେ ଟଙ୍କା କେଉଁ କାରଣ ପାଇଁ ପଠାଇଥିଲେ। ବିସ୍ଫୋରଣ ପାଇଁ ମୁଫିଙ୍କୁ ସେ ସୁପାରି ଦେଇଥିବା ଏନ୍‌ଆଇଏ ସନ୍ଦେହ କରୁଛି। ବିସ୍ଫୋରଣ ଦିନ ମୁଫି ଏବଂ ଅମୀୟ ରଞ୍ଜନଙ୍କ ଫୋନକୁ ଯେଉଁମାନେ କଲ୍ କରିଛନ୍ତି ଏବଂ ଆକାଉଣ୍ଟକୁ ଯେଉଁମାନେ ଟଙ୍କା ପଠାଇଥିଲେ ସେମାନଙ୍କୁ ଏନ୍‌ଆଇଏ ପଚରାଉଚରା ପାଇଁ ସମନ କରିଛି।

# ଗ୍ରୀଷ୍ମଦିନେ ସ୍ୱେଚ୍ଛାସେବା ସଂଗଠନ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା

**ଭୁବନେଶ୍ୱର(ପିପିଏସ୍):** ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି 'କାଞ୍ଚନ ଫାଉଣ୍ଡେସନ୍‌ଜ' ଓ 'ଗ୍ରୀନ ଜୟଦେବ ଫାଉଣ୍ଡେସନ୍'। ଉଭୟ ଅନୁଷ୍ଠାନର ମିଳିତ ସହଯୋଗରେ ସ୍ଥାନୀୟ ଅଞ୍ଚଳର ସୁଦର୍ଶନ ଦାରୁପୀଠ, ପ୍ରତାପ ଶାସନ, ପୁରୋହିତପୁର, ଜଶୁଆପୁର ଆଦି ଅଞ୍ଚଳର ବିଭିନ୍ନ ପ୍ରମୁଖ ସ୍ଥାନମାନଙ୍କରେ ୨୦ଟି ପାଣିକୁଣ୍ଡର ବ୍ୟବସ୍ଥା କରାଯାଇଛି। ଏହି ସଂଗଠନରେ ବିଭିନ୍ନ ବର୍ଗର ସ୍ୱେଚ୍ଛାସେବୀମାନେ ବିଭିନ୍ନ ସ୍ଥାନରେ ମାଟି କୁଣ୍ଡରଖିବା ସହ ଗଛଡ଼ାଳରେ ମାଟି



ପାତ୍ରରେ ପାଣି ଭର୍ତ୍ତି କରି ଝୁଲାଉଛନ୍ତି। ଏହି କାର୍ଯ୍ୟରେ ରଞ୍ଜନ ମହାପାତ୍ର, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ଯୁବ ସମାଜସେବୀ ପ୍ରଦୀପ୍ତ ମହାନ୍ତି, ପ୍ରଦୀପ୍ତ କୁମାର ପଣ୍ଡା, ବରିଷ୍ଠ ସାମ୍ବାଦିକ ନିରଞ୍ଜନ ସେନାପତି, ବଟକୃଷ୍ଣ ମହାପାତ୍ର, ଭଗବାନ ନାୟକ, ଉମାକାନ୍ତ ବେହେରା, ଶ୍ରୀକୁମାର ଅଭିଷେକ ଭୋଇ, କାଳନ୍ଦୀ ଭୋଇ ପ୍ରମୁଖ ସାମିଲ ହୋଇଛନ୍ତି।

# ସୋଆ ଓ ଭାରତୀୟ ଉଦ୍ୟାନ କୃଷି ଅନୁସନ୍ଧାନ ସଂସ୍ଥା ମଧ୍ୟରେ ବୁଝାମଣା



**ଭୁବନେଶ୍ୱର (ପିପିଏସ୍):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନସେସ୍ (ଆଇଏଏସ୍) ଓ ଭାରତୀୟ ଉଦ୍ୟାନ କୃଷି ଅନୁସନ୍ଧାନ ସଂସ୍ଥା (ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହର୍ଟିକଲଚରାଲ ରିସର୍ଚ୍ଚ) ବେଙ୍ଗାଲୁରୁ ମଧ୍ୟରେ ଗୁରୁବାର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଉଭୟ ଅନୁଷ୍ଠାନ ମଧ୍ୟରେ ଜଳ ପରିଚାଳନା ନେଇ ଉଚ୍ଚତର ଗବେଷଣା ଓ ଶୈକ୍ଷିକ ଆଦାନ ପ୍ରଦାନ ନିମନ୍ତେ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଭାରତୀୟ ଉଦ୍ୟାନ କୃଷି ଅନୁସନ୍ଧାନ ସଂସ୍ଥା ଅନ୍ତର୍ଗତ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ରର ମୁଖ୍ୟ ଡ. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଏବଂ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। କୃଷି ମହାବିଦ୍ୟାଳୟର ଗବେଷଣା ଓ ପ୍ରସାର ପରିଷଦର ବୈଠକ ସମୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା।

# ଦୁଇ ଚୋରଙ୍କୁ ଦଶ ମାସ ଜେଲଦଣ୍ଡାଦେଶ

**ଭୁବନେଶ୍ୱର (ପିପିଏସ୍):** ମଞ୍ଚେଶ୍ୱର ଓ ନୂଆପଲ୍ଲୀ ଥାନା ଅଞ୍ଚଳରେ ଘଟିଥିବା ଦୁଇଟି ଚୋରି ମାମଲାର ରାୟ ପ୍ରକାଶ ପାଇଛି। ଅଦାଲତ ମାମଲାର ବିଚାରକରି ଦୁଇ ଅଭିଯୁକ୍ତ ଦୁର ବେହେରା ଓ ତୋଫାନ ଦାସକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୁଲିସ ସୂଚନାନୁସାରେ, ଗତବର୍ଷ ସେପ୍ଟେମ୍ବର ୩ ତାରିଖ ଦିନ ଧିରକୁଟ ବସ୍ତିର ରୀତା ଦାସ ଘରେ ଥିବାବେଳେ ଦୁର ତାଙ୍କ ଘର ପାଖକୁ ଆସି ତାଙ୍କୁ ଗାଳିଗୁଲଜ କରିଥିଲେ। ରୀତା ପ୍ରତିବାଦ କରିବାରୁ ସେ ଘଟଣାସ୍ଥଳ ଛାଡ଼ି ଯାଇଥିଲେ। ପରବର୍ତ୍ତୀ ସମୟରେ ରୀତା କାମ ପାଇଁ ଘର ବାହାରେ ଥିବାବେଳେ ଦୁର ସୁଯୋଗ ନେଇ ତାଙ୍କ ଘର ଭିତରୁ ପ୍ରାୟ ୧୦ ହଜାର ଟଙ୍କାର ସୁନା ଓ ରୁପାର ଅଳଙ୍କାର ସହ ଏକ କଟର ମେସିନ୍ ଚୋରି କରି ନେଇଥିଲା। ରୀତା ଏନେଇ ଲିଖିତ ଅଭିଯୋଗ କରିବା ପରେ ମଞ୍ଚେଶ୍ୱର ଥାନା କେସ୍ ନଂ-୫୫୦/୨୫ ରେ ମାମଲା ରୁଜୁ କରିଥିଲା। ଏଏସ୍‌ଆଇ ଜିତେନ୍ଦ୍ର ସେନାପତି ଘଟଣାର ତଦନ୍ତ କରି ଦୁରକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଭୁବନେଶ୍ୱର ସ୍ଥିତ ଜେଏମଏଫସି - ୨ର ବିଚାରପତି ପ୍ରିୟଦର୍ଶିନୀ ତ୍ରିପାଠୀ ଘଟଣା ସହିତ ସଂପୃକ୍ତ ୬ ଜଣ ସାକ୍ଷୀଙ୍କ ଜବାନବନ୍ଦି ଓ ୧୩ଟି ପ୍ରାସଙ୍ଗିକ ଦସ୍ତାବିଜ ଆଧାରରେ ମାମଲାର ବିଚାର ସାରିଛନ୍ତି। ଆସାମୀ ଦୁରକୁ ବିଏନଏସ୍ ଧାରା ୩୩୧(୧) ଅନୁଯାୟୀ ୬ ମାସ ଓ ଧାରା ୩୦୫ ଅନୁଯାୟୀ ୧୦ ମାସର ସରଳ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୁଇଟି ଯାକ ଦଣ୍ଡ ସମବର୍ତ୍ତୀ ଭାବେ ଚାଲିବାକୁ ଆଦେଶ ଦିଆଯାଇଛି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ବିଜନ ବିହାରୀ କର ଓ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ। ସେହିପରି ନୂଆପଲ୍ଲୀ ବେହେରା ସାହିରେ ରହୁଥିବା ରୁଦ୍ର କୁମାର ଲେଙ୍କା ଗତ ଫେବୃଆରୀ ୨ ତାରିଖ ରାତିରେ ସେ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ତୋଫାନ କୌଶଳପୂର୍ବକ ଘର ଭିତରୁ ତାଙ୍କ ମୋବାଇଲ ଫୋନ ଚୋରି କରି ନେଇଥିଲେ। ପର ଦିନ ଭୋରରୁ ଘରୁ ମୋବାଇଲ ଫୋନ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ରୁଦ୍ର ଲିଖିତ ଏତଲା ଦେବାପରେ ନୂଆପଲ୍ଲୀ ଥାନା ପୁଲିସ କେସ୍ ନଂ - ୮୧/୨୬ ରେ ମାମଲା ରୁଜୁ କରିଥିଲା। ସବ୍ ଇନ୍ସପେକ୍ଟର ଶୁଭ୍ରାଂଶୁ ମହାପାତ୍ର ଘଟଣାର ତଦନ୍ତ କରି ତୋଫାନକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ। ଭୁବନେଶ୍ୱର ସ୍ଥିତ ଜେଏମଏଫସି - ୩ର ବିଚାରପତି କରୋଣିକା ଘୋଷ ସାକ୍ଷୀଙ୍କ ଜମାନବନ୍ଦୀ ଓ ପ୍ରାସଙ୍ଗିକ ଦଲିଲପତ୍ର ଆଧାରରେ ବିଚାର କାର୍ଯ୍ୟ ସମାପ୍ତ କରିଛନ୍ତି। ବିଏନଏସ୍ ଧାରା ୩୦୫(ଏ) ଅନୁଯାୟୀ ତୋଫାନକୁ ୧୦ ମାସର ସରଳ କାରାଦଣ୍ଡ ସହିତ ଏକ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧ ମାସର ସରଳ କାରାଦଣ୍ଡ ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଚିରନ୍ତନୀ ବାଗ ଓ ବିଜୟ ବାରିକ ଏହି ମାମଲାକୁ ପରିଚାଳନା କରୁଥିଲେ।

# ଅଚ୍ୟୁତ ସାମନ୍ତଙ୍କୁ କର୍ଣ୍ଣାଟକ ୟୁନିଭର୍‌ସିଟି ଧରୱାର୍ଡ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍



**ଭୁବନେଶ୍ୱର (ପିପିଏସ୍):** କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କର୍ଣ୍ଣାଟକ ୟୁନିଭର୍‌ସିଟି ଧରୱାର୍ଡ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। କର୍ଣ୍ଣାଟକ ୟୁନିଭର୍‌ସିଟି ଧରୱାର୍ଡର ୭୫ତମ ସମାବର୍ତ୍ତନ ଉତ୍ସବ ଅବସରରେ କର୍ଣ୍ଣାଟକ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଏମ୍‌ସି ସୁଧାକର, ଇସ୍ରୋର ପୂର୍ବତନ ଅଧକ୍ଷ ପଦ୍ମଶ୍ରୀ ଏସ୍‌ଏସ୍ କିରଣ କୁମାର, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍ ଖାନ୍, ଭିର୍ମସି ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ କର୍ଣ୍ଣାଟକ ରାଜ୍ୟପାଳ ଥାୱାର ଚାନ୍ଦ ଗେହଲୋଟ୍ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ।

## ଶେଷହେଲା ରାଜଧାନୀ ଉପକଣ୍ଠ ମେଳଣ ଉତ୍ସବ

# ବାଜା ବାଣରେ କମ୍ପିଲା ମେଳନ ପଡ଼ିଆ



**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ ଉପକଣ୍ଠରେ ଦୁଇ ମାସ ଧରି ଚାଲିଥିବା ମେଳନ ଉତ୍ସବ ଉଦଯାପିତ ହୋଇଯାଇଛି। ଫଗୁ ଦଶମୀରେ ଶ୍ୟାମପୁର ଠାରେ ଆରମ୍ଭ ହୋଇଥିବା ଏହି ଉତ୍ସବ ଗତକାଲି କାଶୀପୁର ଠାରେ ଶେଷ ହୋଇଛି। ରାଜଧାନୀ ଉପକଣ୍ଠସ୍ଥ ପ୍ରାୟ ୪୦ ଖଣ୍ଡ ଗାଁରେ ଏହି ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଶ୍ୟାମପୁର, ଜାଗମରା, ଜାଗସରା, ଜାଗସରା ପାଟଣା, ତମାଣ୍ଡୋ, ପାତ୍ରପଡା, ଆଇଗିଣିଆ, ସରକନ୍ତରା, ଛତାବର, ନଁପୁଟ, ମଦନପୁର, ମୁଣ୍ଡମୁହାଁଣ, ଚନ୍ଦକା, ଶିମିଳିପାଟଣା, ମେଣ୍ଢାଶାଳ, ଦାରୁଠେଙ୍ଗ, ଘାଟିକିଆ, କାଟେଣୀ, ଭଗବାନପୁର, ମଳିପଡା, ଘଙ୍ଗାପାଟଣା, ସୁଆଙ୍ଗ, ବାହାଦଲପୁର, କଣ୍ଟାବାଡ, କାଇମାଟିଆ, ପଳାସପୁର, ଗଙ୍ଗପଡା, ଅନ୍ଧାରୁଆ, ମହୁରା, ପାଇକରାପୁର, ପାଇକରାପୁର (ମହାଜନ ସାହି), ପାଣିଓରା, କାଶିପୁର ଆଦି ଗ୍ରାମଗୁଡ଼ିକରେ ଦୋଳ ଯାତ୍ରା ବେଶ ଧୁମଧାମରେ ପାଳନ କରାଯାଏ। କେତେକ ଗ୍ରାମରେ ପଞ୍ଚୁ ଦୋଳ ପାଳନ ହେଉଥିବା ବେଳେ ଆଉ କିଛି ଗ୍ରାମରେ ଦଶ ଦୋଳ ଓ ଭାଗବତ ମେଳଣ ଅନୁଷ୍ଠିତ ହୁଏ। କାଶିପୁର ଗ୍ରାମରେ ୪ ଦିନ ଧରି ଚାଲିଥିବା ଭାଗବତ ମେଳନ ଉତ୍ସବ ଗୁରୁବାର ଶେଷ ହୋଇଛି। ସୋମବାର ଗ୍ରାମର ବାଲୁଙ୍କେଶ୍ୱର ଦେବଙ୍କ ପୀଠରୁ ଥାନପତି ସୁସଜ୍ଜିତ ବିମାନରେ ବିରାଜମାନ ହୋଇ ମେଳଣ ପଡ଼ିଆକୁ ବିଜେ କରିବା ପରେ ମଙ୍ଗଳବାର ଭୋରରୁ ଜମାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜମାଣ ଦେଖିବା ପାଇଁ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ପରେ ପରେ ଉତ୍ସବକୁ ଆମନ୍ତ୍ରିତ ହୋଇଥିବା ଭାଇ ଗ୍ରାମ ଠାକୁରମାନେ ଗାଁ ମୁଣ୍ଡରେ ପହଞ୍ଚିଥିଲେ। ପରମ୍ପରା ଅନୁସାରେ, ଗ୍ରାମର ପୂଜକ ଭାଇ ଗ୍ରାମ ଠାକୁରମାନଙ୍କୁ ମେଳଣ ପଡିଆକୁ ପାଛୋଟି ନେଇଥିଲେ। ଗୁରୁବାର କୋଠ ଭୋଗ ଲାଗି ହେବାପରେ ଧୁମଧାମରେ ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୨୨ରୁ ଅଧିକ ଗାଁର ଠାକୁର ମେଳନ ଉତ୍ସବରେ ସାମିଲ ହୋଇଥିଲେ। ଘଣ୍ଟୁଆଙ୍କ ଘଣ୍ଟ ଶବ୍ଦ ସାଙ୍ଗକୁ ବାଜା ବାଣରେ ମେଳଣ ପଡିଆ କମ୍ପି ଉଠିଥିଲା। ମେଳନରେ ବିଭିନ୍ନ ପ୍ରକାରର ଆତସବାଜି ପ୍ରଦର୍ଶନ ହୋଇଥିଲା। ମେଳନ ଦେଖିବା ପାଇଁ ଆଖପାଖ ଗ୍ରାମର ଲୋକମାନଙ୍କ ଭିଡ଼ ଜମି ଥିଲା। ଏହି ଅବସରରେ ମଙ୍ଗଳବାର ଠାରୁ ଗୁରୁବାର ପର୍ଯ୍ୟନ୍ତ ଗ୍ରାମ କମିଟି ପକ୍ଷରୁ ଅପେରା ନାଟକ ପରିବେଷଣ କରାଯାଇଥିଲା।






# ଟିଏମ୍‌ସି ଜଙ୍ଗଲରାଜର ଅନ୍ତ ଆରମ୍ଭ: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ ; ପଶ୍ଚିମବଙ୍ଗର ଦମଦମରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଟିଏମସିକୁ ଟାର୍ଗେଟ କରିଛନ୍ତି ପ୍ରଧାନମନ୍ତ୍ରୀ । ଦୀପ ଲିଭିବା ପୂର୍ବରୁ ଫଡଫଡ ହେଉଛି । ପଶ୍ଚିମବଙ୍ଗ ପ୍ରଥମ ପର୍ଯ୍ୟାୟ ମତଦାନ ରାଜ୍ୟରେ ଟିଏମସିର ଜଙ୍ଗଲ ରାଜର ଅନ୍ତ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ଗୁରୁବାର ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ମତଦାନ ୧୫୨ଟି ଆସନରେ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ରେକର୍ଡ ମତଦାନ ହୋଇଥିଲା। ମୋଟ ୯୨ ପ୍ରତିଶତ ଭୋଟର ସେମାନଙ୍କର ମତଦାନ ଦେଇଥିଲେ। ଏହା ପରେ, ବିଜେପି ବଙ୍ଗଳାରେ ବିଜୟ ପାଇଁ ଗର୍ଜିଛି । ଦମଦମରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ବଙ୍ଗଳାରେ ଦୀର୍ଘ ସମୟ ଧରି ଯେଉଁ ପରିବର୍ତ୍ତନର ଲହରୀ ଦେଖାଯାଉଥିଲା, ଗତକାଲିର ପ୍ରଥମ ପର୍ଯ୍ୟାୟ ମତଦାନ ସେଥିରେ ମୋହର ଲଗାଇଛି। ଗତକାଲି ବିଜେପି ସପକ୍ଷରେ ଦେଖାଯାଇଥିବା ସମର୍ଥନ



ବିଜେପିର ବିଜୟର ବିଗୁଲ୍ ବଜାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ବଙ୍ଗଳାରେ, '' ଯେଉଁଠାରେ ଟିଏମସି ଗଣତନ୍ତ୍ରର ମନ୍ଦିରକୁ ଭାଙ୍ଗି ଦେଇଥିଲା, ସେହି ବଙ୍ଗଳାରେ, ଲୋକମାନେ ପ୍ରଥମ ପର୍ଯ୍ୟାୟରେ ଗଣତନ୍ତ୍ରର ମନ୍ଦିରକୁ ପୁନଃନିର୍ମାଣ କରିଛନ୍ତି । ଏବେ, ଦ୍ୱିତୀୟ ପର୍ଯ୍ୟାୟରେ, ଆପଣଙ୍କୁ ଏହି ଗଣତନ୍ତ୍ରର ମନ୍ଦିର ଉପରେ ବିଜୟର ପତାକା ଉତ୍ତୋଳନ କରିବାକୁ ପଡିବ । ଏବେ ଟିଏମସି ବହୁତ ଚିନ୍ତିତ। ଗତକାଲି ସାରା ରାତି ଟିଏମସି ତାର ଗୁଣ୍ଡାମାନଙ୍କୁ ମଇଦାନକୁ ଆସିବା ପାଇଁ ଶକ୍ତି ପ୍ରଦାନ କରୁଥିଲା । ମୁଁ ବଙ୍ଗଳାର ଲୋକଙ୍କୁ କହିବାକୁ ଚାହୁଁଛି, ମୁଁ ସମସ୍ତ ବିଜେପି କର୍ମୀଙ୍କୁ କହିବାକୁ ଚାହୁଁଛି ଯେ ଭୁଲନ୍ତୁ ନାହିଁ, ଏହା କ୍ରାନ୍ତିର ଭୂମି, ଏହା ବୀରମାନଙ୍କ ଭୂମି । ଭୁଲନ୍ତୁ ନାହିଁ ଯେ ଦୀପ ଲିଭିବା ଆଗରୁ ଫଡ଼ଫଡ଼ ହୁଏ । ମେ ୪ରେ ଫଳାଫଳ ଘୋଷଣା ହେବା ପରେ, ଟିଏମସି ଗୁଣ୍ଡାମାନେ ବଙ୍ଗଳାରେ ଲୁଚିବା ପାଇଁ ସ୍ଥାନ ପାଇବେ ନାହିଁ, ସେମାନଙ୍କୁ ରକ୍ଷା କରିବାକୁ କେହି ଆସିବେ ନାହିଁ । ଗତକାଲିର ପ୍ରଥମ ପର୍ଯ୍ୟାୟ ଭୋଟ୍ ଟିଏମସିର ଜଙ୍ଗଲ ରାଜର ଅନ୍ତ ଘୋଷଣା କରିଛି । '' ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, '' ଯଦି ବଙ୍ଗଳାରେ ବିଜେପି ସରକାର ଗଠନ ହୁଏ, ତେବେ ମଧ୍ୟବିତ୍ତ ବର୍ଗର କଲ୍ୟାଣ ଏଥିପାଇଁ ସର୍ବୋପରି ହେବ। ମଧ୍ୟବିତ୍ତ ବର୍ଗର ଜୀବନକୁ ସହଜ କରିବା ପାଇଁ, କେନ୍ଦ୍ର ସରକାର ଗତ ୧୧ ବର୍ଷ ମଧ୍ୟରେ ଅନେକ ନିଷ୍ପତ୍ତି ନେଇଛନ୍ତି । ୨୦୧୪ ପୂର୍ବରୁ, ଯେତେବେଳେ ଦିଲ୍ଲୀରେ ସରକାର ଟିଏମସିର ସମର୍ଥନରେ ପରିଚାଳିତ ହେଉଥିଲା, କେନ୍ଦ୍ର ସରକାର ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ ଉପରେ ଟିକସ ଲାଗୁ କରୁଥିଲେ । ଆମେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ ଉପରେ ଶୂନ୍ୟ ଟିକସ କରିଛୁ । ମେ ୪ରେ, ବିଜେପି ସରକାର ଗଠନ ହେବା ପରେ, ମହିଳାଙ୍କ ଉପରେ ହେଉଥିବା ସମସ୍ତ ଅତ୍ୟାଚାରର ଫାଇଲ ଖୋଲାଯିବ। ଏହା ହେଉଛି ମୋଦିଙ୍କ ଗ୍ୟାରେଣ୍ଟି । '

## ହୁଗୁଳି ନଦୀରେ ମୋଦୀଙ୍କ ଫଟୋଗ୍ରାଫି



କୋଲକାତା : ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଚାରରେ ବ୍ୟସ୍ତ ଅଛନ୍ତି। ବ୍ୟସ୍ତତା ଭିତରେ ଶୁକ୍ରବାର ସକାଳେ ପ୍ରଧାନମନ୍ତ୍ରୀ ହୁଗୁଳି ନଦୀରେ ବୋଟିଂ କରିଛନ୍ତି। ଡଙ୍ଗାରେ ବସି ସକାଳର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିଛନ୍ତି। ଏହା ସହ ନିଜର ଅନୁଭୂତିକୁ କ୍ୟାମେରା ଲେନ୍ସରେ କଏଦ କରିଛନ୍ତି। ବୋଟିଂ କରୁଥିବା ବେଳେ ମୋଦିଙ୍କ ଏହି ଫଟୋଗ୍ରାଫି ଫଟୋ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ପ୍ରଧାନମନ୍ତ୍ରୀଙ୍କୁ ଏକ୍ସ ଆକାଉଣ୍ଟରେ ଏହି ଫଟୋ ପୋଷ୍ଟ କରାଯାଇଛି। ପ୍ରଧାନମନ୍ତ୍ରୀ ତାଙ୍କ ପୋଷ୍ଟରେ ଲେଖିଛନ୍ତି ଯେ, 'ପ୍ରତି ବଙ୍ଗାଳୀଙ୍କ ପାଇଁ ଗଙ୍ଗା ନଦୀର ବିଶେଷ ମହତ୍ତ୍ୱ ରହିଛି। ଗଙ୍ଗା ବଙ୍ଗଳାର ଆତ୍ମା ରୂପରେ ପ୍ରବାହିତ ହେଉଛି। ଏହାର ପବିତ୍ର ଜଳରେ ଏକ ସଭ୍ୟତାର ଶାଶ୍ୱତ ଭାବନା ସମାହିତ ହୋଇ ରହିଛି।' ମୋଦି ପୁଣି ଲେଖିଛନ୍ତି ଯେ, 'ଆଜିର ସକାଳେ କୋଲକାତାରେ, ମୁଁ କିଛି ସମୟ ହୁଗୁଳୀ ନଦୀ କୂଳରେ ବିତାଇଲି। ମା ଗଙ୍ଗାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବାର ଏହା ଏକ ଅବସର। ନାବିକଙ୍କ ସହ ଭେଟିବାକୁ ସୁଯୋଗ ପାଇଲି। ସେମାନଙ୍କର ପରିଶ୍ରମ ପ୍ରଶଂସାର ପାତ୍ର।' ଆଉ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଜନତାଙ୍କୁ ଅଭିବାଦନ ଜଣାଇଛନ୍ତି। ଏହି ସମୟକୁ ସେ ଖାସ୍ ବୋଲି କହିଛନ୍ତି। ମୋଦି ଲେଖିଛନ୍ତି ଯେ, 'ମୁଁ ଏହି ମହାନ ନଦୀର ଫଟୋ ଉଠାଇବାକୁ ଚେଷ୍ଟା କରିଛି। ବିଦ୍ୟାସାଗର ସେତୁ ଏବଂ ହାୱଡା ପୋଲକୁ ନିକଟରୁ ଦେଖିବାକୁ ସୁଯୋଗ ପାଇଛି।'

## ବଙ୍ଗରେ ବମ୍ପର ଭୋଟିଂରେ ଖୁସି ସିଜେଆଇ ସୂର୍ଯ୍ୟକାନ୍ତ



ନୂଆଦିଲ୍ଲୀ ; ପ୍ରଥମ ପର୍ଯ୍ୟାୟ ମତଦାନରେ ପଶ୍ଚିମବଙ୍ଗର ଭୋଟରମାନେ ଯେପରି ପୂର୍ବ ସମସ୍ତ ରେକର୍ଡ ଭାଙ୍ଗି ଦେଇଛନ୍ତି, ତାହା ଦେଶର ଗଣତନ୍ତ୍ର ଏବଂ ସମ୍ବିଧାନର ରକ୍ଷକ ସୁପ୍ରିମକୋର୍ଟଙ୍କୁ ମଧ୍ୟ ଖୁସି କରିଛି । ଭାରତର ମୁଖ୍ୟ ବିଚାରପତି (ଉଔଓ) ସୂର୍ଯ୍ୟକାନ୍ତ ପ୍ରଥମ ପର୍ଯ୍ୟାୟରେ ୯୨%ରୁ ଅଧିକ ମତଦାନରେ ଖୁସି ପ୍ରକାଶ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଭୋଟରଙ୍କ ବିପୁଳ ଭୋଟ୍ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କୁ ମଧ୍ୟ ପ୍ରଭାବିତ କରିଛି । ସିଜେଆଇ ସୂର୍ଯ୍ୟକାନ୍ତ ବମ୍ପର ଭୋଟ୍ ହାର ଦେଖି ନିଜର ଖୁସି ପ୍ରକାଶ ନକରି ରହିପାରିଲେ ନାହିଁ । ଗୁରୁବାର ପଶ୍ଚିମବଙ୍ଗ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଅଧିକ ଭୋଟରଙ୍କ ମତଦାନ ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଝଓଜ) ଉପରେ ହୋଇଥିବା ଶୁଣାଣିରେ ପ୍ରମୁଖ ସ୍ଥାନ ପାଇଥିଲା । ଶୁଣାଣି ସମୟରେ, ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ପ୍ରଥମ ପର୍ଯ୍ୟାୟରେ ୯୨ ପ୍ରତିଶତରୁ ଅଧିକ ଭୋଟର ମତଦାନକୁ ନେଇ ବହୁତ ସନ୍ତୋଷ ପ୍ରକାଶ କରିଥିଲେ । ଏହା ସହିତ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ କେନ୍ଦ୍ରୀୟ ସୁରକ୍ଷା ବାହିନୀଙ୍କୁ ପ୍ରଶଂସା କରିଛନ୍ତି । ଏହି ସମୟରେ, ସଲିସିଟର ଜେନେରାଲ ତୁଷାର ମେହେଟା ମଧ୍ୟ ପଶ୍ଚିମବଙ୍ଗରେ ଅଧିକ ଭୋଟରଙ୍କ ମତଦାନକୁ ପ୍ରଶଂସା କରିଛନ୍ତି । ସେ ରାଜ୍ୟରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ସୁନିଶ୍ଚିତ କରିବାରେ କେନ୍ଦ୍ରୀୟ ସୁରକ୍ଷା ବାହିନୀର ଭୂମିକାକୁ ମଧ୍ୟ ପ୍ରଶଂସା କରିଛନ୍ତି । ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟରେ ୯୨.୮୮% ମତଦାନ- ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଶୁକ୍ରବାର ଦିନ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରକାଶିତ ସଦ୍ୟତମ ରଠଗ ତଥ୍ୟ ଅନୁଯାୟୀ, ୯୨.୮୮% ଭୋଟର ସେମାନଙ୍କର ମତଦାନ ଦେଇଛନ୍ତି, ଯାହା ଏକ ରେକର୍ଡ ସର୍ବାଧିକ । ତଥାପି, ବାଲଟ୍ ପେପର ଭୋଟ୍ ଯୋଡା ହେବା ପରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶା କରାଯାଉଛି ।

## ଯୁଦ୍ଧ ଭିତରେ ରୁଷିଆକୁ ଉପହାର ଦେଲା ଇରାନ

ତେହରାନ୍ : ଆମେରିକା-ଇରାନ ବିବାଦ ମଧ୍ୟରେ ଯୁଦ୍ଧବିରତିକୁ ବୃଦ୍ଧି କରିବା ପାଇଁ ପ୍ରୟାସ ଚାଲିଥିବା ବେଳେ, ପରିସ୍ଥିତି ଅଧିକ ଜଟିଳ ହେବାରେ ଲାଗିଛି। ରୁଷିଆ ଏବେ ଇରାନ ସହିତ ଉତ୍ତେଜନାରେ ସାମିଲ ହୋଇଯାଇଛି। ଇରାନ ରୁଷିଆ ସହିତ ଜଡିତ ଜାହାଜଗୁଡ଼ିକୁ ଛାଡ ଦେଇଛି। ଇରାନ କହିଛି ଯେ ଏହି ଜାହାଜଗୁଡ଼ିକରୁ କୌଣସି ଶୁଳ୍କ ନିଆଯିବ ନାହିଁ। ଇସ୍ରାଏଲ ଏବଂ ଲେବାନାନ ତିନି ସପ୍ତାହ ପାଇଁ ସେମାନଙ୍କର ଯୁଦ୍ଧବିରତିକୁ ବୃଦ୍ଧି କରିବାକୁ ରାଜି ହୋଇଛନ୍ତି। ହ୍ୱାଇଟ ହାଉସରେ ଏକ ବୈଠକ ପରେ, ଟ୍ରମ୍ପ ପରିସ୍ଥିତିକୁ "ସକାରାତ୍ମକ" ବୋଲି ବର୍ଣ୍ଣନା କରିଛନ୍ତି, କିନ୍ତୁ ସେହି ସମୟରେ ଇରାନ ଉପରେ ଚାପ ବଜାୟ ରଖିଛନ୍ତି। ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ତେହରାନ ଏକ ଶାନ୍ତି ପ୍ରସ୍ତାବ ଉପସ୍ଥାପନ ନ କରିବା ପର୍ଯ୍ୟନ୍ତ ଇରାନ ବିରୁଦ୍ଧରେ ନୌସେନା ଅବରୋଧ ଜାରି ରହିବ। ଏକ ରିପୋର୍ଟ ଅନୁଯାୟୀ, ଆମେରିକା ଏବଂ ଇରାନ ମଧ୍ୟରେ ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଆରମ୍ଭ ହୋଇପାରେ। ପାକିସ୍ତାନ ମାଧ୍ୟମରେ ଇସଲାମାବାଦରେ ସମ୍ଭାବ୍ୟ ଆଲୋଚନା ବିଷୟରେ ଆଲୋଚନା ହେଉଛି, ଯଦିଓ ଇରାନ ଏପର୍ଯ୍ୟନ୍ତ ଏହାର ଅଂଶଗ୍ରହଣକୁ ନିଶ୍ଚିତ କରିନାହିଁ। ଗୁରୁବାର ଦିନ ହର୍ମୁଜ ପ୍ରଣାଳୀ ନିକଟରେ ଆମେରିକା ନୌସେନା ଏକ ଇରାନୀ ମାଲବାହୀ ଜାହାଜକୁ ଜବତ କରିବା ପରେ ଉତ୍ତେଜନା ଆହୁରି ବୃଦ୍ଧି ପାଇଲା। ଇରାନ ଏହି "ଜକୁର" ବୋଲି କହିଛି ଏବଂ ପ୍ରତିଶୋଧ ନେବାକୁ ଧମକ ଦେଇଛି। ଟ୍ରମ୍ପଙ୍କ ତାଙ୍କ ବିବୃତ୍ତିରେ ନିରନ୍ତର ପରିବର୍ତ୍ତନ ଯୋଗୁ ମଧ୍ୟ ପରିସ୍ଥିତି ଜଟିଳ ହୋଇଛି। କେତେବେଳେ ସେ ଏକ ଆପୋଷ ସମାଧାନ ପାଇଁ ଆଶା ପ୍ରକାଶ କରନ୍ତି, ଆଉ କେତେବେଳେ ଏକ ନୂତନ ଯୁଦ୍ଧର ଚେତାବନୀ ଦିଅନ୍ତି।

## ଭାରତ ପ୍ରତି ଟ୍ରମ୍ପଙ୍କ 'ନର୍କ' ବୟାନକୁ କାଉଣ୍ଟର କଲା ଇରାନ

ନୂଆଦିଲ୍ଲୀ: ରତ ଓ ଚାଇନାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋଶାଲ ମିଡିଆରେ ନର୍କର ଗର୍ତ୍ତ ଭାବେ ଚିତ୍ରଣ କରିଛନ୍ତି। ଟ୍ରମ୍ପଙ୍କ ଏହି ନର୍କ ବୟାନକୁ ନେଇ ତାଙ୍କୁ କଟାକ୍ଷ କରିଛି ଇରାନ। ଆମେରିକାର ଜନ୍ମାଧିକାର ନାଗରିକତା ଆଇନରେ ପରିବର୍ତ୍ତନ ପ୍ରସଙ୍ଗରେ ମତ ରଖିବା ବେଳେ ଟ୍ରମ୍ପ ଭାରତ ପ୍ରତି ନର୍କ ଶବ୍ଦର ବ୍ୟବହାର କରିଥିଲେ। ଏବେ ଏକ୍ସ ଯୋଗେ ମୁମ୍ବାଇରେ ଅବସ୍ଥାପିତ ଇରାନ କନସ୍ୟୁଲେଟ ଜେନେରାଲ ମହାରାଷ୍ଟ୍ରର ସଂସ୍କୃତି ଓ ଐତିହ୍ୟ ସହ ଜଡ଼ିତ ଗୋଟିଏ ଭିଡିଓ ପୋଷ୍ଟ କରିଛି। ଏଠାକୁ ଆସିବା ପରେ ଟ୍ରମ୍ପଙ୍କ ସାଂସ୍କୃତିକ ଡିଟକ୍ସ ହୋଇଯିବ ବୋଲି ମଧ୍ୟ ଏଥିରେ କୁହାଯାଇଛି। କନସ୍ୟୁଲେଟ ପକ୍ଷରୁ କୁହାଯାଇଛି ଯେ "ସମ୍ଭବତଃ କାହାକୁ ଟ୍ରମ୍ପଙ୍କ ପାଇଁ ଏକତରଫା ସାଂସ୍କୃତିକ ବିଷହରଣ(ଡିଟକ୍ସ) ଯାତ୍ରା ବୁକ କରିବା ଦରକାର। ଏହାଦ୍ୱାରା ସମ୍ଭବତଃ ସେ ବିନା କାରଣରେ କରୁଥିବା ଫାଲତୁ ଆଳାପ ବନ୍ଦ ହୋଇଯିବ। କେତେ ବେଳେ ଭାରତ ଆସି ଦେଖନ୍ତୁ, ତା'ପରେ କହିବେ।"



ଆମେରିକରୟ ରାଜନୀତିକ ଭାଷ୍ୟକାର ତଥା ରେଡିଓ ଉପସ୍ଥାପକ ମାଇକେଲ ସାଭେଜଙ୍କ ପୋଡକାଷ୍ଟକୁ ଟ୍ରମ୍ପ ରିପୋଷ୍ଟ କରିବା ପରେ ବିବାଦ ଦେଖାଯାଇଛି। ଏଥିରେ ସେ ଭାରତ, ଚାଇନ ଓ ଅନ୍ୟ ଦେଶକୁ ହେଲ ହୋଲ୍ସ ବୋଲି କହୁଛନ୍ତି। ଏହି ନର୍କ ବୟାନ ଜରିଆରେ ସେ ଆମେରିକାରେ ପ୍ରଚଳିତ ଜନ୍ମାଧିକାର ନାଗରିକତା ଆଇନର ପରିବର୍ତ୍ତନ ପାଇଁ ଓକିଲାତି କରିଛନ୍ତି। ସାଭେଜ ଅଭିଯୋଗ କରିଛନ୍ତି ଯେ ଦୁଇ ଏସୀୟ ରାଷ୍ଟ୍ରର ଲୋକ ଆମେରିକା ଆସୁଛନ୍ତି ଓ ୯ ମାସରେ ପିଲା ଜନ୍ମ କରୁଛନ୍ତି। ସେମାନଙ୍କୁ ତୁରନ୍ତ ଆମେରିକାର ନାଗରିକ ବନାଇ ଦେଉଛନ୍ତି। ସାଭେଜଙ୍କ ଏପରି ଟିପ୍ପଣୀକୁ ଶେୟାର କରି ଟ୍ରମ୍ପ ଏଥିରେ ଏକମତ ଥିବା ମଧ୍ୟ ପରୋକ୍ଷରେ କହିଛନ୍ତି। ଭାରତ ସରକାର ଟ୍ରମ୍ପଙ୍କ ଏପରି ବୟାନକୁ କଡ଼ା ନିନ୍ଦା କରିଥିଲେ। ତେବେ ଟ୍ରମ୍ପଙ୍କ ନାଁ ଭାରତ ସରକାର ନେଇ ନଥିଲେ। ହେଲେ ଏବେ ଇରାନ ସିଧା ଟ୍ରମ୍ପଙ୍କ ନାଁ ନେଇ ଭାରତ ବିରୋଧୀ ବୟାନକୁ ସମାଲୋଚନା କରିଛି।

## ମେଡିକାଲ୍ ରିପୋର୍ଟ ସାର୍ବଜନୀନ କଲେ ନେତାନ୍ୟାହୁ

ଜେରୁଜେଲମ, : ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ତାଙ୍କର ବାର୍ଷିକ ଚିକିତ୍ସା ରିପୋର୍ଟ ସାର୍ବଜନୀନ କରି ବିଶ୍ୱକୁ ଆଶ୍ଚର୍ଯ୍ୟ କରିଛନ୍ତି। ଯୁଦ୍ଧ ଏବଂ କୂଟନୀତିର କେନ୍ଦ୍ରସ୍ଥଳରେ ଥିବା ନେତାନ୍ୟାହୁ ପ୍ରକାଶ କରିଛନ୍ତି ଯେ କିଛି ସମୟ ଧରି ସେ ଏକ ଗୁପ୍ତ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ସହିତ ଲଢୁଥିଲେ; ତଥାପି, ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ଫିଟ। ୭୬ ବର୍ଷ ବୟସରେ ମଧ୍ୟ ତାଙ୍କର ଶାରୀରିକ ସୁସ୍ଥତା ଏବଂ ତାଙ୍କ କାମ ପ୍ରତି ଅଟଳ ସମର୍ପଣ ବିଶେଷଜ୍ଞମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ନେତାନ୍ୟାହୁଙ୍କ ଡାକ୍ତରୀ ରିପୋର୍ଟ ଅନୁଯାୟୀ, କିଛି ସମୟ ପୂର୍ବରୁ ତାଙ୍କ ପ୍ରୋଷ୍ଟେଟରେ ଏକ ଛୋଟ ସ୍ଥାନ ଚିହ୍ନଟ ହୋଇଥିଲା। ପରୀକ୍ଷା ପରେ, ଡାକ୍ତରମାନେ ନିଶ୍ଚିତ କରିଥିଲେ ଯେ ଏହା ଏକ ପ୍ରାରମ୍ଭିକ ପର୍ଯ୍ୟାୟର ମାଲିଗ୍ନାଣ୍ଟ – କିମ୍ବା କର୍କଟ ରୋଗ – ଟ୍ୟୁମର ଥିଲା। ଡାକ୍ତରମାନେ ଉଲ୍ଲେଖ କରିଛନ୍ତି ଯେ ନେତାନ୍ୟାହୁଙ୍କ ବୟସର ପୁରୁଷମାନଙ୍କ ମଧ୍ୟରେ ଏପରି ସ୍ଥାନ ଖୋଜିବା ଏକ ସାଧାରଣ ଘଟଣା। ତାଙ୍କୁ ଦୁଇଟି ବିକଳ୍ପ



ପ୍ରଦାନ କରାଯାଇଥିଲା: କୌଣସି ସକ୍ରିୟ ପଦକ୍ଷେପ ନ ନେଇ କେବଳ ସମୟ ସମୟରେ ଅବସ୍ଥା ଉପରେ ନଜର ରଖିବା, କିମ୍ବା ଏହାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରିବା ପାଇଁ ତୁରନ୍ତ ଚିକିତ୍ସା କରିବା। ତାଙ୍କ ସ୍ୱାସ୍ଥ୍ୟ ଅପଡେଟ ସେୟାର କରି ନେତାନ୍ୟାହୁ କହିଛନ୍ତି, 'ଯେତେବେଳେ ମୁଁ ସମୟୋଚିତ ଭାବରେ କୌଣସି ବିପଦ ବିଷୟରେ ସଚେତନ ହୁଏ, ମୁଁ ଏହାକୁ ତୁରନ୍ତ ଦୂର କରିବାକୁ ଚାହେଁ – ଏହା ଦେଶ କିମ୍ବା ମୋର ବ୍ୟକ୍ତିଗତ ଜୀବନ ପାଇଁ ଉଦ୍ଦିଷ୍ଟ ହେଉ। ମୁଁ ମୋ ରୋଗ ସହିତ ଠିକ ସେହିପରି କରିଥିଲି।' ଏହି ରୋଗ ନିର୍ଣ୍ଣୟ ପାଇବା ପରେ, ନେତାନ୍ୟାହୁ ବିଳମ୍ବ ନକରି ଲକ୍ଷ୍ୟଭେଦୀ ଚିକିତ୍ସା ଆରମ୍ଭ କରିଥିଲେ। ଡାକ୍ତରୀ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ଏହି ଚିକିତ୍ସା ପରେ, ଟ୍ୟୁମର ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବରେ ଦୂର ହୋଇସାରିଛି, ଏବଂ ସେ ସମ୍ପୂର୍ଣ୍ଣ କର୍କଟ ମୁକ୍ତ। ତାଙ୍କ ରିପୋର୍ଟ ଶେୟାର କରିବା ସମୟରେ, ନେତାନ୍ୟାହୁ ଇସ୍ରାଏଲର ନାଗରିକମାନଙ୍କୁ ଏକ ଭାବପ୍ରବଣ ନିବେଦନ ମଧ୍ୟ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଜୀବନ ରକ୍ଷା ପାଇଁ ସମୟୋଚିତ ଡାକ୍ତରୀ ଯାଞ୍ଚ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଜନସାଧାରଣଙ୍କୁ ଡାକ୍ତରଙ୍କ ପରାମର୍ଶ ପାଳନ କରିବାକୁ ଏବଂ ସେମାନଙ୍କ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାକୁ ଅନୁରୋଧ କରିଥିଲେ। ଏହା ସହିତ, ସେ ଚାଲିଥିବା ସଂଘର୍ଷରେ ଆହତ ଇସ୍ରାଏଲୀ ସୈନିକ ଏବଂ ସାଧାରଣ ନାଗରିକଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିଲେ।

## ହୋର୍ମୁଜରେ ଇରାନର ଗୁଣ୍ଡାଗର୍ଦ୍ଦି ପରେ ଆକ୍ସନ ମୋଡ୍‌ରେ ଇଣ୍ଡିଆନ୍ ନେଭି !

ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଏବେ 'ହୋର୍ମୁଜ ପ୍ରଣାଳୀ' ବିଶ୍ୱ ଯୁଦ୍ଧର ନୂଆ କେନ୍ଦ୍ରବିନ୍ଦୁ ପାଲଟିଛି । ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ଜାରି ରହିଥିବା ସଂଘର୍ଷ ଯୋଗୁଁ ସାମୁଦ୍ରିକ ବ୍ୟାପାର ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଗୋଟେ ପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଠୋର ଚେତାବନୀ ଏବଂ ଅନ୍ୟପଟେ ଇରାନ ନୌସେନାର 'ଡାଇରେକ୍ଟ ଆକ୍ସନ' ସମୁଦ୍ର ମଧ୍ୟରେ ଆତଙ୍କ ଖେଳାଇ ଦେଇଛି । ଏହି ସଙ୍କଟମୟ ସ୍ଥିତିରେ ଭାରତୀୟ ନୌସେନା ନିଜର ଆଭିମୁଖ୍ୟ ସ୍ପଷ୍ଟ କରି କହିଛି 'ଆମ ସାଙ୍ଗରେ ଲାଗିଲେ ଆମେ ଛାଡ଼ିବୁନି' । ନିକଟରେ ଭାରତୀୟ ନୌସେନା ମୁଖ୍ୟ ଆଡମିରାଲ ଡି.କେ. ତ୍ରିପାଠୀ ଦେଶର ନୂତନ ସାମୁଦ୍ରିକ ସୁରକ୍ଷା ରଣନୀତି ଜାରି କରିଛନ୍ତି । ଏହି ରଣନୀତିରେ ହୋର୍ମୁଜ ପ୍ରଣାଳୀକୁ ଭାରତ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବା 'ପ୍ରାଇମେରୀ ଏରିଆ ଅଫ୍ ଇଣ୍ଟ୍ରେଷ୍ଟ' ଭାବେ ଘୋଷଣା କରାଯାଇଛି । ଏହାର ଅର୍ଥ ହେଉଛି, ଏହି ଅଞ୍ଚଳରେ ହେଉଥିବା ପ୍ରତ୍ୟେକଟି ସାମରିକ ଓ ଭୂ-ରାଜନୈତିକ ଗତିବିଧି ଉପରେ ଭାରତୀୟ ନୌସେନାର ସିଧାସଳଖ ନଜର ରହିବ ଏବଂ ଆବଶ୍ୟକ ପଡ଼ିଲେ କଠୋର ପଦକ୍ଷେପ ନିଆଯିବ । ଗତ କିଛି ଦିନ ହେବ ଇରାନର ସୁରକ୍ଷା ବଳ ହୋର୍ମୁଜ ପ୍ରଣାଳୀରେ ବିଦେଶୀ ଜାହାଜଗୁଡ଼ିକୁ ଜବରଦସ୍ତ ଅଟକାଇବା ସହ ଗୁଳିମାଡ଼ କରୁଥିବା ଖବର ସାମ୍ନାକୁ ଆସୁଛି । ୧୮ ଏପ୍ରିଲ ୨୦୨୬ରେ ହୋର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଦୁଇଟି ଭାରତୀୟ ଜାହାଜ ଉପରକୁ ଇରାନ ସେନା ଗୁଳି ଚଳାଇଥିଲେ, ଯାହାଫଳରେ ଜାହାଜ ଦୁଇଟିକୁ ବାଧ୍ୟ ହୋଇ ପାରସ୍ୟ ଉପସାଗରକୁ ଫେରିବାକୁ ପଡ଼ିଥିଲା ।

## ପଶ୍ଚିମବଙ୍ଗରେ ହଟିବେ ଦିଦି, ଆସିବ ବିଜେପି:ଶାହ

ନୂଆଦିଲ୍ଲୀ ; କେନ୍ଦ୍ର ଗୃହମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଅମିତ ଶାହ କୋଲକାତାରେ ଏକ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । ଅମିତ ଶାହ କହିଛନ୍ତି, 'ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଗତକାଲି ବଙ୍ଗଳାରେ ବିପୁଳ ମତଦାନ



ହୋଇଥିଲା । ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ କୌଣସି ଜୀବନ ଯାଇନାହିଁ ଏହା ସୁନିଶ୍ଚିତ କରିବା ପାଇଁ ମୁଁ ନିର୍ବାଚନ କମିଶନ ଏବଂ ସୁରକ୍ଷା ବାହିନୀକୁ ଧନ୍ୟବାଦ ଜଣାଉଛି । ପ୍ରଥମ ପର୍ଯ୍ୟାୟରେ ଭୋଟ ଦେଇଥିବା ବଙ୍ଗଳାର ସମସ୍ତ ଭୋଟରଙ୍କୁ ମୁଁ ଅଭିନନ୍ଦନ । ଆପଣ ଭୟରୁ ବିଶ୍ୱାସକୁ ଯାତ୍ରା ଏତେ ସଫଳତାର ସହିତ ଆରମ୍ଭ କରିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟର ଭୋଟରମାନେ ମଧ୍ୟ ଭୟରୁ ବିଶ୍ୱାସକୁ ଏହି ଯାତ୍ରା ଜାରି ରଖିବେ। ବଙ୍ଗରେ ଦିଦି ଯିବେ ବିଜେପି ଆସିବ । ଆମେ ୧୫୦ରୁ ୧୧୦ ଆସନରେ ଜିତିବୁ । 'ଅମିତ ଶାହ କହିଛନ୍ତି ଯେ, '' ପ୍ରଥମ ପର୍ଯ୍ୟାୟରେ ବିଜେପି ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି ବିଜେପି ୧୫୨ ଆସନରୁ ୧୧୦ଟି ଜିତିବାକୁ ଯାଉଛି। ଦ୍ୱିତୀୟ ପର୍ଯ୍ୟାୟ ସମେତ, ସେମାନେ ବହୁମତ ସରକାର ଗଠନ କରିବାକୁ ପ୍ରସ୍ତୁତ। ଦିଦି ବଙ୍ଗଳା ଛାଡିବାକୁ ଯାଉଛନ୍ତି, ଏବଂ ବିଜେପି ଆସୁଛି । ଭୟ ଚାଲିଯିବ, ଏବଂ ବିଶ୍ୱାସ ଉଭା ହେବ। ବିପୁଳ ମାତ୍ରାରେ ଭୋଟିଂ ଦର୍ଶାଉଛି ଯେ ବେଙ୍ଗଲବାସୀ ପରିବର୍ତ୍ତନ ଚାହୁଁଛନ୍ତି । ପଶ୍ଚିମବଙ୍ଗରେ ବିଜେପିର ଜଣେ ବେଙ୍ଗଲୀ ନେତା ମୁଖ୍ୟମନ୍ତ୍ରୀ ହେବେ । ଅଙ୍ଗ-ବଙ୍ଗ- କଳିଙ୍ଗରେ ବିଜେପି ସରକାର ଲୋକଙ୍କ ସେବା କରିବ । ରାଜ୍ୟରେ ସରକାର ଆସିଲେ ଅନୁପ୍ରବେଶକାରୀଙ୍କୁ ରୋକିବା ଦିଗରେ କଡ଼ା ଆଭିମୁଖ୍ୟ ନିଆଯିବ ।'' ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ବିପୁଳ ଭୋଟିଂ କରିବାକୁ ଶାହ ଅପିଲ୍ କରିଛନ୍ତି । ଗୃହମନ୍ତ୍ରୀ ଅମିତ ଶାହ ସ୍ପଷ୍ଟ କରିଛନ୍ତି ଯେ, ବଙ୍ଗଳା ନିର୍ବାଚନରେ ବିଜୟୀ ହେବା ପରେ, କୌଣସି ବାହାର ବ୍ୟକ୍ତି ମୁଖ୍ୟମନ୍ତ୍ରୀ ହେବେ ନାହିଁ । ବିଜେପି କେବଳ ବଙ୍ଗଳାରେ ଜନ୍ମିତ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତ କରିବ । ସେ ବଙ୍ଗଳା କହିବେ ଏବଂ ବଙ୍ଗଳା ପାଇଁ କାମ କରିବେ। ଟିଏମସି ଏଥର ବଙ୍ଗଳାରେ ସରକାର ଗଠନ କରିବ ନାହିଁ । ମମତାଙ୍କ ଭଣଜା କେବେ ବି ବଙ୍ଗଳାର ମୁଖ୍ୟମନ୍ତ୍ରୀ ହେବେ ନାହିଁ। ତୃଣମୂଳ କଂଗ୍ରେସ କ୍ଷମତାରୁ ବାହାର ହୋଇଯିବା ନିଶ୍ଚିତ । ବିଜେପି ବଙ୍ଗଳାରେ ସମ୍ପୂର୍ଣ୍ଣ ବହୁମତ ସହିତ ସରକାର ଗଠନ କରିବ ।

## ସିଇସି ଜ୍ଞାନେଶ କୁମାରଙ୍କୁ ହଟାଇବାପାଇଁ ସଦ୍ୟ ଉଦ୍ୟମ

ନୂଆଦିଲ୍ଲୀ: ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କୁ ହଟାଇବାପାଇଁ ବିରୋଧୀ ଦଳ ଗୁଡ଼ିକ ପୁଣିଥରେ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବାପାଇଁ ରାଜ୍ୟସଭାରେ ଏକ ସଦ୍ୟ ନୋଟିସ୍ ଦାଖଲ କରିଛନ୍ତି। ଏହି ନୋଟିସ୍ରେ ୭୩ ସାଂସଦଙ୍କ ଦସ୍ତଖତ ରହିଛି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, ଦୁର୍ବ୍ୟବହାର ନେଇ ସିଇସିଙ୍କ ବିରୋଧରେ ୯ଟି ସ୍ୱତନ୍ତ୍ର ଅଭିଯୋଗ ରହିଛି। ଏହାସତ୍ତ୍ୱେ ସେ ସିଇସି ପଦରେ ରହିବା ସମ୍ବିଧାନ ପ୍ରତି ଏକ ଅପମାନ। ରମେଶ କହିଛନ୍ତି, ଜଣେ ବ୍ୟକ୍ତି ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଳନ କରିବାପାଇଁ ଅଫିସ୍ରେ ରହିବା ସମ୍ପୂର୍ଣ୍ଣ ଭାବେ ଅପମାନ। ପୂର୍ବରୁ ଟିଏମ୍ସି ସାଂସଦ ଏବଂ ମୁଖପାତ୍ର ଡେରେକ ଓବ୍ରାଏନ ଗତ ସୋମବାର କହିଥିଲେ ଯେ ବିରୋଧୀ ଦଳ ଗୁଡ଼ିକ ସିଇସିଙ୍କ ବିରୋଧରେ ଅତିରିକ୍ତ ଅଭିଯୋଗ ସହ ପୁଣି ଏକ ସଦ୍ୟ ମହାଭିଯୋଗ ପ୍ରସ୍ତାବ ଆଣିବେ। ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ୧୯ ରାଜନେ ?ତିକ ଦଳ ଏବଂ ପ୍ରାୟ ୩୦୦ ସାଂସଦ ସିଇସିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିଥିଲେ। ଚଳିତ ମାସ ଆରମ୍ଭରେ ସିଇସି କୁମାରଙ୍କୁ ହଟାଇବାପାଇଁ ସଂସଦର ଉଭୟ ଗୃହରେ ଦାଖଲ କରାଯାଇଥିବା ପ୍ରସ୍ତାବ ଉଭୟ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ସିପି ରାଧାକ୍ରୀଷ୍ଣନ୍ ପ୍ରତ୍ୟାଖ୍ୟାନ କରିଥିଲେ। କୁମାର ପକ୍ଷପାତ ଆଚରଣ କରୁଛନ୍ତି ବୋଲି ବିରୋଧୀ ଦଳ ଗୁଡ଼ିକ ଅଭିଯୋଗ କରିଥିଲେ। ଆଜି ଦାଖଲ ହୋଇଥିବା ପ୍ରସ୍ତାବରେ ଟିଏମ୍ସି, ଏସ୍ପି, ଡିଏମ୍କେ, ବାମ ଦଳ, ଶିବସେନା (ୟୁବିଟି) , ଏନ୍ସିପି (ଏସ୍ପି), ଆରଜେଡି, ଆଇୟୁଏମଏଲ ଏବଂ ଅନ୍ୟ ଦଳ ଗୁଡ଼ିକ ସ୍ୱାକ୍ଷର କରିଛନ୍ତି।

# ଦେଶର ଅଶୋଧିତ ତେଲ ଓ ଗ୍ୟାସ୍ ଉତ୍ପାଦନ ତଳମୁହାଁ

ନୂଆଦିଲ୍ଲୀ : ଲଗାତର ୧୧ ବର୍ଷ ଧରି ହ୍ରାସ ହୋଇଛି ଦେଶର ଅଶୋଧିତ ତେଲ ଉତ୍ପାଦନ । ସେହିଭଳି ଦ୍ୱିତୀୟ ବର୍ଷ ଲାଗି ପ୍ରାକୃତିକ ଗ୍ୟାସ ଉତ୍ପାଦନ କମିଛି । ପୁରୁଣା ଅଏଲ ଫିଲ୍ଡ ଗୁଡିକରୁ ଉତ୍ପାଦନ କମିବା ଏବଂ ନୂଆ ଫିଲ୍ଡ ନ ଯୋଡିବା ଯୋଗୁ ଉତ୍ପାଦନ କମିଛି । ଘରୋଇ ବଜାରରେ ଉତ୍ପାଦନ ହ୍ରାସ ହେଉଥିବାରୁ ଆମଦାନି ନିର୍ଭରତା ବଢୁଛି। ଦେଶ ଏବେ ଏହାର ମୋଟ ତେଲ ଚାହିଦାର ୮୯% ଆମଦାନି ଜରିଆରେ ପୂରଣ କରୁଛି । ସେହିଭଳି ଗ୍ୟାସ ଚାହିଦାର ୫୧% ଆମଦାନି ହେଉଛି । ଆମେରିକା ଏବଂ ଇରାନ ଯୁଦ୍ଧ ଯୋଗୁ ଏବେ ଆମଦାନିରେ ସମସ୍ୟା ଉପୁଜୁଛି । ବିଶୋଧନାଗାର ଗୁଡିକ ମାର୍ଚ୍ଚରେ ଉଚ୍ଚ ଦରରେ ତେଲ କିଣିଥିଲେ । ଏହା ସତ୍ତ୍ୱେ ମଧ୍ୟ ଯୋଗାଣ ସଙ୍କଟରେ ରହିଛି । ବିଗତ ବର୍ଷ ଗୁଡ଼ିକରେ ତେଲ ଏବଂ ଗ୍ୟାସ ଉତ୍ପାଦନକୁ ବୃଦ୍ଧି କରିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ । ଏହା ମଧ୍ୟରେ ଜାତୀୟ ଜିଓଲୋଜିକାଲ ଡାଟା ରିପୋଜିଟୋରି, ନିୟାମକ ଏବଂ ପରିବେଶ ମଞ୍ଜୁରି




ଏବଂ ଉତ୍ତୋଳନ କମ୍ପାନି ଗୁଡ଼ିକ ଉତ୍ସାହିତ ହେବା ଭଳି କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ତେବେ ଏହା ସତ୍ତ୍ୱେ ମଧ୍ୟ ବିଶ୍ୱ ସ୍ତରୀୟ କମ୍ପାନି ଗୁଡ଼ିକ ଭାରତର ତୈଳ ଏବଂ ଗ୍ୟାସ କ୍ଷେତ୍ରରେ ନିବେଶ ନେଇ ଆକୃଷ୍ଟ ହୋଇନାହାନ୍ତି ।

ଗତ ଦଶନ୍ଧିରେ ଲାଇସେନ୍ସ ପାଇଥିବା କମ୍ପାନି ଗୁଡ଼ିକ ମଧ୍ୟରେ ରାଷ୍ଟ୍ରାୟତ୍ତ ସଂସ୍ଥା ଗୁଡ଼ିକର ପତିଆରା ରହିଛି । ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଡାଟା ମୁତାବକ, ୨୦୨୫-୨୬ରେ ଦେଶ ମଧ୍ୟରେ ଅଶୋଧିତ ତେଲ ଉତ୍ପାଦନ ୨.୫% ହ୍ରାସ ହୋଇ ୨୮ ନିୟୁତ ମେଟ୍ରିକ ଟନ୍ ଛୁଇଁଛି । ୨୦୧୪-୧୫ ଠାରୁ ଏହି ଉତ୍ପାଦନ ପ୍ରାୟ ୨୨% ଖସିଛି । ସେହିଭଳି ପ୍ରାକୃତିକ ଗ୍ୟାସ ଉତ୍ପାଦନ ୩.୭% ହ୍ରାସ ହୋଇ ୩୪,୭୭୬ ନିୟୁତ ମେଟ୍ରିକ ଷ୍ଟାଣ୍ଡାର୍ଡ ଘନ ମିଟର ରହିଛି । ୨୦୧୧-୧୨ରେ ଏହା ୪୭,୫୫୫ ନିୟୁତ ଘନ ମିଟର ଥିଲା । ୨୦୨୧-୨୨ରେ ଏହା ୨୮,୬୭୨ ନିୟୁତ ଘନ ମିଟରକୁ କମିଥିଲା । ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଦ୍ୱାରା ପରିଚାଳିତ କେଜି-ଡି୬ ଅଞ୍ଚଳରୁ ଉତ୍ପାଦନ ଏହି ଅବଧିରେ ବଡ ପରିମାଣରେ ହ୍ରାସ ହୋଇଛି । ଏହି ଅଞ୍ଚଳରେ ନୂଆ ଫିଲ୍ଡ ବାର୍ଷିକ ଭିତ୍ତିରେ ୧୯% ବଢ଼ିଥିବା ବେଳେ ଉତ୍ପାଦନ ସେହି ଅନୁସାରେ ବଢ଼ି ପାରିନି । ସେହିଭଳି ଓଏନ୍‌ଜିସିର ଉତ୍ପାଦନ ମଧ୍ୟ ସେଭଳି ବଢ଼ିନି ।



# ମୁମ୍ବାଇ ବିପକ୍ଷରେ ଚେନ୍ନାଇର ବିଶାଳ ବିଜୟ




ମୁମ୍ବାଇ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୩ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍‌ସକୁ ଚେନ୍ନାଇ ସୁପର କିଙ୍ଗସ୍ ୧୦୩ ରନ୍‌ରେ ପରାସ୍ତ କରିଛି। ଚେନ୍ନାଇ ଟିମ୍ ଉଭୟ ବ୍ୟାଟିଂ ଏବଂ ବୋଲିଂ କ୍ଷେତ୍ରରେ ଦମଦାର ପ୍ରଦର୍ଶନ କରିଛି। ମୁମ୍ବାଇ ଟିମ୍ ୧୯ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୪ ରନ୍ ସଂଗ୍ରହ କରିପାରିଛି। ଚେନ୍ନାଇ ପାଇଁ ଅକିଲ ହୁସେନ ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିଲେ। ନୁର ଅହମଦଙ୍କୁ ୨ଟି ୱିକେଟ୍ ମିଳିଥିଲା ବେଳେ ମୁକେଶ ଚୌଧୁରୀ, ଅଂଶୁଲ କମ୍ବୋଜ, ଜେମି ଓଭରଟନ ଏବଂ ଗୁର୍ଜାପନିତ ସିଂହ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ମୁମ୍ବାଇ ୨୦୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। କିନ୍ତୁ ଦଳକୁ ଆରମ୍ଭରୁ ବଡ଼ ଝଟକା ଲାଗିଥିଲା। ସ୍କୋର ୧୧ ରନ୍ ମଧ୍ୟରେ ଆଗଧାଡ଼ିର ୩ଜଣ ଖେଳାଳି ଆଉଟ୍ ହୋଇଥିଲେ। ଏଥିରେ ଦାନିଶ ମାଲେୱାର, କ୍ୱିଣ୍ଟନ୍ ଡି' କକ୍ ଏବଂ ନମନ ଧୀର ସାମିଲ ଅଛନ୍ତି। ଡି' କକ୍ ମାତ୍ର ୭ ରନ୍ ସଂଗ୍ରହ କରିଥିଲା ବେଳେ ଅନ୍ୟ ୨ଜଣ ବ୍ୟାଟର ଶୂନ୍ୟ ରନ୍‌ରେ ଆଉଟ୍ ହୋଇଥିଲେ।

ଚତୁର୍ଥ ୱିକେଟ୍‌ରେ ମୁମ୍ବାଇ ୭୩ ରନ୍ ସଂଗ୍ରହ କରିଥିଲା। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏବଂ ଯୁବ ବ୍ୟାଟର ତିଳକ ବର୍ମା ଧୈର୍ଯ୍ୟର ସହିତ ଖେଳିଥିଲେ। ମୁମ୍ବାଇର ସ୍କୋର ୮୪ ରନ୍‌ରେ ତିଳକ ଆଉଟ ହୋଇଥିଲେ। ସେ ୨୯ଟି ବଲ୍ ଖେଳି ୫ଟି ଚୌକା ବଳରେ ୩୭ ରନ୍ ସଂଗ୍ରହ କରିଥିଲେ। ୱାଙ୍ଖେଡେ ଷ୍ଟାଡିୟମରେ ଟସ୍ ଜିଣି ଆୟୋଜକ ମୁମ୍ବାଇ ଟସ୍ ଜିଣି ବୋଲିଂ ନିଷ୍ପତ୍ତି ନେଇଥିଲା। ଚେନ୍ନାଇକୁ ବ୍ୟାଟିଂ କରିବା ପାଇଁ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଆମନ୍ତ୍ରଣ କରିଥିଲେ। ସଂଜୁ ସାମସନଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଚେନ୍ନାଇ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୨୦୭ ରନ୍ କରିଥିଲା। ମୁମ୍ବାଇ ବିପକ୍ଷରେ ସଂଜୁ ସାମସନ ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ସେ ଅପରାଜିତ ଶତକ (୧୦୧ ରନ୍) ସଂଗ୍ରହ କରିଥିଲେ। ୫୪ଟି ବଲ୍ ଖେଳି ୧୦ଟି ଚୌକା ଏବଂ ୬ଟି ଛକା ମାରିଥିଲେ।

ଚେନ୍ନାଇ ପାଇଁ ସଂଜୁ ସାମସନ ଏବଂ ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ଇନିଂସ ଆରମ୍ଭ କରିଥିଲେ। ଉଭୟ ଖେଳାଳି ପ୍ରଥମ ୱିକେଟ୍ ପାଇଁ ୩୨ ରନ୍‌ର ଭାଗିଦାରୀ କରିଥିଲେ। ଗାଏକ୍ୱାର୍ଡ ଆଉଟ୍ ହେବା ପୂର୍ବରୁ ବ୍ୟକ୍ତିଗତ ଭାବେ ୨୨ ରନ୍ ସଂଗ୍ରହ କରିଥିଲେ। ଏଥିରେ ୩ଟି ଚୌକା ଏବଂ ଗୋଟିଏ ଛକା ସାମିଲ ଥିଲା। ଚେନ୍ନାଇ ପାଇଁ ସର୍ଫରାଜ ଖାନ ୧୪ ରନ୍, ଡେୱାଲ୍ଡ ବ୍ରେଭିଜ୍ ୨୧ ରନ୍, କାର୍ତ୍ତିକ ଶର୍ମା ୧୮ ରନ୍, ଜେମି ଓଭରଟନ୍ ୧୫ ରନ୍ ସଂଗ୍ରହ କରିଥିଲେ। ମୁମ୍ବାଇ ପକ୍ଷରୁ ଏଏମ୍ ଗଜନଫର ଏବଂ ଅଶ୍ୱନୀ କୁମାରଙ୍କୁ ୨-୨ ୱିକେଟ୍ ମିଳିଥିଲା। ଦ୍ରୁତ ବୋଲର ଜସପ୍ରିତ ବୁମରା ଏବଂ ମିଚେଲ ସାଣ୍ଟନର ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

# ପନ୍ତ, ପୁରନ୍‌ଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଜାରି



ଲକ୍ଷ୍ନୌ: ଚଳିତ ଆଇପିଏଲ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ଏହି ଦଳ ଏପର୍ଯ୍ୟନ୍ତ ୭ ମ୍ୟାଚ୍‌ରୁ ମାତ୍ର ଦୁଇଟିରେ ବିଜୟ ହାସଲ କରି ପଏଣ୍ଟ୍ ଟେବୁଲର ନବମ ସ୍ଥାନରେ ରହିଛି। ଦଳର ଏହି ଖରାପ ପ୍ରଦର୍ଶନ ପରେ ଦୁଇ ଦାମୀ ଖେଳାଳି ଋଷଭ ପନ୍ତ ଓ ନିକୋଲାସ୍ ପୁରନଙ୍କ ଉପରେ ଚାପ ବଢ଼ିଯାଇଛି। କାରଣ ଏହି ଦୁଇଜଣ ନିଜ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। ଏହି ଦୁଇ ଖେଳାଳିଙ୍କୁ କିଣିବାକୁ ଲକ୍ଷ୍ନୌ ମୋଟ ୪୮ କୋଟି ( ପନ୍ତ ୨୭ ଓ ପୁରନ ୨୧ କୋଟି) ବ୍ୟୟ କରିଥିବାବେଳେ ଫଳଘର ଶୂନ ରହିଛି।

ପନ୍ତ ଏପର୍ଯ୍ୟନ୍ତ ଛ' ମ୍ୟାଚ୍‌ରୁ ୨୯.୪୦ ହାରାହାରି ସହ ମୋଟ ୧୪୭ ରନ୍ କରିଛନ୍ତି। ତାଙ୍କର ଏକମାତ୍ର ବଡ଼ ସ୍କୋର (୬୮* ରନ୍) ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଆସିଥିଲା ଓ ଏହି ମ୍ୟାଚ୍‌ରେ ଲକ୍ଷ୍ନୌ ଜିତିଥିଲା। ସେହିପରି ପୁରନ୍‌ଙ୍କ ପ୍ରଦର୍ଶନ ଆହୁରି ଖରାପ ରହିଛି। ସେ ଏପର୍ଯ୍ୟନ୍ତ ଛ' ମ୍ୟାଚ୍‌ରୁ ୮.୫ ହାରାହାରି ସହ ମାତ୍ର ୫୧ ରନ୍ କରିଛନ୍ତି। ଦଳର ଅନ୍ୟ ଦୁଇ ବିଦେଶୀ ଖେଳାଳିଙ୍କ ମଧ୍ୟରୁ ଐଡେନ୍ ମାର୍କରାମ୍ କିଛିଟା ଭଲ ପ୍ରଦର୍ଶନ କରିଥିଲେ ବି ମିଚେଲ୍ ମାର୍ଶଙ୍କ ପ୍ରଦର୍ଶନ ଭଲ ନାହିଁ।

# ଆଇପିଏଲ୍‌ରେ ପୁଣି ଥରେ ବୈଭବ ସୂର୍ଯ୍ୟବଂଶୀଙ୍କ ରେକର୍ଡ




ନୂଆଦିଲ୍ଲୀ : ୧୫ ବର୍ଷୀୟ ବିସ୍ମୟ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ଚଳିତ ଆଇପିଏଲ୍‌ରେ ଆଉ ଏକ ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି। ବୁଧବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ବିପକ୍ଷ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସର ଏହି ବ୍ୟାଟର ୨ଟି ନୂଆ ମାଇଲ୍‌ଖୁଣ୍ଟ ଛୁଇଁଛନ୍ତି। ସେ ସର୍ବକନିଷ୍ଠ ଖେଳାଳି ଭାବେ ଆଇପିଏଲ୍‌ରେ ୫୦୦ ରନ୍ ପୂରଣ କରିବା ସହ ବଲ୍ ମୁକାବିଲାରେ ଏହି ମାଇଲ୍‌ଖୁଣ୍ଟ ଛୁଇଁବାର ଦ୍ରୁତତମ ହୋଇଛନ୍ତି।

ସେ ୧୫ ବର୍ଷ ୨୬ ଦିନ ବୟସରେ ୫୦୦ ରନ୍ ପୂର୍ଣ୍ଣ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ସଂଜୁ ସାମ୍‌ସନ୍ ଓ ପୃଥ୍ୱୀ ସ'ଙ୍କ ନାମରେ ଥିଲା। ଏମାନେ ତାଙ୍କଠୁ ପ୍ରାୟ ୪ ବର୍ଷ ବୟସ ଅଧିକରେ କରିଥିଲେ। ସେହିପରି ମାତ୍ର ୨୨୭ ବଲ୍‌ରେ ୫୦୦ ରନ୍‌ପୂରଣ କରି ଗ୍ଲେନ୍ ମ୍ୟାକ୍ସୱେଲ୍‌ଙ୍କ ରେକର୍ଡ ଭାଙ୍ଗିଛନ୍ତି। ମ୍ୟାକ୍ସୱେଲ୍ ତାଙ୍କଠୁ ୩୩ ବଲ୍ ଅଧିକ ଖେଳି ୫୦୦ ରନ୍ ପୂରଣ କରିଥିଲେ। ଚଳିତ ଆଇପିଏଲ୍‌ରେ ସେ ୨୧୭ ଷ୍ଟ୍ରାଇକ୍‌ରେଟ୍‌ରେ ୨୫୪ ରନ୍ କରିସାରିଲେଣି। ସେ ମାରିଥିବା ୨ଟି ଯାକ ଅର୍ଦ୍ଧଶତକ ୧୫ ବଲ୍‌ରୁ ଆସିଛି। ଗତ ଋତୁରେ ସେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ୩୫ ବଲ୍‌ରେ ଶତକ ଅର୍ଜନ କରିଥିଲେ। ଯାହା ଭାରତୀୟ ଖେଳାଳି ଭାବେ ଆଇପିଏଲ୍‌ରେ ଦ୍ରୁତତମ ହୋଇଥିଲା।

# ଡକେଟ୍‌ଙ୍କ ସ୍ଥାନରେ ଦିଲ୍ଲୀରେ ରେହାନ ସାମିଲ



ନୂଆଦିଲ୍ଲୀ : ଇଂଲଣ୍ଡର ଅଲରାଉଣ୍ଡର ରେହାନ ଅହମ୍ମଦ ଆଇପିଏଲର ଅବଶିଷ୍ଟ ମ୍ୟାଚ ଲାଗି ଦିଲ୍ଲୀ କ୍ୟାପିଟାଲ୍‌ସରେ ସାମିଲ ହୋଇଛନ୍ତି। ବେନ୍ ଡକେଟ୍‌ଙ୍କ ସ୍ଥାନରେ ରେହାନଙ୍କୁ ଦିଲ୍ଲୀ କ୍ୟାପିଟାଲ୍‌ସ ଦଳରେ ସାମିଲ କରିଛି। ୨୧ ବର୍ଷୀୟ ରେହାନ ପ୍ରଥମ ଥର ପାଇଁ ଆଇପିଏଲରେ ସୁଯୋଗ ପାଇଛନ୍ତି।

ଦିଲ୍ଲୀ କ୍ୟାପିଟାଲ୍‌ସ ତାଙ୍କୁ ୭୫ ଲକ୍ଷ ଟଙ୍କାରେ ଦଳରେ ସାମିଲ କରିଛି। ରେହାନ ଇଂଲଣ୍ଡ ପାଇଁ ବିଭିନ୍ନ ଫର୍ମାଟରେ ୨୭ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ଟି୨୦ ବିଶ୍ୱକପ-୨୦୨୬ରେ ରେହାନ ସୁପର-୮ରେ ଶ୍ରୀଲଙ୍କା ବିପକ୍ଷରେ ମାତ୍ର ଗୋଟିଏ ମ୍ୟାଚ ଖେଳିବାର ସୁଯୋଗ ପାଇଥିଲେ। ତାଙ୍କ ନିକଟରେ ଦ' ହଣ୍ଡ୍ରେଡ୍, ଆଇଏଲ -ଟି୨୦ ଓ ବିଗ୍ ବାସ୍ ଲିଗରେ ଖେଳିବାର ଅଭିଜ୍ଞତା ରହିଛି। ବାମହାତୀ ବ୍ୟାଟ୍‌ସମ୍ୟାନ ବେନ୍ ଡକେଟଙ୍କୁ ଦିଲ୍ଲୀ କ୍ୟାପିଟାଲ୍‌ସ ମିନି ଖେଳାଳି ନିଲାମରେ ୨ କୋଟି ଟଙ୍କାରେ କ୍ରୟ କରିଥିଲା। ବ୍ୟକ୍ତିଗତ କାରଣ ଦର୍ଶାଇ ଡକେଟ ଆଇପିଏଲରୁ ଓହରି ଯାଇଥିଲେ।

# ଆଇପିଏଲ୍ ଖେଳିବାକୁ ଷ୍ଟାର୍କଙ୍କୁ ଅନୁମତି



ନୂଆଦିଲ୍ଲୀ : ଦିଲ୍ଲୀ କ୍ୟାପିଟାଲ୍‌ସ ପାଇଁ ବଡ ଆଶ୍ୱସ୍ତିକର ଖବର। ଆଇପିଏଲରେ ଖେଳିବାକୁ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କୁ ଅନୁମତି ମିଳିଛି। ସେ ଶୁକ୍ରବାର ଦିଲ୍ଲୀ କ୍ୟାପିଟାଲ୍‌ସରେ ଯୋଗଦେବେ। ଦିଲ୍ଲୀ କ୍ୟାପିଟାଲ୍‌ସ ପରବର୍ତ୍ତୀ ମ୍ୟାଚ୍ ଏପ୍ରିଲ ୨୫ରେ ପଞ୍ଜାବ କିଙ୍ଗ୍‌ସ ଓ ୨୯ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ଖେଳିବ। କିନ୍ତୁ ଉକ୍ତ ଦୁଇ ମ୍ୟାଚରେ ଷ୍ଟାର୍କଙ୍କ ଖେଳିବାର ସମ୍ଭାବନା ନାହିଁ।

ସେ ମେ' ୧ରେ ଖେଳାଯିବାକୁ ଥିବା ରାଜସ୍ଥାନ ରୟାଲ୍‌ସ ବିପକ୍ଷରେ ଖେଳିବାର ସମ୍ଭାବନା ରହିଛି। ଷ୍ଟାର୍କ ଗତ ଆସେସ ଟେଷ୍ଟ ଶୃଙ୍ଖଳାରେ ସମସ୍ତ ୫ଟି ଯାକ ମ୍ୟାଚ ଖେଳିବା ସହିତ ପ୍ଲେୟାର ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ଏହା ପରେ ଗତ ଜାନୁଆରୀରେ ବିଗ୍ ବାସ୍ ଲିଗରେ ମଧ୍ୟ ଖେଳିଥିଲେ। ତେବେ କାନ୍ଧ ଓ କହୁଣୀରେ ଆଘାତ ଯୋଗୁ ପଡ଼ିଆରୁ ଦୂରେଇ ରହିଥିଲେ। ଏହି କାରଣରୁ ସେ ଆଇପିଏଲ-୨୦୨୬ରେ ପ୍ରାରମ୍ଭିକ କିଛି ମ୍ୟାଚ ଖେଳିନାହାନ୍ତି। ସେ ଫେରିବା ପରେ ଦିଲ୍ଲୀ କ୍ୟାପିଟାଲ୍‌ସର ବୋଲିଂ ବିଭାଗ ଅଧିକ ଶାଣିତ ହେବ। ଦିଲ୍ଲୀ କ୍ୟାପିଟାଲ୍‌ସ ଏବେ ସୁଦ୍ଧା ୬ଟି ମ୍ୟାଚ ଖେଳି ୩ଟି ବିଜୟ ଓ ୩ଟି ପରାଜୟ ସହ ୬ ପଏଣ୍ଟ ପାଇଛି।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ
ପ୍ରଜାତନ୍ତ୍ର ସାପ୍ତାହିକୀ
୨୬ ଏପ୍ରିଲ୍ -୦୨ ମଇ, ୨୦୨୬
ବିହାରରେ ସମ୍ରାଟ




**ଜାତୀୟ:** ସୀମା ନିର୍ଦ୍ଧାରଣ ବିଲ୍ କ'ଣ ?
**ଅନ୍ତର୍ଜାତୀୟ:** ଚୀନ୍ ସାଟେଲାଇଟ୍ ହେଲା, ଇରାନ୍‌ର ଗେମ୍ ଚେଞ୍ଜର !
**ବିଶେଷ ପ୍ରସଙ୍ଗ:** ଲୋନରୁ ଜେଲ୍: ଆଇପିଏଲ, ହିରୋ ମୁକୁଲ ଚୌଧୁରୀ
**କ୍ଷୁଦ୍ରଗଳ୍ପ :** ଭେଟି
**ନାରୀ :** ସୁନ୍ଦର ଦିଶିବା ପାଇଁ
**ଚଳଚ୍ଚିତ୍ର :** ଅଭିନେତ୍ରୀ ତମନ୍ନା ଭାଟିୟା, ଅଭିନେତ୍ରୀ ଅବନୀତ କୌର
**ଖେଳ:** ଇତିହାସ ରଚିଲେ ବୈଶାଳୀ
**ମୀନାବଜାର :** ଆଳୁ ଓ କଲରା, ଚର୍ଚ୍ଚାରେ: ଭାରତୀୟ ସଶସ୍ତ୍ରବଳକୁ ସୈନ୍ୟ ଯୋଗାଉଛନ୍ତି ୨ ଗାଁ, ବିଜ୍ଞାନ: ମସ୍ତିଷ୍କକୁ ଛୋଟ କରି ଦେଉଛି ସିଗାରେଟ୍, ପର୍ଯ୍ୟଟନ: ମା'ବାଳକୁମାରୀ, ଜାଣନ୍ତି କି ? : କପଡ଼ା, କାଗଜ, ଜୈବ ଉତ୍ପାଦର କଞ୍ଚାମାଲ୍ ସାଜିଛି କଦଳୀ ଗଛ, ସ୍ୱାସ୍ଥ୍ୟ: ଖରାଦିନେ ଆବଶ୍ୟକତାରୁ ଅଧିକ ପାଣି ପିଉଛନ୍ତି କି ?, ଧର୍ମ: ଏକାଦଶୀର ନାମ 'ମୋହିନୀ ଏକାଦଶୀ', କବିତା: ମାନସମନ୍ଥନ ଭଳି ଆହୁରି ଅନେକ ପ୍ରସଙ୍ଗ।
ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

# ରାଜସ୍ଥାନ ପାଇଁ ସର୍ବାଧିକ ୱିକେଟ୍ ନେଲେ ଆର୍ଚର



ନୂଆଦିଲ୍ଲୀ: ଆଇପିଏଲ-୧୯ର ବୁଧବାର ଲକ୍ଷ୍ନୌର ଏକ୍‌ନା ଷ୍ଟାଡ଼ିୟମରେ ଖେଳାଯାଇଥିବା ମ୍ୟାଚରେ ରାଜସ୍ଥାନ ରୟାଲ୍‌ସ ୪୦ରନରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସକୁ ପରାସ୍ତ କରିଛି। ମ୍ୟାଚରେ ରାଜସ୍ଥାନର ଦ୍ରୁତ ବୋଲର ଜେଫ୍ରା ଆର୍ଚର ୩ଟି ୱିକେଟ ନେଇ ବିଜୟରେ ବଡ଼ ଭୂମିକା ଗ୍ରହଣ କରିଥିଲେ। ଏଥି ସହିତ ଆର୍ଚର ରାଜସ୍ଥାନ ରୟାଲ୍‌ସ ପାଇଁ ସର୍ବାଧିକ ୱିକେଟ ହାସଲକାରୀ ବୋଲର ହୋଇଛନ୍ତି।

ଆର୍ଚର ରାଜସ୍ଥାନ ରୟାଲ୍‌ସ ପକ୍ଷରୁ ୬୮ଟି ୱିକେଟ ନେଇ ସେନ୍ ୱାଟ୍‌ସନଙ୍କ କୀର୍ତ୍ତିମାନକୁ ଭାଙ୍ଗିଛନ୍ତି। ୱାଟ୍‌ସନ ୬୭ଟି ୱିକେଟ ନେଇଥିଲେ। ଏମାନଙ୍କ ବାଦ୍ ଯୁଜୁବେନ୍ଦ୍ର ଚହଲ ୬୬ଟି ୱିକେଟ, ସିଦ୍ଧାର୍ଥ ତ୍ରିବେଦି ୬୫ଟି ଓ ସେନ୍ ୱାର୍ଣ୍ଣ ୫୮ଟି ୱିକେଟ ନେଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ମ୍ୟାଚରେ ଆର୍ଚର ଆଉ ଏକ ବଡ଼ ଉପଲବ୍ଧି ହାସଲ କରିଛନ୍ତି। ଆର୍ଚର ୪ ଓଭର ବୋଲିଂ କରି ଗୋଟିଏ ମେଡେନ ସହ ୨୦ରନରେ ୩ଟି ୱିକେଟ ହାସଲ କରିଥିଲେ। ସେ ମ୍ୟାଚରେ ମେଡେନ ଓଭର ବୋଲିଂ କରି ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି।

ଆଇପିଏଲ ଇତିହାସରେ ଆର୍ଚର ପ୍ରଥମ ବୋଲର ଯିଏ କି ନିକୋଲାସ ପୁରନଙ୍କ ବିପକ୍ଷରେ ମେଡେନ ହାସଲ କରିଛନ୍ତି। ବିସ୍ଫୋରକ ବ୍ୟାଟ୍‌ସମ୍ୟାନ ଭାବେ ପରିଚିତ ନିକୋଲାସ ପୁରନ ୨୦୧୯ରୁ ଆଇପିଏଲରେ ଖେଳି ଆସୁଛନ୍ତି। ସେ ୨୩୦୦ରୁ ଅଧିକ ରନ ମଧ୍ୟ କରିଛନ୍ତି। ଆଇପିଏଲ ଇତିହାସରେ କୌଣସି ବୋଲର ତାଙ୍କ ବିପକ୍ଷରେ ମେଡେନ ଓଭର ବୋଲିଂ କରିନଥିଲେ। ଯାହାକୁ ଆର୍ଚର ହାସଲ କରିଛନ୍ତି।

# ଅନ୍ତିମ ଦିନିକିଆରେ ନ୍ୟୁଜିଲାଣ୍ଡକୁ ହରାଇ ସିରିଜ୍ ଜିତିଲା ବାଂଲାଦେଶ



ଲକ୍ଷ୍ନୌ : ନଜମୁଲ ହୋସେନ ଶାଣ୍ଟୋଙ୍କ ଶତକ ଓ ପରେ ମୁସ୍ତାଫିଜୁର ରହମାନଙ୍କ ୫ ୱିକେଟ ସଫଳତା ବଳରେ ବାଂଲାଦେଶ ଗୁରୁବାର ଖେଳାଯାଇଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୫୫ ରନରେ ପରାସ୍ତ କରିଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଘରୋଇ ବାଂଲାଦେଶ ଦଳ ୨-୧ ବ୍ୟବଧାନରେ ଜିତି ନେଇଛି। ଶାଣ୍ଟୋଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ନାହିଦ ରାଣାଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୩୨ ରନ ମଧ୍ୟରେ ଟପ୍ ଅର୍ଡର ୩ ବ୍ୟାଟରଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଶାଣ୍ଟୋ ଓ ଲିଟନ ଦାସ ଚତୁର୍ଥ ୱିକେଟରେ ୧୬୦ ରନ ଯୋଡ଼ିଥିଲେ। ଲିଟନ ୭୬ (୩ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ଶାଣ୍ଟୋ ୧୦୫ (୯ ଚୌକା ଓ ୨ ଛକା) ରନର ଶତକୀୟ ପାଳି ଖେଳିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ତୋହିଦ ହୃଦୟ ଅପରାଜିତ ୩୩ (୨ ଚୌକା ଓ ୧ ଛକା) ଓ ଅଧିନାୟକ ମେହିଦି ହାସନ ମିରାଜ ୨୨ (୨ ଚୌକା) ରନ କରିଥିଲେ। ଫଳରେ ବାଂଲାଦେଶ ୫୦ ଓଭରରେ ୮ ୱିକେଟ ହରାଇ ୧୬୫ ରନ କରିଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ୱିଲିଅମ ଓରାଉକେ ୩ ୱିକେଟ ନେଇଥିବା ବେଳେ ବେନ ଲିଷ୍ଟର ଓ ଜେଡେନ ଲେନକ୍ସ ୨ଟି ଲେଖାଏ ୱିକେଟ ନେବାରେ ସକ୍ଷମ ହୋଇଥିଲେ। ଜବାବରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୪.୫ ଓଭରରେ ୨୧୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଡିନ ଫକ୍ସକ୍ରଫ୍ଟ ୭୫ (୭ ଛକା) ଓ ନିକ କେଲି ୫୯ (୬ ଚୌକା ଓ ୧ ଛକା) ରନ୍ କରିଥିଲେ। ବିଜୟୀ ଦଳ ପାଇଁ ମୁସ୍ତାଫିଜୁର ୫ ୱିକେଟ ନେଇଥିବା ବେଳେ ନାହିଦ ରାଣା ଏବଂ ଅଧିନାୟକ ମିରାଜ ୨ଟି ଲେଖାଏ ୱିକେଟ ହାତେଇଥିଲେ।

ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583